

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୧୧ ନଭେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 11 NOVEMBER 2020

Vol.No. 30 ■ No. 285 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ବହୁ ଅପେକ୍ଷାର ଅବସାନ ଘଟାଇ ଖୁବ୍ ଶୀଘ୍ର ପ୍ରକାଶ ପାଉଛି ପୂଜାସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ତିର୍ତ୍ତୋଲ ଓ ବାଲେଶ୍ୱରରେ ବିଜେଡିର ବାଜିମାତ୍




ଭୁବନେଶ୍ୱର,୧୦।୧୧ (ନି.ପ୍ର): ବାଲେଶ୍ୱର ସଦର ଓ ତିର୍ତ୍ତୋଲ ଉପନିର୍ବାଚନର ଫଳାଫଳ ବିଜେଡି ସପକ୍ଷରେ ଯାଇଛି। ସେହିପରି ଉଭୟ ଆସନରେ ବିଜେପି ଦ୍ୱିତୀୟ ସ୍ଥାନରେ ଓ କଂଗ୍ରେସ ତୃତୀୟ ସ୍ଥାନରେ ରହିଛି। ବାଲେଶ୍ୱରରେ ବିଜେଡି ପ୍ରାର୍ଥୀ ସ୍ୱରୂପ କୁମାର ଦାସ ନିକଟତମ ପ୍ରତିଦ୍ୱନ୍ଦୀ ମାନସ କୁମାର ଦତ୍ତଙ୍କୁ ୧୩,୩୫୧ ଭୋଟ୍ ରେ ହରାଇ ବିଜୟୀ ହୋଇଛନ୍ତି। ତିର୍ତ୍ତୋଲରେ ମଧ୍ୟ ବିଜେଡି ପ୍ରାର୍ଥୀ ବିଜୟ ଶଙ୍କର ଦାସ ୪୧,୭୦୩ ଭୋଟ୍‌ରେ ବିଜୟୀ ହୋଇଛନ୍ତି। ବାଲେଶ୍ୱର ସିଟ୍ ବିଜେପି ହାତମୁଠାରୁ ଖସି ବିଜେଡି ହାତକୁ ଯାଇଛି। ତେବେ ତିର୍ତ୍ତୋଲରେ ବିଜେଡି ତାର ଗଡ ବଜାୟ ରଖିଛି। ଉପନିର୍ବାଚନରେ ବିଜୟ ହାସଲ କରିଥିବାରୁ ପ୍ରାର୍ଥୀଙ୍କୁ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି। ଏହାସହ ବିଜୁ ଜନତା ଦଳର ସବୁ କର୍ମୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ବିଜୟ ପରେ ବିଜେଡି ଜୋନ୍ ରେ ଖୁସିର ଲହରୀ ଖେଳି ଯାଇଛି। ସବୁଆଡେ ସେଲିବ୍ରେସନ୍ ର ମାହୋଲ ଦେଖାଦେଇଛି। ବିଧିବଦ୍ଧ ଭାବେ ରେଜଲ୍ଟ ଘୋଷଣା ପୂର୍ବରୁ ବିଜେଡି ରାଜ୍ୟ କାର୍ଯ୍ୟାଳୟରେ ନେତା ଓ କର୍ମୀ ମାନେ ଉତ୍ସବ ମନାଇଥିଲେ। ବାଲେଶ୍ୱରରେ ବିଜେଡିର ବିଜୟ ବାନା ଉଡିଛି। ବିଜେଡି ପ୍ରାର୍ଥୀ ସ୍ୱରୂପ ଦାସ ୧୩ ହଜାରରୁ ଅଧିକ ଭୋଟରେ ବିଜେପିର ମାନସ ଦତ୍ତଙ୍କୁ ପରାଜିତ କରିଛନ୍ତି।୨୦୧୯ ନିର୍ବାଚନରେ ବିଜେପି କବଜାରେ ବାଲେଶ୍ୱର ସଦର ଥିବା ବେଳେ ଏଥର କିନ୍ତୁ ଶଙ୍ଖ ଶୁଭିଛି। ବିଜେପି ବିଧାୟକ ମଙ୍ଗୁ ଦତ୍ତଙ୍କ ପରଲୋକ ପରେ ଉପନିର୍ବାଚନ ହେଉଛି । ଯେଉଁଥିଲେ ବିଜେପି ପକ୍ଷରୁ ପୁଅ ମାନସ ଦତ୍ତଙ୍କୁ ପ୍ରାର୍ଥୀ କରି ପୁଣି ବାଲେଶ୍ୱରରେ ପଦ୍ମ ଫୁଟାଇବାକୁ ଆଶା ରଖିଥିଲା ବିଜେପି । ହେଲେ ସବୁ କଳ୍ପନା ଜଳ୍ପନାରେ ପୂର୍ଣ୍ଣଚ୍ଛେଦ ଟାଣି ବିଜେଡି ବିଜୟୀ ହୋଇଛି । ଗଣତି ଆରମ୍ଭରେ ଅନେକ ରାଉଣ୍ଡରେ ବିଜେଡି ଆଗରେ ରହିଥିଲା କିନ୍ତୁ ଗଣତି ଶେଷ ହୋଇ ଆସିବା ବେଳକୁ ବିଜେପି- ବିଜେଡି ମଧ୍ୟରେ କଡା ଟକ୍କର ଦେଖିବାକୁ ମିଳିଥିଲା । ବାଲେଶ୍ୱରର ଉପରେ ଥିଲା ସମସ୍ତଙ୍କ ନଜର। ବାଲେଶ୍ୱରରେ ସମ୍ମାନ ବାଜିରେ ଲାଗିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାଲେଶ୍ୱର ବିକାଶ ଦାୟିତ୍ୱ ନେବେ ବୋଲି କହିଥିଲେ। ବାଲେଶ୍ୱରରେ ବିଜେଡି ବଡ ବଡ ନେତାଙ୍କୁ ବାଲେଶ୍ୱର ଦାୟିତ୍ୱ ଦେଇଥିଲା। ମାରାଥନ ରାଲି, ପ୍ରଚାର, ପରିଶ୍ରମ ପାଇଁ ବିଜେଡି ପୁଣି ସଦରକୁ ଫେରିପାଇଛି । ଅପରପକ୍ଷରେ ବିଜେଡିର ଗଡ ତିର୍ତ୍ତୋଲକୁ ନିଜ କବଜାରେ ରଖିଛି ବିଜେଡି। ସଂରକ୍ଷିତ ଥିବା ଏହି ସିଟ୍ ରେ ବିଜେଡି ▶▶ପୃଷ୍ଠା ୭

## ଉପନିର୍ବାଚନ ବିଜୟ ପାଇଁ କର୍ମୀ ଓ ଭୋଟରଙ୍କୁ ଧନ୍ୟବାଦ ଦେଲେ ନବୀନ



ଭୁବନେଶ୍ୱର,୧୦।୧୧ (ନି.ପ୍ର): ବାଲେଶ୍ୱର ସଦର ଓ ତିର୍ତ୍ତୋଲ ବିଧାନସଭା ଉପନିର୍ବାଚନରେ ବିଜୟୀ ହୋଇଥିବା ପ୍ରାର୍ଥୀଙ୍କୁ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ କର୍ମୀ ଓ ଭୋଟରଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଛନ୍ତି। ସେ ଟ୍ୱିଟ୍ ରେ ଉଲ୍ଲେଖ କରିଛନ୍ତି ଯେ ବାଲେଶ୍ୱର ସଦର ଓ ତିର୍ତ୍ତୋଲ ବିଧାନସଭା ଉପନିର୍ବାଚନରେ ବିଜୟ ହାସଲ କରିଥିବା ବିଜେଡି ର ପ୍ରାର୍ଥୀଙ୍କୁ ଶୁଭେଚ୍ଛା। ଏହି ବିଜୟ ଆପଣମାନଙ୍କ ଭଲ ପାଇବା ଓ ଅକୁଣ୍ଠ ସମର୍ଥନର ପ୍ରତିଫଳନ। ଲୋକଙ୍କ ପାଖରେ ପହଂଚି ସେମାନଙ୍କ ହୃଦୟ ଜିଣିଥିବାରୁ ବିଜୁ ଜନତା ଦଳର ସମସ୍ତ କର୍ମୀଙ୍କୁ ସାଧୁବାଦ। କୋଭିଡ-୧୯ ସଙ୍କଟ ସମୟରେ ମତଦାନ କରି ଆମକୁ ଆଶୀର୍ବାଦ କରିଥିବା ବାଲେଶ୍ୱର ସଦର ଓ ତିର୍ତ୍ତୋଲବାସୀ ବିଶେଷ କରି ମହିଳାମାନଙ୍କୁ ମୋର କୃତଜ୍ଞତା ଜଣାଉଛି। ଏ ବିଜୟ ଆପଣମାନଙ୍କର ବିଜୟ। ଆପଣମାନଙ୍କ ଉନ୍ନତି ଓ କଲ୍ୟାଣ ପାଇଁ ବିଜୁ ଜନତା ଦଳ ସର୍ବଦା ସଂକଳ୍ପବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

### ସ୍କୁଲ ଫି ଛାଡ ମାମଲା

## ହାଇକୋର୍ଟଙ୍କ ଉପରେ ନିଷ୍ପତି ଛାଡିଲେ ଓଡିଶା ସରକାର




ଭୁବନେଶ୍ୱର,୧୦।୧୧ (ନି.ପ୍ର): କରୋନା ଯୋଗୁଁ ଲକ୍ ଡାଉନ୍ ସମୟରେ ବେସରକାରୀ ସ୍କୁଲ ଫି ଛାଡ କରିବା ପ୍ରସଙ୍ଗକୁ ନେଇ ମଙ୍ଗଳବାର ହାଇକୋର୍ଟରେ ଜବାବ ଦାଖଲ କରିଛନ୍ତି ରାଜ୍ୟ ସରକାର। ବେସରକାରୀ ସ୍କୁଲ ଫି ଛାଡ କରିବା ପ୍ରସଙ୍ଗକୁ ନେଇ ହାଇକୋର୍ଟଙ୍କ ଉପରେ ନିଷ୍ପତି ନେବା ଦାୟିତ୍ୱ ଛାଡ଼ିଛନ୍ତି ରାଜ୍ୟ ସରକାର। ରାଜ୍ୟ ସରକାରଙ୍କ ଜବାବ ଦାଖଲ ପରେ ଆସନ୍ତା ୨୩ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ପୂର୍ବରୁ ଏହି ମାମଲାରେ ସ୍ୱଷ୍ଟ ଆଭିମୁଖ୍ୟ ରଖିବାକୁ ସ୍କୁଲ ଓ ଗଣଶିକ୍ଷା ବିଭାଗକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । କରୋନା ମହାମାରୀ ସମୟରେ ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି । ପିଲା ସ୍କୁଲ ଯାଉନାହାନ୍ତି କିନ୍ତୁ ବେସରକାରୀ ସ୍କୁଲମାନେ ପିଲାମାନଙ୍କଠାରୁ ମାସିକ ଦେୟ ଆଦାୟ କରୁଛନ୍ତି । ଏହାକୁ ବିରୋଧ କରି ଅଭିଭାବକ ସଂଘ ସ୍କୁଲ ଫି ଛାଡ କରିବାକୁ ନେଇ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

## ଶୀତ ଅଧିବେଶନ ପୂର୍ବରୁ ହେବ କରୋନା ଟେଷ୍ଟ

### ୧୭ରୁ ୧୯ ଯାଏଁ ବିଧାୟକ , କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କର ହେବ କୋଭିଡ୍ ପରୀକ୍ଷା



ଭୁବନେଶ୍ୱର,୧୦।୧୧ (ନି.ପ୍ର): ଆସନ୍ତା ୨୦ରୁ ବିଧାନସଭା ଶୀତ ଅଧିବେଶନ ଆରମ୍ଭ ହେବାକୁ ଥିବା ବେଳେ ଏହା ପୂର୍ବରୁ କୋଭିଡ ଟେଷ୍ଟକୁ ବାଧ୍ୟତାମୂଳକ କରାଯାଇଛି। ବିଧାନସଭା ପରିସରରେ ନଭେମ୍ବର୧୭, ୧୮,ଓ ୧୯ ତାରିଖ ରେ ବିଧାୟକ ଓ ତାଙ୍କ ପିଏସଓ, ବିଧାନସଭା କର୍ମଚାରୀ, ଗଣମାଧମ ପ୍ରତିନିଧି ଓ ଅନ୍ୟ ପାସ୍ ଧାରୀ ଙ୍କର ଟେଷ୍ଟ କରାଯିବ। ସ୍ୱାସ୍ଥ୍ୟ ବିଭାଗ ଓ ବିଏମସି ତରଫରୁ ଆରଟିପିସିଆର ଟେଷ୍ଟ କରାଯିବ। ଟେଷ୍ଟ ରିପୋର୍ଟ ନେଗେଟିଭ ହେଲେ ବିଧାନସଭା ଅଧିବେଶନ ପାଇଁ ଅନୁମତି ମିଳିବ ବୋଲି ବିଧାନସଭା ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର ପ୍ରକାଶ କରିଛନ୍ତି। ମଙ୍ଗଳବାର ଦିନ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ ବାଚସ୍ପତି କହିଥିଲେ ଯେ ବିଧାନସଭା ଚାଲିଥିବା ସମୟରେ ଦ୍ୱିତୀୟ ପର୍ଯ୍ୟାୟରେ ଟେଷ୍ଟ ହେବ। ପ୍ରତିଦିନ ବିଧାନସଭା ପରିସରକୁ ସାନିଟାଇଜ କରାଯିବ। ସବୁଦିନ ତାପମାତ୍ରା ଓ ଲକ୍ଷଣ ଯାଂଚ କରି ଭିତରକୁ ଛଡାଯିବ। ବିଧାନସଭା ଚାଲିଥିବା ମଧ୍ୟରେ କାହାର ଲକ୍ଷଣ ପ୍ରକାଶ ପାଇଲେ ଆଂଟିଜେନ ଟେଷ୍ଟ କରାଯିବ। ସାମ୍ବାଦିକମାନଙ୍କୁ ମାସ୍କ ଓ ସାନିଟାଇଜର ମଧ ଦିଆଯିବ। ଗତଥର ଭଳି ଏଥର ମଧ ସଦସ୍ୟମାନେ ଭିଡିଓ କନଫରେନ୍ସିଂରେ ଭାଗ ନେଇପାରିବେ। ପୂର୍ବ ଅଧିବେଶନରେ ପ୍ରଶ୍ନକାଳ ବାତିଲ ହୋଇଥିବାରୁ ବିରୋଧିମାନେ ତୀବ୍ର ସମାଲୋଚନା କରିଥିଲେ। ତେଣୁ ଚଳିତ ଅଧିବେଶନରେ ପ୍ରଶ୍ନକାଳ ବାତିଲ କରାଯିବ ନା ଚାଲୁ ରହିବ ସେନେଇ କୌଣସି ନିଷ୍ପତି ନିଆଯାଇନାହିଁ ବୋଲି ବାଚସ୍ପତି କହିଛନ୍ତି। ଏହି ବୈଠକରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ , ଅତିରିକ୍ତ ମୁଖ୍ୟ ଶାସନ ସଚିବ ▶▶ପୃଷ୍ଠା ୭

### ନଭେମ୍ବର ୨୬ ନିର୍ମାଣ ଶ୍ରମିକଙ୍କ ଦେଶବ୍ୟାପୀ ଧର୍ମଘଟ ଡାକରା

ଭୁବନେଶ୍ୱର,୧୦।୧୧ (ନି.ପ୍ର): କେନ୍ଦ୍ର ସରକାରଙ୍କ ଶ୍ରମିକ-କର୍ମଚାରୀ ବିରୋଧୀ ନୀତି ବିରୋଧରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍ ଓ ସ୍ୱାଧୀନ ଫେଡେରେସନ୍ ଆହ୍ୱାନରେ ନଭେମ୍ବର ୨୬ ଦେଶବ୍ୟାପୀ ଧର୍ମଘଟରେ ସାମିଲ ହେବାପାଇଁ ନିର୍ମାଣ ଶ୍ରମିକ ୟୁନିୟନ୍ ସମନ୍ୱୟ କମିଟି ବୈଠକରେ ଆହ୍ୱାନ ଦିଆଯାଇଛି। ରାଜକିଶୋର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ ଆବାହକ ବିଜୟ ଜେନା ବକ୍ତବ୍ୟ ଦେଇ ନିର୍ମାଣ ଶ୍ରମିକଙ୍କ ବହୁବିଧ ସମସ୍ୟା ଉପରେ ଆଲୋକପାତ କରିଥିଲେ। ▶▶ପୃଷ୍ଠା ୭

## ରାଜ୍ୟରେ ଆଉ ୧୩ ଜଣଙ୍କର କରୋନାରେ ମୃତ୍ୟୁ : ମୃତ୍ୟୁ ସଂଖ୍ୟା ୧୪୫୪ ହେଲା



ଭୁବନେଶ୍ୱର,୧୦।୧୧ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୩ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୪୫୪ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ସମ୍ବଲପୁର ଓ ମୟୂରଭଂଜ ଜିଲ୍ଲାର ୩-୩ ଜଣ ଥିବା ବେଳେ ଖୋର୍ଦ୍ଧା ଓ ସୁନ୍ଦରଗଡ ଜିଲ୍ଲାରୁ ୨-୨ ଜଣ ଅଛନ୍ତି। ସେହିପରି ବାଲେଶ୍ୱର, କେନ୍ଦୁଝର ଓ ବରଗଡ ଜିଲ୍ଲାର ଜଣେ ଜଣେ ଅଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲାରେ ୬୧ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି। ବରଗଡ ଜିଲ୍ଲାରେ ଜଣେ ୬୭ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । ଭୁବନେଶ୍ୱରର ଜଣେ ୮୫ ବର୍ଷୀୟ କରୋନା ଆକ୍ରାନ୍ତ ମହିଳା ମୃତ୍ୟୁବରଣ କରିଛନ୍ତି। ଖୋର୍ଦ୍ଧା ଜିଲ୍ଲାର ଜଣେ ୫୪ ବର୍ଷୀୟ ▶▶ପୃଷ୍ଠା ୭

### ଭୁବନେଶ୍ୱରରୁ ୬୩ ପଜିଟିଭ୍ , ୯୩ ସୁସ୍ଥ

ଭୁବନେଶ୍ୱର,୧୦।୧୧ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ଏହି କ୍ରମରେ ରବିବାର ରାଜଧାନୀରୁ ଆଉ ୬୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରେ ୧୫ ଜଣ ସଂଗରୋଧ ଓ ୪୮ ଜଣ ସ୍ଥାନୀୟ ଅଂଚଳରୁ ଅଛନ୍ତି। ଅନ୍ୟପକ୍ଷରେ ୯୩ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ଏବଂ ଜଣଙ୍କର ମୃତ୍ୟୁ ହୋଇଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି। ନୂତନ ଆକ୍ରାନ୍ତଙ୍କୁ ମିଶାଇ ଭୁବନେଶ୍ୱରରୁ ଆଜି ପର୍ଯ୍ୟନ୍ତ ୨୯,୮୩୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଏଥିରୁ ୨୮,୮୫୩ ଜଣ ସୁସ୍ଥ ହୋଇସାରିଛନ୍ତି। ଏବେ ୭୭୯ ଜଣ ଆକ୍ରାନ୍ତ ସକ୍ରିୟ ଥିବା ବେଳେ ୧୮୪ ଜଣଙ୍କର ମୃତ୍ୟୁ ହୋଇଛି।

## ୧୨ ଡିଗ୍ରୀ ତଳେ ୭ ସହର

ଭୁବନେଶ୍ୱର,୧୦।୧୧ (ନି.ପ୍ର): ରାଜ୍ୟରେ ଶୀତ ବଢିବାରେ ଲାଗିଛି। ବିଶେଷ କରି ପଶ୍ଚିମ ଓ ଦକ୍ଷିଣ ଓଡିଶାରେ ପାରଦ ଖସୁଛି। ଏହି କ୍ରମରେ ମଙ୍ଗଳବାର ଓଡିଶାର ୬ ଟି ସହର ତାପମାତ୍ରା ୧୨ ଡିଗ୍ରୀ ସେଲସିୟସ୍ ତଳେ ରହିଛି। ସୋନପୁର ଆଜି ବି ଓଡ଼ିଶାର ସବୁଠୁ ଥଣ୍ଡା ସହର ରହିଛି।ସୋନପୁରରେ ସର୍ବନିମ୍ନ ୯.୨ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ସେହିପରି ଦାରିଙ୍ଗବାଡି ରେ ୯.୫ ଡିଗ୍ରୀ, ଫୁଲବାଣୀରେ ୯.୮ ଡିଗ୍ରୀ, କୋରାପୁଟରେ ୧୦.୬ ଡିଗ୍ରୀ, ଅନୁଗୁଳରେ ୧୦.୮ ଡିଗ୍ରୀ ଏବଂ ଭବାନୀପାଟଣାରେ ୧୧.୦ ଡିଗ୍ରୀ ରେକର୍ଡ ହୋଇଛି। ରାଜଧାନୀ ଭୁବନେଶ୍ୱର ରେ ଆଜି ୧୭.୪ ଡିଗ୍ରୀ ଏବଂ କଟକରେ ୧୬.୪ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

## ବାଲେଶ୍ୱରଠାରେ ଉନ୍ମୋଚିତ ହେଲା 'ପଢ଼ାପଢ଼ି'ର ନଭେମ୍ବର ସଂଖ୍ୟା



ବାଲେଶ୍ୱର,୧୦।୧୧ (ନି.ପ୍ର): ଭୁବନେଶ୍ୱରରୁ ପ୍ରକାଶ ପାଉଥିବା ଭିନ୍ନସ୍ୱାଦର ସାହିତ୍ୟ-ସମ୍ବାଦଭିତ୍ତିକ ମାସିକ ପତ୍ରିକା 'ପଢ଼ାପଢ଼ି'ର ନଭେମ୍ବର ସଂଖ୍ୟା ଦୈନିକ ସମ୍ବାଦପତ୍ର 'ଧ୍ୱନିପ୍ରତିଧ୍ୱନି' କାର୍ଯ୍ୟାଳୟରେ ଆଜି ସଂଧ୍ୟାରେ ଉନ୍ମୋଚିତ ହୋଇଯାଇଛି । ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ କବି କାଳୀପଦ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ନିରାଡମ୍ବର ପୂର୍ଣ୍ଣ ଉନ୍ମୋଚନ ସଭାରେ 'ଧ୍ୱନିପ୍ରତିଧ୍ୱନି'ର ସଂପାଦିକା କବି ସୈରିନ୍ଧ୍ରୀ ସାହୁ ଏହାକୁ ଉନ୍ମୋଚିନ କରି ସାଂପ୍ରତିକ ସମୟରେ ପତ୍ରିକାର ଭୂମିକା ବିଷୟରେ ଆଲୋକପାତ କରିଥିଲେ । କବି କାଳୀପଦ ପଣ୍ଡା ଓଡ଼ିଆ ସାହିତ୍ୟର ଶ୍ରୀବୃଦ୍ଧି ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ସଦା ତତ୍ପର ବୋଲି ମତ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଗାଳ୍ପିକା ଡ. କବିତା ବାରିକ, 'ସାଗରିକା'ର ପ୍ରତିଷ୍ଠାତା ସାହିତ୍ୟିକ ସୃଷ୍ଟିଧର ପରିଡ଼ା, କବି ପ୍ରମୀଳା ଶତପଥୀ ଓ ଅବସରପ୍ରାପ୍ତ ସହଯୋଗୀ ପ୍ରଫେସର ଡ. ଦୀନବନ୍ଧୁ ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ପତ୍ରପତ୍ରିକାମାନେ ସଦାବେଳେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ଆସୁଥିବାବେଳେ ଗତ କିଛିମାସ ଧରି 'ପଢ଼ାପଢ଼ି' ଏ ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରୁଛି ବୋଲି ମତବ୍ୟକ୍ତ କରିଥିଲେ ।

## ଜୀବିକା ଓ ଭିତିଭୂମି ସଂପର୍କିତ ପ୍ରକଳ୍ପଗୁଡ଼ିକର ତୁରନ୍ତ କାର୍ଯ୍ୟାନ୍ୱୟନ ପାଇଁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୦।୧୧ (ନି.ପ୍ର): ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀ ଅକ୍ଟୋବର ୨୦୨୦ ପର୍ଯ୍ୟନ୍ତ ବିଭିନ୍ନ ବିଭାଗର ଆର୍ଥିକ ପ୍ରଦର୍ଶନର ସମୀକ୍ଷା କରି ବିଭାଗମାନଙ୍କୁ ଜୀବିକା ଓ ଭିତିଭୂମି ସଂପର୍କିତ ପ୍ରକଳ୍ପଗୁଡ଼ିକର ତ୍ୱରିତ କାର୍ଯ୍ୟାନ୍ୱୟନ ଉପରେ ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ଜଳସଂପଦ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକୁ ଚିହ୍ନଟ କରି ନିର୍ଦ୍ଧାରିତ ସମୟ ମଧ୍ୟରେ ସେଗୁଡ଼ିକ ସଂପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ବିଭିନ୍ନ ପ୍ରକଳ୍ପର ସଫଳ ରୂପାୟନ ପାଇଁ ପାଣ୍ଠିର ଅଭାବ ହେବ ନାହିଁ ବୋଲି ସେ ବିଭାଗଗୁଡ଼ିକୁ ପ୍ରତିଶ୍ରୁତି ଦେଇଛନ୍ତି ।

ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା କୃଷି ଉତ୍ପାଦନ କମିଶନର ଶ୍ରୀ ରାଜ କୁମାର ଶର୍ମା, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗ୍ରାମ୍ୟ ଉନ୍ନୟନ ଓ ସ୍ୱତନ୍ତ୍ର ରିଲିଫ୍ କମିଶନର ଶ୍ରୀ ପ୍ରଦୀପ କୁମାର ଜେନା, ଅତିରିକ୍ତ ମୁଖ୍ୟ ଶାସନ ସଚିବ,ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶ୍ରୀ ପ୍ରଦୀପ୍ତ କୁମାର ମହାପାତ୍ର, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଜଙ୍ଗଲ ଓ ପରିବେଶ ବିଭାଗ ଡ. ମୋନା ଶର୍ମା, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ଅଶୋକ କୁମାର ମୀନା, ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବ ଏବଂ ସ୍ୱତନ୍ତ୍ର ଶାସନ ସଚିବ ପ୍ରମୁଖ ଏହି ସମୀକ୍ଷା ବୈଠକରେ ଯୋଗଦେଇଥିଲେ ।

# କୋଭିଡ୍-୧୯ ଯୋଗୁଁ ଲାଇଟ୍ ମାଇକ୍ ବ୍ୟବସାୟୀ ପ୍ରଭାବିତ : ଜୀବନ ଜୀବିକାଲାଗି ଆନ୍ଦୋଳନ ନିଷ୍ପତ୍ତି

ଜଳେଶ୍ୱର,୧୦।୧୧ (ନି.ପ୍ର): କୋଭିଡ୍୧୯ ସଂକ୍ରମଣକୁ ଲକ୍ଷ କରି ସରକାର ବିଭିନ୍ନ ସଚେତନତା ପଦକ୍ଷେପ ଓ ସୁରକ୍ଷା ଲାଗି କଟକଣା ଜାରି କରିଛନ୍ତି । ଫଳରେ ବିଭିନ୍ନ କାର୍ଯ୍ୟକ୍ରମରେ ନିୟୋଜିତ ହେଉଥିବା ମାଇକ୍ ଲାଇଟ୍ ବ୍ୟବସାୟ ଅଦ୍ୟାବଧି କ୍ଷୟକ୍ଷତିର ସମ୍ମୁଖୀନ ହୋଇ ଆସୁଛନ୍ତି । ଜୀବନ ଜୀବିକା ହରାଇ ଦୀର୍ଘ ୮ମାସ ଧରି ବହୁ ଦୁଃଖକଷ୍ଟରେ ବ୍ୟବସାୟର ମାଲିକ, କର୍ମଚାରୀମାନେ ହଇରାଣ, ହରକତ ହୋଇ ଆସୁଥିବା ବ୍ୟାଙ୍କ ଋଣ ଲାଗି ସରକାରୀ ଓ ବେସରକାରୀ ଋଣ ସଂସ୍ଥାମାନେ ହଇରାଣ, ହରକତ କରିଆସିଥିବା ବହୁ ଅଭିଯୋଗ ହେଉଛି । ଏହି ସଂସ୍ଥାରେ ଲାଇଟ, ମାଇକ୍, କେଟାରିଂ ଓ ଟେଣ୍ଟରେ ଲକ୍ଷାଧିକ ଲୋକ କାର୍ଯ୍ୟ କରୁଥିବା ଓ ଜଳେଶ୍ୱର ବ୍ଲକରେ ୧୦୦୦ ସଂସ୍ଥା ଥିବା ସଂଗଠନର ସଭାପତି ଗୌତମ ପ୍ରଧାନ ଆଜି ପ୍ରକାଶ କରିଛନ୍ତି । ସରକାର ରାସ୍ତାପଖ ଉଠା ଦୋକାନୀ, ଗ୍ରାମାଂଚଳର ଚାଷୀ, ଜମାକାରୀ, ରେସନ୍‌ଧରୀ ସମସ୍ତଙ୍କୁ ସହାୟତା କରିଥିବା ବେଳେ ଏପରି ବ୍ୟବସାୟକୁ ପାଶୋରୀ ଦେଇଛନ୍ତି । ଆଜି ସଂଘର ଏକ ବୈଠକରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ ହେବ ବୋଲି ସିଦ୍ଧାନ୍ତ ହୋଇଛି । ଜଳେଶ୍ୱର ସହିତ, ବାଲିଆପାଳ, ଓ ବସ୍ତା ଅଂଚଳର ଏହି ବ୍ୟବସାୟୀ ଓ କର୍ମାଚରୀମାନେ ଆସନ୍ତା ୧୧ ତାରିଖରେ ଜଳେଶ୍ୱରରେ ଏକ ଶୋଭାଯାତ୍ରା ହେବା ସଂପର୍କରେ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି । ସରକାର ସମ୍ବେଦନଶୀଳ ଏପରି ଘଟଣାରେ ସହୟତା କରିବା ସହିତ କଟକଣାକୁ ଉଚ୍ଛେଦ କରିବାକୁ ଦାବି କହିଛନ୍ତି ।

## ହାଇଦ୍ରାବାଦ ଚାଲାଣ ବେଳେ ୧୦ ଦାଦନ ଶ୍ରମିକ ଉଦ୍ଧାର : ଦାଦନ ସର୍ଦ୍ଦାର ଗିରଫ

ବଲାଙ୍ଗିର,୧୦।୧୧ (ନି.ପ୍ର): ହାଇଦ୍ରାବାଦ ଚାଲାଣ ବେଳେ ୧୦ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି ପୋଲିସ । ରେଙ୍ଗାଲି ଗାଁ ନିକଟରୁ ଏମାନଙ୍କୁ ଉଦ୍ଧାର କରିଛି ଖପ୍ରାଖୋଲ ଥାନା ପୋଲିସ । ଘଟଣାରେ ଦାଦନ ସର୍ଦ୍ଦାରକୁ ପୋଲିସ ଗିରଫ କରିଛି । ଉଦ୍ଧାର ଏହି ୧୦ ଦାଦନଙ୍କ ମଧ୍ୟରେ ଜଣେ ଶିଶୁ ରହିଥିବା ସୂଚନା ମିଳିଛି । ପୋଲିସ ପକ୍ଷରୁ ଗିରଫ ଅଭିଯୁକ୍ତକୁ ଏନେଇ ଅଧିକ ପଚରା ଉଚୁରା ଜାରୀ ରହିଛି ।

# ଏନଟିପିସିର ରାଇଜିଂ ଦିବସ ପାଳିତ

ଭୁବନେଶ୍ୱର,୧୦।୧୧ (ନି.ପ୍ର): ଏନଟିପିସି ପୂର୍ବକ୍ଷେତ୍ର-୨ର ଏନଟିପିସି ଲିମିଟେଡ଼ର ଉତ୍‌ଥାପନ ଦିବସ ପାଳିତ ହୋଇଯାଇଛି । ମହାମାରୀ ପରିସ୍ଥିତିକୁ ଦୃଷ୍ଟିରେ ରଖି ଡିଜିଟାଲ ସେଲିବ୍ରେସନ କରାଯାଇଥିଲା । ଆଂଚଳିକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପୂର୍ବକ୍ଷେତ୍ର-୨), ସଂଜୀବ କିଶୋର ବରିଷ୍ଠ ଅଧିକାରୀ ମାନଙ୍କର ଗହଣରେ ପୋଖରୀପୁଟସ୍ଥିତ, ଭୁବନେଶ୍ୱର ଏନଟିପିସି ଅତିଥିଗୃହରେ ଏନଟିପିସି ପତାକା ଉତୋଳନ କରିଥିଲେ । ନିଜର ସମ୍ବୋଧନରେ ଶ୍ରୀ କିଶୋର କର୍ମଚାରୀମାନଙ୍କୁ ପ୍ରଶଂସା କରି କହିଥିଲେ ଯେ, ଏନଟିପିସି ଫୋବର୍ସ ଦ୍ୱାରା ପ୍ରକାଶିତ ତାଲିକାରେ ଚଳିତ ବର୍ଷ ବିଶ୍ୱର ସର୍ବଶ୍ରେଷ୍ଠ ନିଯୁକ୍ତିଦାତା ଶ୍ରେଣୀରେ ଭାରତୀୟ ସରକାରୀ ଉଦ୍ୟୋଗ ମାନଙ୍କ ମଧ୍ୟରେ ପ୍ରଥମ ବିବେଚିତ ହୋଇଅଛି । ସେ ଆହୁରି ମଧ୍ୟ ସୂଚନା ଦେଇଛନ୍ତି ଯେ, ସାମାଜିକ ବିକାଶ ଦିଗରେ କାର୍ଯ୍ୟ କରିବା ଉପରେ ଏନଟିପିସି ଧ୍ୟାନ ଦେଇଅଛି ଯାହା ଦେଶର ବିଭିନ୍ନ ଗ୍ରାମକୁ ପରିବ୍ୟାପ୍ତ । ମହାମାରୀ ସମୟରେ ଏହାର ବ୍ୟାପକ ଅବଦାନ ରହିଛି ଏବଂ ସାଂଗଠନିକ କର୍ମଜିବୀ ଏବଂ ପ୍ଲାଂଟ ନଣୀକଟରେ ରହୁଥିବା ଲୋକମାନଙ୍କର ସମ୍ପୂର୍ଣ୍ଣ ଯତ୍ନ ନେଇଅଛି । କର୍ମଚାରୀ ମାନଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ କିଶୋର ଉଭୟ ଜାତୀୟ ତଥା ଆଂଚଳିକ ସ୍ତରରେ ଏନଟିପିସି ହାସଲ କରିଥିବା ବିଭିନ୍ନ ମାଇଲଖୁଂଟ ବିଷୟରେ ଅବଗତ କରାଇଥିଲେ । କର୍ମଚାରୀ ମାନଙ୍କୁ ସମ୍ବୋଧିତ କରି ଶ୍ରୀ କିଶୋର କହିଛନ୍ତି ଯେ, ଲକ୍‌ଡାଉନ ପର୍ଯ୍ୟାୟରେ ଏବଂ ପରବର୍ତୀ ଲକ୍‌ଡାଉନ୍ ଅବଧିରେ ଏନଟିପିସି ଶିକ୍ଷା ଏବଂ ବିକାଶ ରଣନୀତିକୁ ବହୁଗୁଣିତ କରି ତୀବ୍ର ଡିଜିଟାଇଜେସନ ଏବଂ ଅନଲାଇନ୍ ଟ୍ରେନିଂ ମାଧ୍ୟମରେ ହଜାର ହଜାର କର୍ମଚାରୀଙ୍କ ଜୀବନକୁ ସମୃଦ୍ଧ କରିବା ସହିତ ସୁଦୂର ସ୍ଥାନ ଗୁଡ଼ିକୁ ମଧ ସେବା ପାଇବାକୁ ସକ୍ଷମ ହୋଇଥିଲେ ।

## ଅସହାୟ ବୃଦ୍ଧାଙ୍କ ଘର ଜଳିଗଲା

ନୂଆପଡା,୧୦।୧୧ (ନି.ପ୍ର): ନୂଆପଡା ଜିଲ୍ଲା ସିନାପାଲି ବ୍ଲକ କାପସି ଗ୍ରାମର ଘସେନ ମାଝୀଙ୍କର ସମ୍ପୂର୍ଣ୍ଣ ପୋଡି ନଷ୍ଟ ହୋଇଯାଇଛି । ଫଳରେ ଚାଉଳ, ବସ୍ତ୍ର ସହ କିଛି ଟଙ୍କା ପୋଡି ଯାଇଥିବା ଅଭିଯୋଗ କରିଛନ୍ତି । ଘସେନ ମାଝୀ ଏବଂ ମାନସିକ ବିକୃତ ପୁଅକୁ ନେଇ ମାଁ ପୁଅ ଏବଂ ଚାଳଛପର ଘରେ ରହି ଆସୁଥିଲେ । ହେଲେ କୌଣସି କାରଣ ବସତଃ ତାଙ୍କର ଘରେ ନିଆଁ ଲାଗି ପୋଡି ଯାଇଥିଲା । ସିନାପାଲି ଅଗ୍ନିସମ ବିଭାଗ ପହଂଚି ନିଆଁକୁ ଆୟତ କଲାବେଳକୁ ସବୁ ପୋଡି ପାଉଶଁ ହୋଇଯାଇଥିଲା । ସ୍ଥାନୀୟ ରାଜସ୍ୱ ନୀରିକ୍ଷକ ଏବଂ ଜରି ଚାଦର ଦେଇଥିବା ବେଳେ ପ ।ୟତରୁ ୨୫ କେଜି ଚାଉଳ ଦିଆଯାଇଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଅସହାୟ ବୃଦ୍ଧା ଘସେନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରି ଘର ଖଣ୍ଡିଏ ଯୋଗାଇ ଦେବାକୁ ସାଧାରଣରେ ଦାବୀ ହେଉଛି ।

# ବାଲି ଉଠାଣକୁ ବିରୋଧ କରି ଶତାଧିକ ମହିଳାଙ୍କ ରାସ୍ତାରୋକ ଓ ଉପଜିଲ୍ଲାପାଳଙ୍କ ପରିଦର୍ଶନ



ଗୁଣୁପୁର,୧୦।୧୧ (ନି.ପ୍ର): ରାୟଗଡ଼ା ଜିଲ୍ଲା ଗୁଣୁପୁର ଉପଖଣ୍ଡ ରା ବ୍ଲକର ଭାମିନୀ ବଂଶଧାରା ନଦୀଘାଟରୁ ବାଲିଉଠାଣକୁ ବିରୋଧ କରି ଶତାଧିକ ମହିଳା ରାସ୍ତାରୋକ କରିଛନ୍ତି । ସୂଚନା ଅନୁଯାୟୀ, ରାମନାଗୁଡା ତହସିଲ ଅନ୍ତର୍ଗତ ଭାମିନୀ ଗାଁ ଦେଇ ବହିଯାଉଥିବା ବଂଶଧାରା ଅବବାହିକରୁ ପ୍ରତିଦିନ ଶହ ଶହ ଟ୍ରକ ବାଲି ଜିଲ୍ଲା ତଥା ପଡୋଶୀ ଆନ୍ଧ୍ରକୁ ରପ୍ତାନୀ ହେଉଛି । ପ୍ରଶାସନର ଜାଣତରେ ବାଲି ଚୋରା ଚାଲାଣ ହେଉଥିବା ଅଭିଯୋଗରେ ରବିବାର ଭାମିନୀର ଶତାଧିକ ମହିଳାମାନେ ବାଲି ବୋଝଇ ଟ୍ରାକ୍ଟର, ଟ୍ରକ ଗୁଡିକୁ ଅଟକାଇ ରାସ୍ତାରୋକ କରିବା ସହ ଧାରଣରେ ବସିଥିଲେ । ସେପଟେ ବ୍ୟାପକ ପରିମାଣରେ ନଦୀଗର୍ଭରୁ ବାଲି ଖନନ ହେଉଥିବାରୁ ନଦୀର ଗତିପଥ ପରିବର୍ତ୍ତନ ସାଙ୍ଗକୁ ବନ୍ୟାପାଣି ଦ୍ୱାରା ଭାମିନୀ ଗ୍ରାମ ଲୀନ ହେବାର ସମ୍ଭାବନା ରହିଥିବା ମଧ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ବାରମ୍ବାର ଏ ସମ୍ପର୍କରେ ସମ୍ପୃକ୍ତ ତହସିଲଦାରଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପ୍ରଶାସନକୁ ଅବଗତ କରିବା ପରେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଶେଷରେ ବାଧ ହୋଇ ରବିବାର ବାଲିବୋଝଇ ଟ୍ରାକ୍ଟର, ଟ୍ରକ ଗୁଡିକ ଅଟାଇ ରାସ୍ତାରୋକ କରାଯାଇଥିବା ମହିଳାମାନେ କହିଛନ୍ତି । ଖବର ପାଇ ରାମନାଗୁଡା ପୋଲିସର ଏକ ଟିମ ଘଟଣାସ୍ଥଳରେ ପହଞ୍ଚି ମହିଳାମାନଙ୍କ ସହ ଆଲୋଚନା କରିବା ସହ ଦାବି ସମ୍ପର୍କରେ ଗୁଣପୁର ଉପଜିଲ୍ଲାପାଳ ତୁରନ୍ତ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବାର ପ୍ରତିଶୃତି ପରେ ଆନ୍ଦୋଳନକାରୀ ମାନେ ଧାରଣରୁ ହଟିଥିଲେ । ସୋମବାର ଗୁଣୁପୁର ଉପଜିଲ୍ଲାଳ ଜେ ସୋନାଲ ଭାନିନି ବାଲି ପଠାକୁ ପରିଦର୍ଶନ କରିଥିଲେ । ଏବଂ ଲୋକଙ୍କୁ ବୁଝାଇବା ସହ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ ।

# ମୁନିଗୁଡା ସାହିତ୍ୟ ସଂସଦର ଆଲୋଚନା ଚକ୍ର ଓ କବିତା ଆସର



ଗୁଣୁପୁର,୧୦।୧୧ (ନି.ପ୍ର): ରାୟଗଡ଼ା ଜିଲ୍ଲା ଗୁଣୁପୁର ଉପଖଣ୍ଡ ମୁନିଗୁଡା ସଦର ମହାକୁମାସ୍ଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମୁନିଗୁଡା ସାହିତ୍ୟ ସଂସଦ ଆନୁକୂଲ୍ୟରେ 'ଅବକ୍ଷୟମୁଖୀ ସମାଜକୁ ସଜାଡ଼ିବାରେ ସାହିତ୍ୟର ଭୂମିକା' ଶୀର୍ଷକ ଆଲୋଚନା ଚକ୍ର ଏବଂ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଆୟୋଜିତ ହୋଇ ଯାଇଛି । ସଂଗଠନର ସାଧାରଣ ସମ୍ପାଦକ ଶ୍ରୀ ଉତ୍ତମ ଦାସଙ୍କ ସଂଯୋଜିତ ଏହି କାର୍ଯ୍ୟକ୍ରମରେ ମୁନିଗୁଡା ନିୟୁଜର ପ୍ରତିଷ୍ଠାତା ସିଏଚ ଗଣେଶ୍ୱର ରାଓ ମୁଖ୍ୟ ଅତିଥି, ପି.ସୁଧାକର ପାତ୍ର ମୁଖ୍ୟ ବକ୍ତା ଓ ସମ୍ମାନିତ ଅତିଥି ଭାବେ ସମାଜସେବୀ ଗୌରାଙ୍ଗ ଚରଣ ରାଉତ ଯୋଗ ଦେଇଥିଲେ ।ସମାଜରେ ସାହିତ୍ୟିକ ମାନଙ୍କର ସାମାଜିକ ଦାୟିତ୍ୱବୋଧତା ଅନ୍ୟ ମାନଙ୍କ ଠାରୁ ଢେର ଅଧିକ। କେଉଁ ଆବାହାନ କାଳରୁ ସାହିତ୍ୟ ମାଧ୍ୟମରେ ଅରାଜକ ତତ୍ତ୍ୱକୁ ଶତର୍କ ଓ ଦିଶା ଦେଖାଇବାର ଗୁରୁ ଦାୟିତ୍ୱ ସାହିତ୍ୟିକମାନେ ହିଁ ନିଭାଇଥିବା ଜଣାଯାଏ ବୋଲି ମୁଖ୍ୟବକ୍ତା ଶ୍ରୀଯୁକ୍ତ ପାତ୍ର କହିଥିଲେ । ସେହିପରି ସମାଜରେ ସଂସ୍କାର, ସଂସ୍କୃତିର ନବ ଜାଗରଣ ଓ ନୂତନ ପ୍ରତିଭାର ଉନ୍ମେଷ ମୁନିଗୁଡା ସାହିତ୍ୟ ସଂସଦର ଲକ୍ଷ ବୋଲି ଶ୍ରୀଯୁକ୍ତ ରାଉତ ବକ୍ତବ୍ୟରେ କହିଥିଲେ । ଅନ୍ୟ ଆଲୋଚକ ମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ମନୋରନ ଦଳାଇ, ସ୍ତମ୍ଭକାର ବିଚିତ୍ର ବିଶ୍ୱାଳ, ସମାଜସେବୀ ଡଃ ଚନ୍ଦନ କୁମାର ସିଂ, ନିଜ ନିଜର ବଳିଷ୍ଠ ମତ ରଖିଥିଲେ । କାର୍ଯ୍ୟକ୍ରମର ଦ୍ୱିତୀୟାର୍ଦ୍ଧରେ କବି ଅନନ୍ତ କୁମାର ସାମନ୍ତ, ବିଚିତ୍ର ବିଶ୍ୱାଳ ଓ ସମୀକ୍ଷକ କାଳନ୍ଦୀ ଚରଣ ନାୟକ ସଂଯୋଜିତ କବିତା ପାଠୋତ୍ସବରେ ସର୍ବଶ୍ରୀ ପ୍ରଶନ୍ନ କୁମାର ସାହୁ, ମନୋରନ ଦଳାଇ, ନବିନେନ୍ଦ୍ର ନନ୍ଦ, ରମାକାନ୍ତ ଜେନା, ନିବାରଣ ମଲ୍ଲିକ, ଶିଶୁ କବି ବିସ୍ମୟ ବୈଚାରିକ ସୁବାଷ ଚନ୍ଦ୍ର କୁରା,ରାଧାମୋହନ ପାଣିଗ୍ରାହୀ, ଗୌରାଙ୍ଗ ଚରଣ ରାଉତ, ହିମାଂଶୁ ଭୂଷଣ ମହାନ୍ତି, ପ୍ରଦୀପ୍ତ କୁମାର ସାମଲ,ଚିତ୍ତରନ ମିଶ୍ର, ବିଶ୍ୱଲାଲ ଭୁଜବଲ ଓ ଉତ୍ତମ ଦାସ ପ୍ରମୁଖ ୩୦ ଜଣ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ । ମୁନିଗୁଡ଼ାର ସୁନାମଧନ୍ୟ ସଙ୍ଗୀତଜ୍ଞ ଶ୍ରୀ ରମେଶଚନ୍ଦ୍ର ସାହୁ,ପ୍ରହ୍ଲାଦ ସାହୁ ଓ ପଦ୍ମପୁର ବ୍ଲକର ଯୁବ କବି ରାଧାମୋହନ ପାଣିଗ୍ରାହୀଙ୍କୁ ସେମାନଙ୍କ ଉଜ୍ୱଳ ପ୍ରତିଭାର ଶୁଭକାମନା ସହ ଅଙ୍ଗବସ୍ତ୍ର ଓ ରାଷ୍ଟ୍ରଦୀପ ଶାରଦୀୟ ବିଶେଷାଙ୍କ ପ୍ରଦାନ କରି ସମ୍ବୋର୍ଦ୍ଧିତ କରାଯାଇଥିଲା ।ସମ୍ପାଦକ ଉତ୍ତମ ଦାସ ଆଗାମୀ ଦକ୍ଷିଣ ଓଡିଶା ସାହିତ୍ୟ ସମ୍ମିଳନୀ ମୁନିଗୁଡାରେ ଆୟୋଜନ ଓ ମୁନିଗୁଡା ସାହିତ୍ୟ ସାଂସଦ ତ୍ରୈମାସିକ ପତ୍ରିକା 'ଡଙ୍ଗରର ପ୍ରତିଧ୍ୱନି' ପ୍ରକାଶ ପାଇଁ ତାରିଖ ନିର୍ଘଣ୍ଟ କରିଥିଲେ । ଶେଷରେ କବି ସୁବାଷ ଚନ୍ଦ୍ର କୁରା ସଭିଙ୍କ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ

# ଅଶାଳୀନ ବ୍ୟବହାର ନେଇ ଗ୍ରାମ ବ୍ୟାଙ୍କ ମ୍ୟାନେଜରଙ୍କ ବିରୁଦ୍ଧରେ ଥାନାରେ ଅଭିଯୋଗ

କୋରେଇ,୧୦।୧୧ (ନି.ପ୍ର): ସରକାର ମହିଳା ସଶକ୍ତିକରଣ ଲାଗି ରାଜ୍ୟ ବ୍ୟାପି ପ୍ରତ୍ୟେକ ପଂଚାୟତରେ ଗଢିଉଠିଥିବା ସ୍ୱୟଂ ସହାୟିକା ଗୋଷ୍ଠୀ ଗୁଡ଼ିକୁ ଋଣ ଯୋଗାଇଦେବା ଲାଗି ସମସ୍ତ ସରକାରୀ ଓ ବେସରକାରୀ ବ୍ୟାଙ୍କ ଗୁଡ଼ିକୁ ନିର୍ଦ୍ଦେଶ ପ୍ରଦାନ କରିଥିବା ବେଳେ ଓଡ଼ିଶା ଗ୍ରାମ ବ୍ୟାଙ୍କର ପାଣିକୋଇଲି ଶାଖାର ପରିଚାଳକ ଋଣ ପାଇଁ ଯାଇଥିବା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନଙ୍କୁ ଅଶାଳୀନ ବ୍ୟବହାର ଦେଖାଇବା ନେଇ ମହିଳାମାନେ କୋରାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ପାଣିକୋଇଲି ଥାନାରେ ଅଭିଯୋଗ ଲିଖିତ କରିଛନ୍ତି । ମିଳିଥିବା ସୂଚନାରୁ ପ୍ରକାଶ ଯେ ପାଣିକୋଇଲିସ୍ଥିତ ସୁଭଦ୍ରା ସ୍ୱୟଂ ସହାୟିକା ଗୋଷ୍ଠୀର ଓଡ଼ିଶା ଗ୍ରାମ ବ୍ୟାଙ୍କର ସ୍ଥାନୀୟ ଶାଖାରେ ଏକ ଜମା ଖାତା ରହିଛି । ଉକ୍ତ ଗୋଷ୍ଠୀର ମହିଳା ମାନେ ଗ୍ରାମ ବ୍ୟାଙ୍କରୁ ଆଗରୁ ବହୁ ବାର ଋଣ ନେଇ ପରିଶୋଧ ମଧ୍ୟ କରିସାରିଛନ୍ତି । ଏପରିକି କରୋନା ମହାମାରୀର ଲକଡ଼ାଉନ ସତ୍ୱେ ମଧ୍ୟ ଗୋଷ୍ଠୀର ମହିଳା ମାନେ ଗତ ଜୁନ ମାସ ୮ ତାରିଖରୁ ପରିଶୋଧ କରିଆସିଛନ୍ତି । ତେବେ ପୁନର୍ବାର ଲୋନ ମାଗିବାକୁ ବ୍ୟାଙ୍କକୁ ଆସି ସେମାନେ ପରିଚାଳକ ପ୍ରକାଶ ଚନ୍ଦ୍ର ବେହେରାଙ୍କ ଆକ୍ରୋଶର ଶୀକାର ହେବାକୁ ପଡ଼ିଛି । ଶ୍ରୀ ବେହେରା ଗୋଷ୍ଠୀର ମହିଳାମାନଙ୍କୁ ଲୋନ ଦେଇଦେବି ବ୍ୟାଙ୍କକୁ ଆସ କହି କାଗଜପତ୍ର ଯାଂଚ କରିବା ପରେ ବିଭିନ୍ନ ଆଳଦେଖାଇ ଲୋନ ଦେଉନାହାନ୍ତି । ଏପରିକି ବୟସ୍କ ମହିଳା ମାନଙ୍କୁ ଅଶାଳୀନ ବ୍ୟବହାର ଦେଖାଇବାକୁ ମଧ୍ୟ ପଛାଉନାହାନ୍ତି । ବାରମ୍ବାର ବ୍ୟାଙ୍କକୁ ଦୌଡ଼ି ଦୌଡ଼ି ହତାଶ ହେଲାପରେ ମହିଳା ମାନେ ସେମାନଙ୍କର ଜମାଖାତାରୁ ଟଙ୍କା ଉଠାଇବାକୁ ଚାହିଁବାରୁ ପରିଚାଳକ ତାଙ୍କୁ ଟଙ୍କା ଉଠାଇବାକୁ ଅନୁମତି ମଧ୍ୟ ଦେଉନାହାନ୍ତି । ପରିଚାଳକ ଶ୍ରୀ ବେହେରାଙ୍କ ମନମାନି ଓ ଅଶାଳୀନ ବ୍ୟବହାର ପ୍ରତିବାଦରେ ଆଜି ଗ୍ରୁପର ସଭାନେତ୍ରୀ ସ୍ୱର୍ଣଲତା ପଣ୍ଡା, ସମ୍ପାଦିକା ଉଷାରାଣୀ ଓଝା, ସଦସ୍ୟା ମିନତୀ ପହୀ, କୃଷ୍ଣପ୍ରିୟା ସାମଲ, ପୁଜା ପହୀ, ସବିତା ମହାରଣା, ପୁଷ୍ପଲତା ମହାରଣା, ରେଣୁ ମହାରଣା, କାମିନୀ ପଣ୍ଡା, ବାସନ୍ତୀ ପହୀ ପ୍ରମୂଖ କୋରାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ପରେ ପାଣିକୋଇଲି ଥାନାରେ ଅଭିଯୋଗ କରିଛନ୍ତି । ଏଠାରେ ପ୍ରକାଶ ଥାଉକି ପରିଚାଳକଙ୍କ ମନମାନୀ ଓ ଅଶାଳୀନ ବ୍ୟବହାରରେ ଅତିଷ୍ଠ ହୋଇ ଗତ ମାସ ୧୩ ତାରିଖରେ ଶ୍ରୀମା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ମାନେ ପାଣିକୋଇଲି ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ସ୍ଥାନୀୟ ବ୍ୟକ୍ତିଙ୍କ ମଧ୍ୟସ୍ଥତାରେ ପରିଚାଳକ ମହୋଦୟ ଓ ଗୋଷ୍ଠୀର ସଦସ୍ୟ ମାନଙ୍କ ମଧ୍ୟରେ ଏକ ବୁଝାମଣା ହୋଇଥିଲା । କିନ୍ତୁ ନିଜର ଭୁଲକୁ ସୁଧାରିବା ପରିବର୍ତେ ପରିଚାଳକ ମହୋଦୟ ପୁନର୍ବାର ପୂର୍ବପରି ଜନସାଧାରଣଙ୍କୁ ପଶୁଭଳି ବ୍ୟବହାର କରିବା ବ୍ୟାଙ୍କର ପ୍ରତିଷ୍ଠା ଓ ସମ୍ମାନ ଉପରେ ଆଂଚ ଆଣୁଛି । ଏ ନେଇ ବ୍ୟାଙ୍କର ଉଚ୍ଚ କର୍ତ୍ତୁପକ୍ଷ ଯଦି ପରିଚାଳକଙ୍କ ବିରୋଧରେ କୌଣସି ପଦକ୍ଷେପ ଗ୍ରହଣ ନକରନ୍ତି ତେବେ ବ୍ୟାଙ୍କ ଆଗରେ ଧାରଣା ଦେବା ଲାଗି ଆମେ ପ୍ରସ୍ତୁତି ହେଉଛୁ ବୋଲି ଗୋଷ୍ଠୀର ସଦସ୍ୟା ମାନେ ମତବ୍ୟକ୍ତ କରିଛନ୍ତି ।

# କଟକରେ କାଳୀପୂଜା ପାଇଁ କମିଶନରେଟ ପୋଲିସର ପ୍ରସ୍ତୁତି : ମୁତୟନ ହେବେ ୧୫ ପ୍ଲାଟୁନ୍ ଫୋର୍ସ

## ତଦାରଖ ଦାୟୀତ୍ୱରେ ୫୦ ପୋଲିସ ଅଧିକାରୀ

କଟକ,୧୦।୧୧ (ନି.ପ୍ର): କଟକରେ କାଳୀପୂଜା ପାଇଁ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ । ପୂଜା ସମୟରେ କଟକରେ ମୁତୟନ ରହିବେ ୧୫ ପ୍ଲାଟୁନ୍ ଫୋର୍ସ । ୫୦ ଜଣ ପୋଲିସ ଅଧିକାରୀ ଏହାର ତଦାରଖ କରିବେ । କୋଭିଡ୍ କଟକଣା ମଧ୍ୟରେ ପୂଜାର୍ଚ୍ଚନା କରିବାକୁ ପ୍ରଶାସନିକ ନିର୍ଦ୍ଦେଶ ରହିଛି । ଆବଦ୍ଧ ମଣ୍ଡପ ମଧ୍ୟରେ ପୂଜା ପାଇବେ ମା । ଏଥି ସହିତ ମାଙ୍କ ମୂର୍ତି ବିସର୍ଜନ ନିମନ୍ତେ ୧୧ଟି କୃତ୍ରିମ ପୁଷ୍କରିଣୀର ବ୍ୟବସ୍ଥା କରାଯାଇଛି ବୋଲି କଟକ ଡ଼ିସିପି ପ୍ରତୀକ ସିଂହ ସୂଚନା ଦେଇଛନ୍ତି । କଟକରେ କାଳୀପୂଜା ଓ ଭସାଣ ନେଇ ଅଧିକ ସୂଚନା ଦେଇ ସେ କହିଛନ୍ତି ଯେ, ଭସାଣ ବେଳେ ପ୍ରତି ପୂଜା ମଣ୍ଡପରୁ ସର୍ବାଧିକ ୭ ଜଣ ଅଂଶଗ୍ରହଣ କରିପାରିବେ । ଭସାଣ ବେଳେ ଶୋଭାଯାତ୍ରା ନେଇ ଅନୁମତି ମିଳିବ ନାହିଁ । ମୂର୍ତି ୪ ଫୁଟ୍ ରୁ ଅଧିକ ଉଚ୍ଚତା ହେବ ନାହିଁ । ଏଥି ସହିତ ଭସାଣ ବେଳେ ନାଚଗୀତ ଓ ବାଣଫୁଟାକୁ ବାରଣ କରାଯାଇଛି । ଦୁର୍ଗାପୂଜା ବେଳେ କଟକଣା ଯେଭଳି ରହିଥିବା ଅନୁରୂପ କଟକଣା କାଳୀପୂଜାରେ ଲାଗୁ କରାଯିବ ବୋଲି ସେ କହିଛନ୍ତି ।

## ମଦ୍ୟପ ସ୍ୱାମୀର ବର୍ବରତା, ପତ୍ନୀକୁ ହାଣି ହତ୍ୟା ଅଭିଯୁକ୍ତ ଗିରଫ

ଜୟପୁର,୧୦।୧୧ (ନି.ପ୍ର): କୋରାପୁଟ ସଦର ଥାନା ଅନ୍ତର୍ଗତ ଧଉଡା ପଦର ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଘଟିଯାଇଛି ଏକ ହତ୍ୟାକାଣ୍ଡ । ମଦ୍ୟପ ସ୍ୱାମୀର ଆକ୍ରମଣରେ ପତ୍ନୀର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ପାରିବାରିକ କଳହକୁ କେନ୍ଦ୍ର କରି ସ୍ୱାମୀ କାର୍ତିକ ଟାକରି ଚିକେନ କାଟିବା ଧାରୁଆ ଆସ୍ତ୍ର ସାହାଯ୍ୟରେ ସ୍ତ୍ରୀ ପାର୍ବତୀ ଓରଫ ମିଲ୍ଲି କମାରର ଶରୀରକୁ ହାଣି ୨ ଖଣ୍ଡ କରି ଦେଇଛି । ପାରିବାରିକ କଳହରୁ ଏପରି କାଣ୍ଡ ଘଟିଥିବା କୁହାଯାଉଥିବା ବେଳେ ଏମାନଙ୍କ ୨ ମାସର ଏକ ସନ୍ତାନ ରହିଛି । ପୋଲିସ ପହଂଚି ଅଭିଯୁକ୍ତ ସ୍ୱାମୀ କାର୍ତିକକୁ ଗିରଫ କରିଥିବା ବେଳେ ଘଟଣାକୁ ନେଇ ଗ୍ରାମରେ ଉତେଜନା ପ୍ରକାଶ ପାଇଛି । ମଦ ପିଇ କାର୍ତିକ ଏପରି କାଣ୍ଡ ଭିଆଇଥିବା ଗ୍ରାମବାସୀ ମାନେ କହିଛନ୍ତି ।

# ମଦ୍ୟପ ସ୍ୱାମୀ ମାରଣାସ୍ତ୍ରରେ ହତ୍ୟାକଲା ସ୍ତ୍ରୀ କୁ

ଜୟପୁର,୧୦।୧୧ (ନି.ପ୍ର): କୋରାପୁଟ ସଦର ଥାନା ଅନ୍ତର୍ଗତ ଦେବିଘାଟ ପଂଚାୟତର ଧଉଡା ପଦର ଗ୍ରାମରେ ହତ୍ୟ କାଣ୍ଡ ଘଟିଯାଇଛି । ମଦ ନିଶାରେ ସ୍ତ୍ରୀର ଗଳା କାଟି ୨ ଖଣ୍ଡ କଲା ସ୍ୱାମୀ । ଚିକେନ କାଟିବା ଧାରୁଆ ଆସ୍ତ୍ର, ଖଣ୍ଡା ଓ ମାରଣାସ୍ତ୍ର ଦ୍ୱାରା ସ୍ତ୍ରୀ ପାର୍ବତୀ ଓରଫ ମିଲ୍ଲି ଶରୀରକୁ ୨ ଖଣ୍ଡ କରି କ୍ଷତ ବିକ୍ଷତ କରି ନୃଶଂସ ଭାବେ ହତ୍ୟା କରିଛି । ପାରିବାରିକ କଳହରୁ ଏପରି କାଣ୍ଡ ଘଟିଥିବା କୁହାଯାଉଛି । ଏମାନଙ୍କ ୨ ମାସର ପୁତ୍ର ସନ୍ତାନ ରହିଛି । ପୋଲିସ ପହଂଚି କାର୍ତିକ କୁ ଗିରଫ କରିଥିବା ବେଳେ ଗ୍ରାମରେ ଉତେଜନା ଦେଖାଯାଇଛି । ମଦ ପିଇ କାର୍ତିକ ଏପରି କାଣ୍ଡ କରିଥିବା ଗ୍ରାମବାସୀ ମାନେ ସୂଚନା ଦେଇଥିବା ବେଳେ ବିଳମ୍ବିତ ରାତିରେ ଅଭିଯୁକ୍ତ ସ୍ୱାମୀ ଏପରି କାଣ୍ଡ ଘଟାଇଛି । ପ୍ରତ୍ୟେକ ଦିନ ଅଭିଯୁକ୍ତ ସ୍ୱାମୀ କାର୍ତିକ ଓ ସ୍ତ୍ରୀ ପାର୍ବତୀଙ୍କ ମଧ୍ୟରେ ମଦ ପିଇବା କୁ ନେଇ ଝଗଡା ଓ ଅସନ୍ତୋଷ ଲାଗି ରହିଥିଲା । ଗତ କାଲି କାର୍ତିକ ବିଳମ୍ବିତ ରାତ୍ରରେ ମଦ ପିଇ ଘରକୁ ଆସି ସ୍ୱାମୀ ଓ ସ୍ତ୍ରୀ ଙ୍କ ମଧ୍ୟରେ ବଚସା ହୋଇଥିଲା । ପରେ ସ୍ୱାମୀ ବିଭିନ୍ନ ମରାଣାସ୍ତ୍ର ରେ ରାତ୍ର ସାରା ସ୍ତ୍ରୀ ପାର୍ବତୀକୁ କ୍ଷତ ବିକ୍ଷତ ରକ୍ତାକ୍ତ କରି ଅମାନବୀୟ ଭାବେ ହତ୍ୟା କରିଥିଲା । ରାତ୍ର ରେ କାର୍ତିକର ଉଗ୍ର ରୁପ ଦେଖି ସମ୍ପର୍କୀୟ ଓ ସାହି ପଡିଶା ମଧ୍ୟ ଭୟଭୀତ ହୋଇଯାଇଥିଲେ । କବାଟ ଦେଇ ସ୍ତ୍ରୀକୁ ହତ୍ୟା କରିଥିଲା ବେଳେ ନିକଟରେ ୨ ମାସର ଶିଶୁ ଚିତ୍କାର ରଡି ଛାଡୁଥିଲା । ଏନେଇ ପରେ ପୋଲିସ କୁ ଭର ଦିଆଯାଇଥିଲା । ପୋଲିସ ପହଂଚି କାର୍ତିକ କୁ ଗିରଫ କରିଥିବା ବେଳେ ସାଇଂଟିଫିକ ଟିମ ତଦନ୍ତ କରି ଫେରିଛି । ଏନେଇ କୋରାପୁଟ ସଦର ଥାନାରେ ୩୦୨ ଦଫାରେ ୧୨୬/୨୦ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ କରୁଛି । ସ୍ତ୍ରୀ ପାର୍ବତୀର ଶବ ବ୍ୟବଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ବେଳେ ଏହି ଘଟଣାକୁ ନେଇ ଗ୍ରାମରେ ଉତେଜନା ଦେଖାଯାଇ ଥିବା ବେଳେ ପାର୍ବତି ଗ୍ରାମର ଗ୍ରାମବସୀ ମାନେ ପୋଲସ ଗାଡି ଅଟାକଇବା ସହ ୫ ଲକ୍ଷ ଟଙ୍କା ଦାବୀ କରିଥିଲେ । ଗ୍ରାମର ସରପଂଚ ଓ ଗ୍ରାମବସୀ ଅଭିଯୁକ୍ତ କାର୍ତିକକୁ କୋଠରରୁ କୋଠର ଦଣ୍ଡ ଦେବାକୁ ଦାବି କରିଥିବା ବେଳେ ଘଟଣା ସ୍ଥଳରେ ସଦର ଥାନା ଅଧିକାରି ସମର୍ପିତା ସ୍ୱାଇଁ, ଏସଆଇ ଶ୍ୱେତ ପଦ୍ମା ସେଠ୍, କୋଲାବ ଫାଣ୍ଡି ଅଧିକାରି ଅର୍ଜୁନ ବାଙ୍କା ଯାଇ ତଦନ୍ତ କରିଛନ୍ତି ।

# ଖାସବାହାଲ ପଂଚାୟତରେ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ନହେଲେ ଆନ୍ଦୋଳନ

ନୂଆପଡା,୧୦।୧୧ (ନି.ପ୍ର): ରାଜ୍ୟ ଏବଂ କେନ୍ଦ୍ର ସରକାର ଗ୍ରାମା ଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ସହ ଅନ୍ୟାନ୍ୟ ସୁବିଧା ବିଷୟରେ ଗୁରୁତ୍ୱ ଦେଇ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ଉପଯୁକ୍ତ ଭିତି ଭୂମିର ଅଭାବ ଯୋଗୁଁ ଏହି ଯୋଜନା ଠିକ ଭାବରେ ରୂପାୟନ ହୋଇପାରୁ ନାହି । ଫଳରେ ନୂଆପଡା ଭଳି ଅନୁନ୍ନତ ଜିଲ୍ଲାର ଲୋକେ ଆଜି ମଧ୍ୟ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇବାରୁ ବଂଚିତ ରହୁଛନ୍ତି । ଜିଲ୍ଲାର ଖଡିଆଳ ବ୍ଲକର ଆଦିବାସୀ ବହୁଳ ଖାସବାହାଲ ପଂଚାୟତ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଭଳି ବହୁ କ୍ଷେତ୍ରରେ ପଛରେ ପଡି ଯାଇଥିବା ଅଭିଯୋଗ ହେଉଛି । ଏହି ପଂଚାୟତରେ ବର୍ତମାନ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଟିଏ ସ୍ଥାପନ ହୋଇପାରି ନାହିଁ । ଫଳରେ ସାଧାରଣ ରୋଗରେ ପଡିଲେ ଏହି ପଂଚାୟତ ବାସୀ ୨୦ ରୁ ୨୫ କିଲୋମିଟିର ଦୂର ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି । ଏହି କାରଣ ଯୋଗୁଁ ଖଡିଆଳ ଡାକ୍ତରଖାନାରେ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଥିବା ବେଳେ ଲୋକେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇପାରୁ ନାହାନ୍ତି । ଖଡିଆଳ ଡାକ୍ତରଖାନାରେ ଡାକ୍ତର ସହ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥାର ଅଭାବ ଦୀର୍ଘ ଦିନରୁ ଲାଗି ରହିଛି । ଚିକିତ୍ସା ପାଇଁ କାମ ଧନ୍ଦା ଛାଡି ଲୋକେ ଦୂର ଦୁରାନ୍ତରୁ ଆସି ଚିକିତ୍ସିତ ହେଉଥିବା ବେଳେ ଅଯଥାରେ ହଇରାଣ ଓ ଖର୍ଚ୍ଚାନ୍ତରେ ପଡୁଥିବା ଅଭିଯୋଗ କରିଛନ୍ତି । ଇତିପୂର୍ବେ ରାଜ୍ୟ ସରକାର ରାଜ୍ୟର ଉପାନ୍ତ ଅଂଚଳ ମାନଙ୍କରେ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ସୁପାରିସ କରିଥିବା ବେଳେ ଜିଲାର ଉପାନ୍ତ ଅଂଚଳ ସହ ଖାସବାହାଲ ପଂଚାୟତରେ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା କରିବାକୁ ପଂଚାୟତର କୁନୁ ଚରଣ ବେହେରା, ପ୍ରେମ ତାଣ୍ଡି, କୌଳାସ ବେହେରା, ବିରଂଚି ନିଆଲ, ଜଗତ ତାହାଣି ସମେତ ପଂଚାୟତର ଶତାଧିକ ସାଧାରଣରେ ଦାବୀ କରି ସ୍ୱାସ୍ଥ୍ୟ ସଚିବଙ୍କୁ ଲିଖିତ ଅଭିଯୋଗ ପ୍ରଦାନ କରି ତୁରନ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ ପାଇଁ ଦାବୀ କରିଛନ୍ତି । ନଚେତ ଆଗାମି ଦିନରେ ପଂଚାୟତବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି ।

# ଯୁବ ସାମ୍ବାଦିକ ପ୍ରବୀର ପ୍ରଧାନଙ୍କ ଉଦ୍ଦେଶ୍ୟରେ ଶୋକସଭା

ଭୁବନେଶ୍ୱର,୧୦।୧୧ (ନି.ପ୍ର): ନୟାପଲ୍ଲୀ ନୂଆସାହିର ଶ୍ରୀ ଶ୍ରୀ ମହାବୀରଙ୍କ ପୂଜା ମଣ୍ଡପରେ ସମାଜସେବୀ ତଥା ମିଲନ୍ କୁମାର ପାଇକରାୟଙ୍କ ନେତୃତ୍ୱରେ ନ୍ୟୁଜ୍-୧୮ ର ଯୁବ ସାମ୍ବାଦିକ ପ୍ରବୀର ପ୍ରଧାନଙ୍କ ଦେହାନ୍ତରେ ଏକ ଶୋକସଭା ଆୟୋଜନ କରାଯାଇଥିଲା । ଏକ ମାସ ପୂର୍ବରୁ ତାଙ୍କ ପିତାଙ୍କର ମଧ କରୋନାରେ ଆକ୍ରାନ୍ତ ହୋଇ ଦେହାନ୍ତ ହୋଇଥିଲା, ଯାହା ଫଳରେ ସେ ମାନସିକ ସ୍ତରରେ ଚିନ୍ତିତ ଥିଲେ । ଗତ କିଛିଦିନ ତଳେ ସେ ମଧ କରୋନା ଆକ୍ରାନ୍ତ ହୋଇ ଚିକିତ୍ସା ହେଉଥିଲେ । ଚିକିତ୍ସା ହେବା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା, ଯାହା ଫଳରେ ସମଗ୍ର ଗଣମାଧ୍ୟମରେ ଏକ ଚହଳ ସୃଷ୍ଟି ହୋଇଥିଲା । ଏହି ଉଦ୍ଦ୍ୟେଶରେ ତାଙ୍କ ଅମର ଆତ୍ମାର ସଦଗତି କାମନା ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରିବା ସହ ଏକ ଶୋକ ସଭାର ଆୟୋଜନ ମଧ କରାଯାଇଥିଲା । ତତ୍‌ସହ ଏ ଦୁଃଖଦ୍ ସମୟରେ ତାଙ୍କ ପରିବାରକୁ ଭଗବାନ ଅସୀମ ଶକ୍ତି ପ୍ରଦାନ କରନ୍ତୁ ବୋଲି ସଂଗଠନର ସଦସ୍ୟମାନେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ ।

# ରୋଗପ୍ରତିରୋଧକ ଶକ୍ତି ବଢାଇବ ଏସବୁ ଖାଦ୍ୟ

ଯେ କୌଣସି ପ୍ରକାର ସଂକ୍ରମିତ ରୋଗରୁ ବର୍ତ୍ତିବାକୁ ହେଲେ, ପ୍ରଥମେ ନିଜ ଖାଦ୍ୟପାନୀୟ ଉପରେ ଧ୍ୟାନ ଦିଅନ୍ତୁ । ଆମେରିକା ଫୁଡ୍ ଆସୋସିଏସନ୍ ସଂଘ ମୁଖ୍ୟଙ୍କ ମତରେ ପିଲାଠାରୁ ବୟସ୍କ ଏଥିରେ ସାମିଲ କରାଯିବା ଉଚିତ ।



- ଦେଶୀ ଘିଅ, ଏଥିରେ ଥିବା ପୋଷକତତ୍ତ୍ୱ ଶରୀରକୁ ବିଭିନ୍ନ ରୋଗରୁ ରକ୍ଷା କରେ । କେତେକ ବର୍ଗର ଲୋକଙ୍କ ଭୟ ଯେ ଦେଶୀ ଘିଅ ଖାଇଲେ ଓଜନ ବଢିବା ସହ କୋଲେଷ୍ଟୋରଲ୍ ସ୍ତର ବୃଦ୍ଧି ହୁଏ । ତାହା ଭୁଲ୍ ପ୍ରମାଣିତ ହୋଇଛି । ଦୈନିକ ସକାଳବେଳା ଗୋଟିଏ ଚାମଚ ଶୁଦ୍ଧ ଦେଶୀଘିଅ ୧ ମାସ ଖାଇବା ପରେ ଏହାର ଉତ୍ତମ ପ୍ରଭାବ ଜାଣିପାରିବେ ।
- ଭିଟାମିନ୍ ସି ଯୁକ୍ତ ସମସ୍ତ ପ୍ରକାର ଫଳ ଓ ପନିପରିବା ନିଜ ଭୋଜନରେ ସାମିଲ କରନ୍ତୁ । ଖରାଦିନେ ଦିନକୁ ୩-୪ ଥର ଘରେ ଲେମ୍ବୁ, ପାଣି ପିଅନ୍ତୁ । ଏହା ଦ୍ୱାରା ଫୂର୍ତ୍ତି ଲାଗିବା ସହ ଶରୀରର ରୋଗପ୍ରତିରୋଧକ ଶକ୍ତି ମଧ୍ୟ ବଢିଥାଏ ।
- ରସୁଣ, ଏହାର ଆବଶ୍ୟକତା ଦୈନନ୍ଦିନ ଜୀବନରେ ଖୁବ୍ ଅଧିକ । ପ୍ରତ୍ୟେକ ବ୍ୟଞ୍ଜନରେ ରସୁଣ ଛୁଙ୍କ ଦେଇ ପରଷନ୍ତୁ । ନଚେତ୍ ସକାଳୁ ଖାଲିପେଟରେ ୨-୩ ରସୁଣ ପାଖୁଡା ଖାଇବା ଶରୀର ପାଇଁ ମହୌଷଧି ପରି କାମ କରେ ।
- ଅମୃତଭଣ୍ଡା, ଏଇ ପରିବା ଉଭୟ କଂଚା ଓ ପାଚିଲା ଖାଇ ହୁଏ । ବିଭିନ୍ନ ପ୍ରକାର ତରକାରିରେ ଏଇ ପରିବାର ଉପଯୋଗ କରି ଖାଇବା ଉଚିତ ।
- ରିଫାଇନ୍ ତେଲ ପରିବର୍ତ୍ତେ ସୋରିଷ ତେଲ କିମ୍ବା ନଡିଆ ତେଲରେ ଖାଦ୍ୟ ପ୍ରସ୍ତୁତ କରନ୍ତୁ । ପୂର୍ବେ ଲୋକ ଏଇ ସବୁ ତେଲରେ ହିଁ ଖାଦ୍ୟ ରାନ୍ଧୁଥିଲେ । ସେମାନଙ୍କ ସୁସ୍ଥ ଜୀବନଶୈଳୀର ଏହା ଅନ୍ୟତମ ସୂତ୍ର ଥିଲା ।
- ଦହି, ଦ୍ୱିପହର ଭୋଜନରେ ଆପଣ ଏହା ଖାଇପାରିବେ । ଶରୀରକୁ ଶକ୍ତି ଯୋଗାଇବାରେ ଦହି ଖୁବ୍ ସହାୟକ ହୋଇଥାଏ ।

# ତିନି ଡେଣା ଓ ଚାରି ଡେଣା ପଙ୍ଖାର ବିଶେଷତ୍ୱ





ଆଉ ଦିନ କେଇଟା ପରେ ଗରମର ସ୍ପର୍ଶ ଅନୁଭୂତ ହେବ । ଘରେଘରେ ଫ୍ୟାନ୍ ଲଗାଇବା ଆରମ୍ଭ ହୋଇଯିବ । ଦିନରାତି ୨୪ ଘଣ୍ଟା ଏହି ଫ୍ୟାନ୍ ଅଧିକାଂଶଙ୍କ ଘରେ ବୁଲୁଥାଏ । ଆପଣ କେବେ ଧ୍ୟାନ ଦେଇଛନ୍ତି କି ବଜାରରେ ମିଳୁଥିବା ତିନି ଡେଣା ଓ ଚାରି ଡେଣା ପଙ୍ଖାର ବିଶେଷତ୍ୱ । ଜନୈକ ଭାରତୀୟ ଇଂଜିନିୟରଙ୍କ ମତରେ ତିନି ଡେଣା ଥିବା ଫ୍ୟାନ୍ ଦେଶୀ ଓ ଚାରି ଡେଣା ଫ୍ୟାନ୍ ବିଦେଶୀ । ଆମ ଦେଶରେ ମଧ୍ୟ ଚାରି ଡେଣା ଫ୍ୟାନ୍ ବିକ୍ରି ପାଇଁ ଉପଲବ୍ଧ, ତେବେ ଖୁବ୍ କମ୍ ସଂଖ୍ୟକ ଲୋକ ଏହା କିଣିବାକୁ ପସନ୍ଦ କରନ୍ତି । ପଙ୍ଖାକୁ ଏଭଳି ଭାବେ ତିଆରି କରାଯାଇଛି ଯେ ତାହା ଘୂରିବା ମାତ୍ରେ ଥଣ୍ଡା ପବନ ହୋଇଥାଏ । ଆମେରିକା ଓ ଇଉରୋପ ଆଦି ଥଣ୍ଡା ରାଷ୍ଟ୍ରରେ ଚାରି ଡେଣା ଥିବା ପଙ୍ଖାକୁ ପ୍ରାଧାନ୍ୟ ଦିଆଯାଏ । କାରଣ ସେଠାରେ ପଙ୍ଖାର ଉପଯୋଗ ଖୁବ୍ କମ୍ ହେଉଥିବାବେଳେ ଗରମ ଦିନେ ଲୋକେ ଶୀତତାପନିୟନ୍ତ୍ରିତ ଯନ୍ତ୍ର ବ୍ୟବହାର କରିଥାନ୍ତି । କକ୍ଷର ଚତୁର୍ଦ୍ଦିଗକୁ ଶୀତତାପନିୟନ୍ତ୍ରିତ ଯନ୍ତ୍ରର ଶୀତଳତା ଯିବା ନିମନ୍ତେ ୪ ଡେଣା ପଙ୍ଖା ଭଲ କାମ କରେ । ଏହା ସହ ଏହି ପଙ୍ଖା ଖୁବ୍ ଧୀର ଗତିରେ କାମ କରେ । ଅନ୍ୟପାଖେ ତିନି ଡେଣା ପଙ୍ଖା ଖୁବ୍ ହାଲୁକା ହୋଇଥିବାବେଳେ ତାହା ଜୋର୍‌ରେ ଘୂରେ । ଆଜିକାଲି ଯେଉଁ ଭାରତୀୟ ଲୋକ ଅଧିକାଂଶ ସମୟ ଘରେ ଶୀତତାପନିୟନ୍ତ୍ରିତ ଯନ୍ତ୍ର ଲଗାଉଛନ୍ତି, ସେମାନେ ମଧ୍ୟ ଏହି ୪ ଡେଣା ପଙ୍ଖା ଲଗାଇବା ଉଚିତ ।

# ହାଇ-ଟେକ୍ ଜୋତା



ଜାପାନର ଏକ ନାମୀ କମ୍ପାନୀ ଅତ୍ୟାଧୁନିକ ହାଇ-ଟେକ୍ ଜୋତା ତିଆରି କରିଛି, ଯାହାକୁ ବିଶ୍ୱସ୍ତରରେର ପ୍ରଶଂସିତ କରାଯାଇଛି । କମ୍ପାନୀ ମୁଖ୍ୟ ନିକ୍‌ଙ୍କ କହିବାନୁସାରେ ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ଜୋତା ହୋଟେଲରେ ବ୍ୟବହାର କରାଯିବ । ଜୋତାକୁ ଆପଣ ଯେଉଁଠି ରଖିଥିଲେ ମଧ୍ୟ ତାହା ହଜିବ ନାହିଁ । କାରଣ ଏଥିରେ ଲାଗିଥିବା ସେନ୍‌ସର୍ ସହାୟତାରେ ଜୋତା କେଉଁଠିସ ଅଛି, ଜଣାପଡିଯିବ । ଅନ୍ୟପାଖେ ଜୋତାକୁ ଆପଣ ଯଦି ଖଟ ପାଖରେ ରଖୁଛନ୍ତି, ତେବେ କିଛି ସମୟ ପରେ ଜୋତାରେ ଦୁଇଟି ଛୋଟଛୋଟ ଚକ ମଧ୍ୟ ଲାଗିଛି । ପ୍ରୋ-ପାଇଲଟ୍ ଜ୍ଞାନକୌଶଳରେ ଜୋତାଟି ଚାଲୁଥିବାର କମ୍ପାନୀ ମୁଖ୍ୟ ପ୍ରକାଶ କରିଛନ୍ତି । ଖୁବ୍ ଶୀଘ୍ର ଏହି ଜୋତା ବଜାରରେ ଉପଲବ୍ଧ ହେବ ଓ ଏହାର ମୂଲ୍ୟ ୨୦ ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି ।

# ହସିବା କ୍ଷତିକାରକ !

ସମଗ୍ର ବିଶ୍ୱର ଏବେ ପ୍ରଚାରିତ ହେଉଛି ଯେ ହସିବା ସ୍ୱାସ୍ଥ୍ୟ ପାଇଁ ହିତକାରୀ । ଲୋକେ ଏବେ କମେଡି କାର୍ଯ୍ୟକ୍ରମ ନିୟମିତ ଦେଖୁଥିବାବେଳେ ଲାଫିଙ୍ଗ୍ କ୍ଲବ୍‌ରେ ମଧ୍ୟ ସଂଖ୍ୟାଧିକ ଲୋକ ଯୋଗ ଦେଉଛନ୍ତି । ଏପରିସ୍ଥଳେ ବ୍ରିଟେନ୍‌ନିବାସୀ ୧୫ ବର୍ଷୀୟା ଝିଅ ଜର୍ଡନ୍ କୁମର ହସିବା ମାତ୍ରେ ସଂଜ୍ଞାହୀନ ହୋଇଯାନ୍ତି । ଡାକ୍ତରଙ୍କ ମତରେ ସେଇ ସମୟରେ ତାଙ୍କ ଶରୀରରେ ଭିନ୍ନ ପ୍ରତିକ୍ରିୟା ସୃଷ୍ଟି ହେବା ସହ ପକ୍ଷାଘାତରେ ଆକ୍ରାନ୍ତ ହୁଅନ୍ତି । ଏହି ରୋଗର ନାମ 'କେଟେପ୍ଲେକ୍ସି' । ଏହା ସହ ଜର୍ଡନ୍ ମସ୍ତିଷ୍କ ରୋଗରେ ମଧ୍ୟ ଶିକାର, ଏଇ ଦୁଇଟି ରୋଗ କାରଣରୁ ତାଙ୍କ ଜୀବନଶୈଳୀ ପରିବର୍ତ୍ତନ ହୋଇଛି । । ଲୋକଙ୍କୁ ହସିବା ପାଇଁ ପରାମର୍ଶ ଦିଆଯାଉଥିବାବେଳେ ତାଙ୍କ ବାପା-ମା' କିନ୍ତୁ ସବୁ ସମୟରେ ସତର୍କ ଝିଅ ଯେମିତି ନ ହସୁ । କାରଣ ହସିବା ମାତ୍ରେ ସେ ବସିବା ସ୍ଥାନରୁ ଟଳି ପଡନ୍ତି ଓ ସଂଜ୍ଞାହୀନ ହୋଇଯାନ୍ତି । ତାଙ୍କ ସାଙ୍ଗସାଥୀ ଓ ବିଦ୍ୟାଳୟ ଶିକ୍ଷକ, ଶିକ୍ଷୟିତ୍ରୀ ମଧ୍ୟ ଏ ବ୍ରବଦରେ ଖୁବ୍ ସଚେତନ । ନିଜ ଜୀବନର ଏହି ସତ୍ୟ ଜାଣିବା ପରେ ମଧ୍ୟ ଜର୍ଡନ୍‌ଙ୍କର ବିଶ୍ୱାସ ଯେ ଦିନେ ସେ ଏହି ରୋଗରୁ ମୁକ୍ତି ପାଇ ଏକ ସାଧାରଣ ଜୀବନଶୈଳୀ ଅତିବାହିତ କରିବେ ।



# ଘରର ମୂଲ୍ୟ ୩୫.୮ ଅରବ

ଆଜିର ସମୟ ଲୋକ ଘର ତିଆରି କିରବାରେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ଆଦୌ ମନ ଉଣା କରୁନାହାନ୍ତି । କରଜ କରି କିମ୍ବା ନିଜ ସଞ୍ଚୟରୁ ବଞ୍ଚାଇ ଲୋକ ବହୁ ମୂଲ୍ୟ ବିଳାସମୟ ଘର ତିଆରି ଯୋଜନା କରୁଛନ୍ତି । ଏପରିସ୍ଥଳେ ଆମେରିକାର ଲସ୍‌ଆଞ୍ଜେଲସ୍‌ସ୍ଥିତ ବେଲ୍ ଏୟାର ପାହାଡ ଉପରେ ନିର୍ମିତ ଏକ ବିଳାସମୟ ଅଟ୍ଟାଳିକା ୩୫.୮ ଅରବ ମୂଲ୍ୟରେ ବିକ୍ରି ହୋଇଛି । ୧ଲକ୍ଷ ବର୍ଗ ଫୁଟ୍ ପରିସୀମାରେ ବହୁ ମୂଲ୍ୟ ଘରଟିକୁ ତିଆରି କରାଯାଇଥିବାର ପ୍ରକାଶ । ଆମେରିକାର ସବୁଠୁ ନାମୀ ଦାମୀ ଘର ଡିଜାଇନ୍ କରୁଥିବା ନିଲ୍ ନିୟାମି ଏଇ ଘରର ଡିଜାଇନ୍ କରିଛନ୍ତି । ଏହି ବିଳାସମୟ ଅଟ୍ଟାଳିକାର ବିଶେଷତ୍ୱ ହେଲା, ପୂରା ଲସ୍‌ଆଞ୍ଜେଲସ୍‌ର ଦୃଶ୍ୟ ଇଏ ଘରୁ ଦେଖାଯାଇଥାଏ । ଏହା ସହ ପ୍ରଶାନ୍ତ ମହାସାଗରର ସୁନ୍ଦର ଦୃଶ୍ୟ ମଧ୍ୟ ଘରୁ ଦୃଶ୍ୟମାନ ହୁଏ । ଘରର ଏକ ସ୍ୱତନ୍ତ୍ର କକ୍ଷରେ କାଚର କାନ୍ଥ ସଂଲଗ୍ନ ଆକ୍ୱାରିୟମ୍ କରାଯାଇ ରଙ୍ଗବେରଙ୍ଗର ମାଛମାନ ରଖାଯାଇଛି ।

# ରଙ୍ଗ ପରିବର୍ତ୍ତନ କରୁଛି ସାମୁଦ୍ରିକ ଘୋଡା



ନିକଟରେ ପ୍ରାଣୀ ବିଶେଷଜ୍ଞ ଏକ ବିଶେଷ ପ୍ରଜାତିର ସାମୁଦ୍ରିକ ଘୋଟା ଚିହ୍ନଟ କରିଛନ୍ତି । ଏହି ସମୁଦ୍ର ଘୋଡା ପ୍ରଶାନ୍ତ ମହାସାଗରର ଗଭୀରତାରେ ଠାବ କରାଯାଇଛି । ଗବେଷକଦଳ ଏହି ଘୋଡାର ଭିଡିଓ ରେକର୍ଡ଼ି ମଧ୍ୟ ୱେବ୍‌ସାଇଟ୍‌ରେ ଅପଲୋଡ କରିଛନ୍ତି, ପ୍ରାଣୀର ନାମ 'କଲର୍ ଚେଞ୍ଜିଙ୍ଗ୍ ସି ହର୍ସ' ରଖାଯାଇଥିବାବେଳେ ବିପଦ ସମୟରେ ହିଁ ଘୋଡର ରଙ୍ଗ ପରିବର୍ତ୍ତନ ହୁଏ । ଅନ୍ୟ ସାମୁଦ୍ରିକ ପ୍ରାଣୀ ଆକ୍ରମଣ କରିବା ସମୟରେ ଏହି ସାମୁଦ୍ରିକ ଘୋଡାର ରଙ୍ଗ କଳା ରଙ୍ଗରେ ପରିଣତ ହେଉଥିବାର ଦେଖାଯାଇଛି । ଥରକରେ ବିଶେଷ ପ୍ରଜାତିର ଏଇ ଘୋଡା ୧ ହଜାରରୁ ଅଧିକ ଅନ୍ତର୍ଜାତୀୟ ବଜାରରେ ସାମୁଦ୍ରିକ ଘୋଡା ବହୁ ମୂଲ୍ୟରେ ବିକ୍ରି ହୋଇଥାଏ । ଏକ ଗୋପନ ସୂତ୍ରରୁ ମିଳିଥିବା ତଥ୍ୟ ଅନୁସାରେ , ଆମେରିକାର ଧନିକ ଗୋଷ୍ଠୀ ଗୋଟିଏ ସାମୁଦ୍ରିକ ଘୋଡା କିଣିବା ନିମନ୍ତେ ୭୦୦୦-୯୦୦୦ ଟଙ୍କା ଖର୍ଚ୍ଚ କରିବାକୁ ମନ ଉଣା କରିନଥାନ୍ତି ।

# ଉପକାରୀ ମୂଳା ଶାଗ

ମୂଳା ପରିବାରେ ଥିବା ବିଭିନ୍ନ ପୋଷକତତ୍ତ୍ୱ ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଇଥାଏ । ମୂଳା ଶାଗ ଖାଇବା ହିତକାରୀ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତ । ଖୁବ୍ କମ୍ ସମୟରେ ପ୍ରସ୍ତୁତ ହୋଇପାରୁଥିବା ମୂଳା ଶାଗ କ୍ୟାଲସିୟମ୍ ଓ ପୋଟାସିୟମ୍ ଭରପୂର ହୋଇଥିବାବେଳେ ହାଡ, ଗଣ୍ଠିକୁ ଶକ୍ତ କରିଥାଏ ।



- ତ୍ୱଚା ଉପରେ ଏହି ମୂଳା ଶାଗର ଉତ୍ତମ ପ୍ରଭାବ ପଡୁଥିବାର ବିଶେଷଜ୍ଞ ପ୍ରକାଶ କରିଛନ୍ତି । ବ୍ରଣ ସମସ୍ୟା ଉପୁଜୁଥିଲେ, ସପ୍ତାହକୁ ୨-୩ ଥର ମୂଳା ଶାଗ ଖାଇବା ସ୍ୱାସ୍ଥ୍ୟ ପାଇଁ ଭଲ ।
- ଗବେଷଣାରୁ ପ୍ରମାଣିତ ହୋଇଛି ଯେ ମୂଳା ଶାଗ ନିୟମିତ ଭୋଜନରେ ସାମିଲ କଲେ କର୍କଟ ରୋଗ ହେବାର ଆଶଙ୍କା ଯଥେଷ୍ଟ କମ୍ ହୋଇଥାଏ ।
- ଶୀତଦୀନେ ଥଣ୍ଡା ଓ କାଶ ରୋଗରେ ଅଧିକାଂଶ ଆକ୍ରାନ୍ତ ହୋଇଥାନ୍ତି । ଶୀତଦିନେ ଏଇ ଶାଗ ନିଜ ଖାଦ୍ୟ ତାଲିକାରେ ସାମିଲ କଲେ ସର୍ଦି ରୋଗ ହୋଇନଥାଏ ବୋଲି ଅନୁଧ୍ୟାନରୁ ଜଣାପଡିଛି ।
- ରକ୍ତଚାପ ରୋଗୀ ପ୍ରତ୍ୟହ ଏହି ଶାଗ ଖାଇଲେ ସେମାନଙ୍କ ଚାପ ସମସ୍ୟା ନିୟନ୍ତ୍ରଣ ହେଉଥିବାର ବିଶେଷଜ୍ଞଙ୍କ ମତ ।

# ଗଛକୁ ଛୁଇଁଲେ ହୁଏ ମୃତ୍ୟୁ !

ବର୍ତ୍ତମାନ ପରିସ୍ଥିତିରେ ପୃଥିବୀ ପ୍ରତ୍ୟେକ ପ୍ରାନ୍ତରେ ଚାରାରୋପଣ ନିମନ୍ତେ ସମସ୍ତ ବର୍ଗର ଲୋକଙ୍କୁ ଉତ୍ସାହିତ କରାଯାଉଛି । ପ୍ରଦୂଷଣର ସ୍ତର ବଢ଼ିଚାଲିଥିବାରୁ ପରିସ୍ଥିତି ଅଣାୟତ୍ତ ହେବାରେ ଲାଗିଛି । ଏପରିସ୍ଥଳେ କେତୋଟି ଗଛ ମଧ୍ୟ ଆମ ମନୁଷ୍ୟଜାତି ପାଇଁ କ୍ଷତିକାରକ ପ୍ରମାଣିତ ହୋଇଛି । ତନ୍ମଧ୍ୟରୁ ଅନ୍ୟତମ ଗଛ ହେଲା, 'ହୋଗବିଜା' । ବୈଜ୍ଞାନିକମାନେ ଏହି ଗଛର ନାମ 'କିଲର୍ ଟ୍ରି' ଦେଇଛନ୍ତି । ଲଣ୍ଡନସ୍ଥିତ ୟର୍କଶାୟର୍ ନଦୀକୂଳରେ ଏହି କିଲର୍ ଟ୍ରି ଦେଖାଯାଇଥାଏ । ଧଳା ରଙ୍ଗର ଫୁଲ ଫୁଟୁଥିବା ଏଇ ଗଛର ଉଚ୍ଚତା ୧୪ ଫୁଟ୍ ହେଉଥିବାବେଳେ ଅଧିକାଂଶ ଲୋକ ଏହାର ଫୁଲ ଦେଖି ଆକର୍ଷିତ ହୋଇ ଆସନ୍ତି । ଗଛକୁ ଛୁଇଁବାମାତ୍ରେ ପ୍ରଥମେ ହାତରେ ଜ୍ୱାଳାପୋଡା ହୋଇଥାଏ । ପରବର୍ତ୍ତୀ ସମୟରେ ପୂରା ଶରୀର ଉତ୍ତପ୍ତ ହେଲା ଭଳି ଅନୁଭୂତ ହେଉଥିବାର ଗବେଷକଙ୍କ ମତ । ଏହି ଗଛକୁ ଛୁଇଁବାର କେତେ ଘଣ୍ଟା ପରେ ମୃତ୍ୟୁ ହେବାର ଭୟ ରହିଛି । ଅନ୍ୟପାଖେ କିଛି ମାସ ତଳେ ଜଣେ ଯୁବକ ଏଇ 'କିଲର୍ ଟ୍ରି'କୁ ଛୁଇଁବା ପରେ ଦୃଷ୍ଟି ଶକ୍ତି ହରାଇଛନ୍ତି । ସ୍ଥାନୀୟ ପ୍ରଶାସନ ଏହି କିଲର୍ ଟ୍ରି ଥିବା ପ୍ରାନ୍ତକୁ ନିଷିଦ୍ଧାଞ୍ଚଳ ଭାବେ ଘୋଷଣା କରିଛି । ୨ କିମି ଦୂରରୁ ଲୋକଙ୍କୁ ଏହି ଗଛ ବାବଦରେ ବିଭିନ୍ନ ସତର୍କ ସୂଚନାମାନ ଉଲ୍ଲେଖ କରାଯାଇଛି ।






# ବିଶ୍ୱର ମହଙ୍ଗା ଚକୋଲେଟ୍

ଯଦି ଗୋଟିଏ ଚକୋଲେଟ୍‌ର ମୂଲ୍ୟ ୪୦୦ କିମ୍ବା ୫୦୦ ଟଙ୍କା, ତେବେ ଆମେ ଏହାକୁ ଦାମୀ ଚକୋଲେଟ୍ ଭାବେ ଗ୍ରହଣ କରୁ । ଭାରତୀୟ ବଜାରରେ ସର୍ବାଧିକ ୨ ହଜାରର ଟଙ୍କା ମୂଲ୍ୟର ଦାମୀ ଚକୋଲେଟ୍ ମିଳେ । ବିଦେଶୀ ରାଇଜରେ ବିଶେଷ ଅବସରରେ ନାମୀ ହୋଟେଲଗୁଡିକ ଲକ୍ଷାଧିକ ଟଙ୍କା ବ୍ୟୟରେ ଚକୋଲେଟ୍ ତିଆରି କରିଥାନ୍ତି । ବଡ ଦିନ, ନୂଆ ବର୍ଷ ଅବସରରେ ଇଉରୋପ, ଆମେରିକା ଫଂଚାୟତକା ହୋଟେଲରେ ମହଙ୍ଗା ଚକୋଲେଟ୍ ତିଆରି ହୁଏ । ନିକଟରେ ପର୍ତ୍ତୁଗାଲର ଓବିଡୋସ୍‌ରେ ବିଶ୍ୱର ସବୁଠୁ ମହଙ୍ଗା ଚକୋଲେଟ୍ ତିଆରି ହୋଇଛି । ଏହି ଚକୋଲେଟ୍‌ର ମୂଲ୍ୟ ୬ ଲକ୍ଷ ୧୮ ହଜାରୀ ୪୦୦ ଟଙ୍କା । ଏହି ଚକୋଲେଟ୍‌କୁ ପ୍ରସ୍ତୁତ କରୁଥିବା ମୁଖ୍ୟ ରୋଷେୟାଙ୍କ ମତରେ ଏଥିରେ ସୁନାର ବ୍ୟବହାର କରାଯାଇଛି, ଯାହା ଖାଇଲେ ସ୍ୱାସ୍ଥ୍ୟ ଉପରେ କୌଣସି କୁପ୍ରଭାବ ପଡେନାହିଁ । ବିଶ୍ୱର ସବୁଠୁ ମହଙ୍ଗା ମସଲା ଏହି ଚକୋଲେଟ୍‌ରେ ବ୍ୟବହୃତ ହୋଇଥିବାବେଳେ ମାଡାଗାସ୍କାର ଦ୍ୱୀପରୁ ଆସିଥିବା ହ୍ୱାଇଟ୍ ଟ୍ରଫଲ୍, ଭେନିଲା ବ୍ୟବହୃତ ହୋଇଛି । ଅନ୍ୟତମ ରୋଚକ ତଥ୍ୟ ହେଉଛି, ଚକୋଲେଟ୍ ପାଇଁ ଦୁଇଜଣ ସୁରକ୍ଷାକର୍ମୀ ମଧ୍ୟ ନିଯୁକ୍ତ ହୋଇଛନ୍ତି । ଗିନ୍‌ଜ୍ ବୁକ୍ ଅଫ୍ ୱାର୍ଲ୍ଡ୍ ଅଫ୍ ରେକର୍ଡସ୍‌ରେ ମଧ୍ୟ ଏହା ବିଶ୍ୱର ସବୁଠୁ ଦାମୀ ଚକୋଲେଟ୍ ଭାବେ ସ୍ଥାନ ପାଇଥିବାର ପ୍ରକାଶ ।



# ୧ କୋଟି ଟଙ୍କାର ଟିଭି !

ଆଜିକାଲି ଅଧିକାଂଶ ଲୋକ ବଡ ଏଲଇଡି ଟିଭି ଦେଖିବାକୁ ପସନ୍ଦ କରୁଛନ୍ତି । ଉଚ୍ଚକ୍ଷମତାସମ୍ପନ୍ନ ଏହି ଅତ୍ୟାଧୁନିକ ଟେଲିଭିଜନ ବଜାରରେ ଏବେ ସୁନାର ଟିଭି ଉପଲବ୍ଧ । ମିଳିଥିବା ତଥ୍ୟ ଅନୁସାରେ, ବ୍ରିଟିଶ୍ ଟିଭି କମ୍ପାନୀ 'ଏକ୍ୱାଭିଜନ୍' ୨୪ କ୍ୟାରେଟ୍‌ଯୁକ୍ତ ୧୦୦ ଇଂଚର ସୁନା ଟିଭି ତିଆରି କରିଛି । ଲଣ୍ଡନର ଏକ ମଲ୍‌ରେ ଏହି ଟିଭି ବିକ୍ରି ପାଇଁ ରହିଥିବାବେଳେ ସଂଖ୍ୟାଧିକ ଗ୍ରାହକ ସୁନାର ଟିଭି ଦେଖିବାକୁ ଆସୁଛନ୍ତି । ଏହି ଟିଭିର ଅନ୍ୟ ଏକ ମୁଖ୍ୟ ବିଶେଷତ୍ୱ ହେଲା, ତାହା ୱାଟର୍‌ପ୍ରୁଫ୍ । ବିଳାସମୟ ଏହି ଟିଭିର ମୂଲ୍ୟ ୧କୋଟି ୯୬ ହଜାର ଟଙ୍କା ଧାର୍ଯ୍ୟ ହୋଇଛି । କମ୍ପାନୀ ଟିଭିର ନାମ 'ବିଡି-୧୦୦' ରଖିଛି । ୪ କେ କ୍ଷମତାସମ୍ପନ୍ନ ଏହି ଟିଭିର ବୁକିଂ ମଧ୍ୟ ଆରମ୍ଭ ହୋଇଗଲାଣି । ବ୍ରିଟେନ୍‌ର ଧନିକ ଗୋଷ୍ଠୀ ଏହି ଧାଡିରେ ଆଗୁଆ । ଏକ୍ୱାଭିଜନ୍ କମ୍ପାନୀ ମୁଖ୍ୟ ଅଧିକାରୀଙ୍କ ମତରେ ଗତ ୩ ଦିନ ମଧ୍ୟରେ ୭୭ ଜଣ ଲୋକ ଏହି ୨୪ କ୍ୟାରେଟ୍ ୱାଟରପ୍ରୁଫ୍ ଟିଭିର ବୁକିଂ କରିସାରିଲେଣି ।



ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୧ ନଭେମ୍ବର ୨୦୨୦, ବୁଧବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

# ମାନସିକତାର ପରିବର୍ତ୍ତନ ହେଉ...

ଆମ ଦେଶରେ ନାରୀ ଜାତିକୁ ସମ୍ମାନ ଦେବାର ପରମ୍ପରା ଗଢ଼ି ଆସୁଥିବାର କୁହାଯାଉଛି । ସ୍ୱୟଂ ପ୍ରଧାନମନ୍ତ୍ରୀ 'ବେଟୀ ବଚାଓ, ବେଟି ବଢ଼ାଓ' ଧ୍ୱନି ମାଧ୍ୟମରେ ଚାହିଁଛନ୍ତି ସମାଜରେ ରହିଆସିଥିବା ଲିଙ୍ଗଗତ ପ୍ରଭେଦର ଅବସାନ ପାଇଁ । କଥିତ ଆନ୍ଦୋଳନକୁ କିଭଳି ଅଧିକ ସମର୍ଥନ ମିଳିପାରିବ । ବିଶେଷକରି ଶିଶୁକନ୍ୟା ଭ୍ରୂଣହତ୍ୟାର କୁତ୍ସିତ ପରମ୍ପରା ବିରୋଧରେ ଏବଂ ମହିଳାଙ୍କୁ ବଳାତ୍କାର ବିରୋଧରେ କଠୋରରୁ ଅଧିକ କଠୋର ଆଇନ ବ୍ୟବସ୍ଥା ପାଇଁ ସରକାର ଅଣ୍ଟା ଭିଡ଼ି ବାହାରିଥିବାର ଦେଖାଯାଉଛି । ଲୋକପ୍ରତିନିଧି ସଭାରେର ଗୋଟିକ ପରେ ଗୋଟିଏ ଆଇନ୍ ପାସ୍ ହେବା ଯେତିକି ଗୁରୁତ୍ୱ ବହନ କରୁଛି, ଏହି ସମୟରେ ଗଣବଳାତ୍କାର, ନାରୀ ହତ୍ୟା ଓ ଅନୁରୂପ ସାମାଜିକ ହିଂସାର ହାର ବଢ଼ିବା ସେତିକି ଆଘାତ ଦେଉଛି । ହିସାବ କହୁଛି: ପ୍ରତିଦିନ ଭାରତରେ ୮୮ଟି ବଳାତ୍କାର ଘଟୁଛି । ଏନସିଆରବି'ର ୨୦୧୯ ରିପୋର୍ଟରେ ପ୍ରକାଶିତ ଏହି ଚାଞ୍ଚଲ୍ୟକର ପରିସଂଖ୍ୟାନକୁ ଦେଖିଲେ, ମହିଳାଙ୍କ ସୁରକ୍ଷା ନେଇ ଗମ୍ଭୀରର ପ୍ରଶ୍ନବାଚୀ ଅବଶ୍ୟ ଉଠିବ । ସଂସ୍ଥା ନିକଟକୁ ଯେତିକି ଓ ଯେଉଁ ତଥ୍ୟ ଆସିଛି, ତାହାଠାରୁ ବହୁ ଅଧିକ ତଥ୍ୟ ପଞ୍ଜୀକୃତ ହୋଇନଥିବ । ଉତ୍ତରପ୍ରଦେଶ ଓ ରାଜସ୍ଥାନ ଭଳି ରାଜ୍ୟରେ ବଳାତ୍କାର ସଂଖ୍ୟା ଅଧିକ ବୋଲି ଏହି ରିପୋର୍ଟ କହୁଛି । କୁହାଯାଉଛି, ଉତ୍ତରପ୍ରଦେଶଠାରୁ ରାଜସ୍ଥାନରେ ବଳାତ୍କାର ସଂଖ୍ୟା ଦୁଇଗୁଣ ଅଧିକ । ଆମ ରାଜ୍ୟ ଓଡ଼ିଶା ମଧ୍ୟ ନିଜ ରେକର୍ଡ ବହନ କରିଚାଲିଛି । କେଉଁ ରାଜ୍ୟରେ ଅଧିକ ବଳାତ୍କାର ଅପରାଧ ଘଟୁଛି, କେଉଁଠି ଊଣା, ତାହାର ବିଚାର କ୍ଷେତ୍ର ଏହା ନୁହେଁ । ବରଂ, ସାରା ଦେଶର ବିଭିନ୍ନ ରାଜ୍ୟରେ କଥିତ ଅପରାଧ ବୃଦ୍ଧି ପାଇଛି ବୋଲି ଜଣାଯିବାରେ ସମସ୍ତେ ଅନ୍ତତଃପକ୍ଷେ ଲଜ୍ୟାରେ ମଥା ନୋଇଁଦେବା କଥା । କିଛିଦିନ ତଳେ ଉତ୍ତରପ୍ରଦେଶର ଜଣେ ଊଣେଇଶି ବର୍ଷର ଦଳିତ ଝିଅକୁ ଗଣବଳାତ୍କାର କରାଯାଇ ହତ୍ୟା କରାଯିବା ଖବର ଦେଶସାରା ଚଳହ ପକାଇ ଦେଇଛି । ଏଥିନେଇ ରାଜ୍ୟ ସରକାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ପୁଲିସ ଉପସ୍ଥିତିରେ ପ୍ରମାଣ ଲିଭାଇଦେବାକୁ ରାତିର ବିଳମ୍ବିତ ପ୍ରହରରେ ପୀଡ଼ିତାର ଶବକୁ ପୋଡ଼ି ଦିଆଗଲା । ସବର୍ଣ୍ଣ ଶ୍ରେଣୀର ଚାରିଜଣଙ୍କ ଉପସ୍ଥିତିରେ ଏହି କୁତ୍ସିତ କାଣ୍ଡ ଘଟିଛି । ଦଳିତ ପୀଡ଼ିତାଙ୍କୁ ଦୁଇଜଣ ଦୁଷ୍କୃତିକାରୀ ବଳାତ୍କାର କରିଥିବା ଏବଂ ତାଙ୍କ ଗଳା ଚିପି ମାରିଦିଆଯିବା କଥା ଅଭିଯୋଗ ହୋଇଛି । କାଳେ କଥା ପ୍ରଘଟ ହୋଇଯିବ, ସେହି ଆଶଙ୍କାରେ ପୀଡ଼ିତାର ଜିଭକୁ ଦୁର୍ବୃତ୍ତମାନେ କାଟି ପକାଇଥିବାର କହୁଥିବାବେଳେ ପୁଲିସ ସଫେଇ ଦେଉଛି କି, ଗଳା ଚିପିଲାବେଳେ ଜିଭ ବାହାରକୁ ବାହାରି ଆସିଥିବ ଓ ଦାନ୍ତରେ ଛିଣ୍ଡିଯାଇଥିବ । କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଏହା ଉପରେ ଜନଆନ୍ଦୋଳନକୁ ଓହ୍ଲାଇବା ପରେ ସରକାର ସିବିଆଇ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାର କୌଣସିମତେ ଅପରାଧୀଙ୍କୁ ଧରାଯିବ ବୋଲି ଦୃଢ଼ୋକ୍ତି କରୁଛନ୍ତି । ଏହି ଲୋମହର୍ଷଣକାରୀ ଘଟଣା ବିଗତ ଦିନର ନିର୍ଭୟା କାଣ୍ଡକୁ ମନେ ପକାଇ ଦେଉଛି । ଉତ୍ତରପ୍ରଦେଶର ହାଥରସ୍‌ର ଏହି ହୀନ ଓ ଘୃଣ୍ୟ ଘଟଣାକୁ ଲୁଚେଇ ଦେବାକୁ ନିର୍ଦ୍ଦିଷ୍ଟ ମହଲ ଅପଚେଷ୍ଟା କରୁଥିବାବେଳେ ସ୍ୱୟଂ ପ୍ରଧାନମନ୍ତ୍ରୀ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୋଇ ଅପରାଧୀମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ନିର୍ଭୟା କାଣ୍ଡର ଅପରାଧୀମାନେ ବହୁଦିନର ସଂଘର୍ଷ ପରେ ଫାଶୀଖୁଣ୍ଟରେ ଝୁଲିଲେ । ଦେଶବ୍ୟାପୀ କିଭଳି ଉତ୍ତାଳ ଆନ୍ଦୋଳନ ନିର୍ଭୟା ଗଣବଳାତ୍କାରୀଙ୍କୁ ମୃତ୍ୟୁଦଣ୍ଡ ଦାବି ଆଧାରରେ ହେଲା, ତାହା ଦେଶ ଦେଖିଛି । ଉପସ୍ଥିତ କ୍ଷେତ୍ରରେ ପୀଡ଼ିତା ଜଣେ ଦଳିତ ଶ୍ରେଣୀର ହୋଇଥିବାରୁ ତାଙ୍କ ପରିବାରକୁ ନ୍ୟାୟ ମିଳିବା ନେଇ ସବୁ ସ୍ତରରେ ଉତ୍କଣ୍ଠା ସୃଷ୍ଟି ହୋଇଛି । ଏମିତିରେ ଦୃଢ଼ ଦାବି ଉଠୁଛି, ଫାଷ୍ଟ ଟ୍ରାକ୍ କୋର୍ଟରେ ଜଘନ୍ୟ ଅପରାଧର ବିଚାରଣା ହୋଇ ଦୋଷୀମାନଙ୍କୁ ଶାସ୍ତି ଦିଆଯାଉ । ମାତ୍ର ଅପରାଧୀମାନେ ରାଜନେତାମାନଙ୍କ ଛତ୍ରଛାୟା ତଳେ ଆଶ୍ରିତ ରହି ଖସିଯିବାର ଅସଂଖ୍ୟ ନଜିର ରହିଛି । ସେହି ଉତ୍ତରପ୍ରଦେଶର ଜଣେ ପୂର୍ବତନ ବିଧାୟକ କିଭଳି ଆଇକାନୁନକୁ ଫୁଁ' କରି କୁକାର୍ଯ୍ୟ କରିଚାଲିଥିଲେ । ସେ ଏବେ ଜେଲରେ ହାଓ୍ୱା ଖାଉଛନ୍ତି, ତାହା ସମସ୍ତେ ଜାଣିଛନ୍ତି । ମାତ୍ର ତାହା କୋଟିକରେ ଗୋଟିଏ ନମୁନା । ସାରା ବ୍ୟବସ୍ଥା ସମାଜବିରୋଧୀଙ୍କ କଳାକାରନାମାରେ କଳୁଷିତ ହୋଇ ସାରିଥିବାରୁ କି' ପ୍ରକାର ନ୍ୟାୟ ଆଶା କରିହେବ, ତାହା ନିୟୁତ ଡଲାରର ପ୍ରଶ୍ନ ।

# ଶୂନ୍ୟ ଶିକ୍ଷାବର୍ଷ ଘୋଷଣା ହିଁ ଏକମାତ୍ର ବିକଳ୍ପ

ପ୍ରଦୀପ୍ତ ଆଚାର୍ଯ୍ୟ



କରୋନା ମହାମାରୀର ଭୟାବହତାରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି ଶିକ୍ଷା ବ୍ୟବସ୍ଥା । ମାର୍ଚ୍ଚ ମାସ ଠାରୁ ଆଜି ପର୍ଯ୍ୟନ୍ତ ବିଦ୍ୟାଳୟରେ ତାଲା ଝୁଲୁଛି ।ବାରମ୍ବାର ବିଦ୍ୟାଳୟ ଖୋଲାଯିବାର ନିଷ୍ପତି ଗ୍ରହଣ କରି ମଧ୍ୟ ତାକୁ ପରିବର୍ତନ କରାଯାଉଛି । ସରକାର କିଂକର୍ତବ୍ୟବିମୁଢ଼ । ଅଭିଭାବକ ମାନେ ଦ୍ୱନ୍ଦରେ ।ବିଦ୍ୟାଳୟ ଖୋଲିଲେବି,ପିଲାମାନଙ୍କୁ ପଠାଇବେ କି ନାହିଁ,ସ୍ଥିର କରିପାରୁନାହାନ୍ତି ।ଏତେ ଗୁଡିଏ ଛାତ୍ରଛାତ୍ରୀଙ୍କୁ ନେଇ ସାମାଜିକ ଦୂରତ୍ୱ ରକ୍ଷା କରିବା କେବେବି ସମ୍ଭବ ହେବନାହିଁ। ସନ୍ତାନ ମାନଙ୍କର ଶିକ୍ଷା ଗ୍ରହଣ ଅପେକ୍ଷା ଜୀବନ ଧାରଣ ଗୁରୁତ୍ୱପୂର୍ଣ୍ଣ। ଯେଉଁଠି ବୟସ୍କ ଓ ସଚେତନ ବ୍ୟକ୍ତି ମାନେ ବିଭିନ୍ନ ସ୍ଥାନରେ ଏକତ୍ରିତ ହୋଇ ସାମାଜିକ ଦୂରତ୍ୱ ରକ୍ଷା କରିପାରୁନାହାନ୍ତି,ସେଠାରେ ପିଲାମାନଙ୍କ ଦ୍ୱାରା ଏହା କେତେଦୂର ସମ୍ଭବ ତାହା ଅନୁମେୟ। ଛାତ୍ରଛାତ୍ରୀମାନେ ମଧ୍ୟ ତାଙ୍କର ଭବିଷ୍ୟତ ବିଷୟରେ ସନ୍ଦିହାନ ।କିପରି ପାଠ୍ୟବିଷୟ ଶେଷ ହେବ,କିପରି ପରୀକ୍ଷା ହେବ,କିପରି ପରବର୍ତୀ ଉଚ୍ଚ ଶ୍ରେଣୀ କୁ ଉତୀର୍ଣ୍ଣ ହେବେ,ଏସବୁ ଅସମାହିତ ପ୍ରଶ୍ନର ସମାଧାନ କାହାରି ପାଖରେ ନାହିଁ କହିଲେ ଚଳେ। ସରକାର ୩୦% ପାଠ ହ୍ରାସ କରିବା କଥା ଘୋଷଣା କରିଛନ୍ତି,ଆଉ ବାକି ରହିଲା ୭୦% ପାଠ। କିନ୍ତୁ ଶିକ୍ଷାବର୍ଷର୧୨ମାସରୁ ଆଠ ମାସ ବିଦ୍ୟାଳୟ ବନ୍ଦ ରହିଛି। ଡିସେମ୍ବର ୩୧ ପର୍ଯ୍ୟନ୍ତ ଘୋଷିତ ଛୁଟିଯେ ବୃଦ୍ଧି ନହେବ ତାହାର ମଧ୍ୟ ସଠିକତା ନାହିଁ। ଯଦି ଖୋଲେ ସମୟ ରହିବ ପ୍ରାୟ ୩୦%। ତେଣୁ ମାତ୍ର ୩୦% ସମୟ ଭିତରେ ୭୦% ପାଠ ଶେଷ କରିବା ସମ୍ଭବତ ?ତେଣୁ ଛାତ୍ରଛାତ୍ରୀ ମାନଙ୍କୁ କେବଳ କଇଁଥା ବା ଦରସିଝା କରିବାହିଁ ସାର ହେବ। ସରକାର ଏବଂ ଶିକ୍ଷା ବିଭାଗର କର୍ମକର୍ତା ମାନେ,ଅନ୍‌ଲାଇନ୍‌ରେ ପାଠ ପଢାଇବାର ନିୟମ ପ୍ରବର୍ତନ କରି,କିୟଦଂଶରେ ଦାୟିତ୍ୱ ନିର୍ବାହ କରିଛନ୍ତି ବୋଲି ଆଶ୍ୱସ୍ତି ଅନୁଭବ କରୁଛନ୍ତି। ଅନ୍‌ଲାଇନ୍‌ରେ ପାଠ ପଢା କେବଳ କାମଚଳା ଓ ଅଗିକୁ ବାଇଗଣ ଫୋପାଡିବା ସଦୃଶ। କାହାର ମୋବାଇଲ ନାହିଁତ, କାହାର ନେଟ୍‌ଓ୍ୱାର୍କ ସମସ୍ୟା ରହିଛି। ଏପର୍ଯ୍ୟନ୍ତ କେତେକ ଶିକ୍ଷକ ମଧ୍ୟ ଅନ୍‌ଲାଇନ୍ ଶିକ୍ଷାଦାନ କୌଶଳ ଆୟତ କରିପାରି ନାହାନ୍ତି,ପିଲା ଏବଂ ଅଭିଭାବକଙ୍କ କଥା ନକହିଲେ ଭଲ ।ଘଂଚ ଜଙ୍ଗଲ ଓ ପାହାଡ ପର୍ବତ ଘେରା ଜନଜାତି ଅଧ୍ୟୁଷିତ ଅଂଚଳର କଥା ଚିନ୍ତନର ଉର୍ଦ୍ଧ୍ୱରେ ।ଯେଉଁ ଦୁର୍ବଳ ଛାତ୍ରଛାତ୍ରୀ ମାନେ ଶ୍ରେଣୀଗୃହରେ ପ୍ରତ୍ୟକ୍ଷ ଶିକ୍ଷାଦାନରେ ମଧ୍ୟ ଉପକୃତ ହୋଇପାରୁ ନଥିଲେ,ସେମାନେ ଅନ୍‌ଲାଇନ୍‌ରେ ଶିକ୍ଷା ଗ୍ରହଣ ପାଇଁ ସମର୍ଥ ହୋଇପାରିବେକି ? ଉଜ୍ଜଳ,ଉତ୍‌ଥାନ ଶିକ୍ଷା ପଦ୍ଧତିରେ ଦୁର୍ବଳ ଛାତ୍ରଛାତ୍ରୀ ମାନେ କେତେ ଉପକୃତ ହୋଇଛନ୍ତି,ତାହା କେବଳ କାଗଜପତ୍ରରେ ସୀମିତ,କିନ୍ତୁ ପ୍ରକୃତ ସତ୍ୟ ପ୍ରକାଶ କରିବା ନିମନ୍ତେ ସମସ୍ତେ କୁଣ୍ଠିତ। ତେଣୁ ଶ୍ରେଣୀଗୃହ ଶିକ୍ଷା ପଦ୍ଧତିର ବିକଳ୍ପ ଭାବେ ,କୌଣସି ପଦ୍ଧତି ଫଳପ୍ରଦ ହେବନାହିଁ। ସରକାର କରିବେ ବା କଣ ?ଯେବେବି ବିଦ୍ୟାଳୟ ଖୋଲିବାର ନିଷ୍ପତି ନେଉଛନ୍ତି,ସେତେବେଳେ କିଛି ନା କିଛି ଅସୁବିଧା ସୃଷ୍ଟି ହୋଇଛି। କେତେବେଳେ ଅଭିଭାବକ ମାନଙ୍କର,ତାଙ୍କ ପିଲାଙ୍କ ସୁରକ୍ଷା ପାଇଁ ଉତରଦାୟୀ କିଏ ହେବ ପରି ପ୍ରଶ୍ନ ଏବଂ କେତେବେଳେ ପଡୋଶୀ ରାଜ୍ୟ ବିଦ୍ୟାଳୟ ଖୋଲିବା ପରେ,ଶିକ୍ଷକ ଓ ଛାତ୍ର ମାନଙ୍କର ଅଧିକ ସଂକ୍ରମିତ ହେବାର ସମ୍ବାଦ,ସରକାରଙ୍କୁ ବିଦ୍ୟାଳୟ ଖୋଲିବା ନିଷ୍ପତିରୁ ନିବୃତ ହେବା ପାଇଁ ବାଧ୍ୟ କରିଛି। ଇତ୍ୟବସରରେ ମାଧ୍ୟମିକ ଶିକ୍ଷା ପରିଷଦ,ଦଶମ ଶ୍ରେଣୀ ପିଲାଙ୍କର,ବୋର୍ଡ ପରୀକ୍ଷା ନିମନ୍ତେ ଫର୍ମଫିଲପ୍ ର ବିଜ୍ଞପ୍ତି ଜାରିକରି,ଜନ ଅସନ୍ତୋଷ ଯୋଗୁ ପୁଣି ପ୍ରତ୍ୟାହାର କରିନେଇଛନ୍ତି।

ଉପରୋକ୍ତ ଆଲୋଚିତ ସମସ୍ୟାର କେବଳ ଏକମାତ୍ର ସମାଧାନ ଅଛି,ତାହା ହେଉଛି,ଚଳିତ ଶିକ୍ଷାବର୍ଷକୁ ଶୂନ୍ୟ ଶିକ୍ଷାବର୍ଷ ଘୋଷଣା କରିବା। ଏହାର ଅର୍ଥ ହେଲା ,୨୦୨୦-୨୧ ଶିକ୍ଷାବର୍ଷରେ ଛାତ୍ରଛାତ୍ରୀ ମାନେ ଯେଉଁ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି,ଆସନ୍ତା ଅପ୍ରେଲ ମାସରେ ପରବର୍ତୀ ୨୦୨୧-୨୨ଶିକ୍ଷାବର୍ଷରେ ସେହି ଶ୍ରେଣୀରେ ଅଧ୍ୟୟନ କରିବେ। ଛାତ୍ରଛାତ୍ରୀ ମାନଙ୍କର ଗୋଟିଏ ବର୍ଷର କ୍ଷତିକୁ,ସରକାର ନିର୍ଦ୍ଦିଷ୍ଟ ଭାବରେ,୨୦୨୦-୨୧ ଶିକ୍ଷାବର୍ଷରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ମାନଙ୍କ ବୟସକୁ, ଏକ ବର୍ଷ କୋହଳ କରି, ଭରଣା କରି ପାରିବେ। ଯଦି ସରକାର,ଅଭିଭାବକ ସଂଘ,ଜନସାଧାରଣ,ବିଶିଷ୍ଟ ଶିକ୍ଷାବିତ୍ ଏବଂ ପ୍ରଶାସନିକ ଅଧିକାରୀ, ସମସ୍ତେ ସମସ୍ୟାର ଜଟିଳତାକୁ ଅନୁଧ୍ୟାନ ଏବଂ ତର୍ଜମାକରି, ଏହି ବ୍ୟବସ୍ଥାକୁ ପ୍ରଚଳନ କରିପାରନ୍ତେ, ତେବେ ବୋଧହୁଏ ବିଶେଷ କିଛି ଅସୁବିଧା ହୁଅନ୍ତା ନାହିଁ। ଏହି ବ୍ୟବସ୍ଥା କେବଳ ଆମ ରାଜ୍ୟରେ ପ୍ରଣୀତ ହେଲେ,ଆମ ରାଜ୍ୟର ପିଲାମାନେ ଜାତୀୟ ସ୍ତରର ନିଯୁକ୍ତି ପାଇବାରେ ,ଅସୁବିଧାର ସମ୍ମୁଖୀନ ହେବେ ।ତେଣୁ ଏହି ବ୍ୟବସ୍ଥା ଯଦି ସମସ୍ତ ରାଜ୍ୟ ଏବଂ ଭାରତ ସରକାର ଗ୍ରହଣ କରି ପ୍ରଚଳନ କରିପାରିବା ପାଇଁ ଜନମତ ଜାଗ୍ରତ ହୁଅନ୍ତା,ତେବେ ହୁଏତ,ଏ ଅସ୍ୱାଭାବିକ ଓ ଜଟିଳ ପରିସ୍ଥିତିର ସହଜ ସମାଧାନ ହୋଇପାରନ୍ତା।

+ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
ଈଶାଣୀବ୍ରହ୍ମପୁର, କଟକ।
ମୋ-୬୩୭୧୫୯୩୨୨୦

# କଳାତ୍ମକ ଭବିଷ୍ୟତ ଓ ଭାରତୀୟ ହସ୍ତଶିଳ୍ପ

ସୁନୀଲ ସେଠୀ

ସମୟ ସହ ତାଳ ଦେଇ ଧୀରେ ଧୀରେ ବିକାଶ ଲାଭ କରିଥିବା ଭାରତୀୟ ହସ୍ତକଳା ଆଜି ଏଭଳି ସ୍ଥିତିରେ ପହଞ୍ଚିଛି ଯାହାକୁ ଏବେ ସାରା ବିଶ୍ୱ ଆବଶ୍ୟକ କରୁଛି। ଦୀପାବଳି ଅବସରରେ 'ଭୋକାଲ ଫର୍ ଲୋକାଲ' ମନୋଭାବ ସମସ୍ତଙ୍କ ମନରେ ପ୍ରଜ୍ୱଳିତ ହୋଇଛି।

ସବୁଠାରୁ ସୌଖିନୀ କାଠ, ଧାତୁ କିମ୍ବା ନରମ ପଥରରେ ରେ ଅତି ସୂକ୍ଷ୍ମ ଭାବେ ହାତରେ ଚାଂଛି ଯେଉଁ ହାତୀମୂର୍ତ୍ତିଟିକୁ ଗଢ଼ାଯାଇଛି ତାହା ଆଜି ଆପଣମାନଙ୍କ ବୈଠକଖାନାରେ ରହି ତାହାର ଶୋଭା ବର୍ଦ୍ଧନ କରୁଛି। ସତରେ ଏହା ବିଶେଷ ମାନ୍ୟତା ବହନ କରେ। ଏହା ଯେ 'ମେଡ୍ ଇନ୍ ଇଣ୍ଡିଆ' ମାନସିକତା ବହନ କରିଥାଏ, ତାହା ସ୍ୱୀକାର୍ଯ୍ୟ। ଏହା ବ୍ୟତୀତ ଭାରତୀୟ ହସ୍ତଶିଳ୍ପ କ୍ଷେତ୍ରର କଳା କୌଶଳକୁ ମଧ୍ୟ ଏହା ବିଶ୍ୱ ଦରବାରରେ ସୁପ୍ରତିଷ୍ଠିତ କରିଥାଏ। ହସ୍ତକଳା ସାମଗ୍ରୀର ଚାହିଦା ଓ ବଜାର ସାରା ବିଶ୍ୱରେ ରହିଛି ଏବଂ ଭାରତ କେବଳ ତାର ଶ୍ୱେତମର୍ମରରେ ନିର୍ମିତ ତାଜ ମହଲ ପାଇଁ ବିଶ୍ୱବ୍ୟାପୀ ପ୍ରସିଦ୍ଧ ନୁହେଁ, ଅପରନ୍ତୁ ଏହାର ଅନନ୍ୟ ଡିଜାଇନ, ଚିତ୍ତାକର୍ଷକ କଳାକୌଶଳ, ରଙ୍ଗର ଅପୂର୍ବ ସମନ୍ୱୟ ତଥା ବିବିଧ ସାମଗ୍ରୀର ସନ୍ତୁଳିତ ସମନ୍ୱୟ ପାଇଁ ମଧ୍ୟ ସୁପରିଚିତ ଯାହା ସମୟ କଷଟି ପଥରରେ ପରଖି ହୋଇ ଆଜି ସୁଦ୍ଧା ନିଜର ଅପରୂପ ସୌନ୍ଦର୍ଯ୍ୟ ଧାରଣ କରି ସେମିତି ଠିଆ ହୋଇ ରହିଛି।

କେନ୍ଦ୍ର ବୟନଶିଳ୍ପ ମନ୍ତ୍ରଣାଳୟ ଆନୁକୂଲ୍ୟରେ ପରିଚାଳିତ ଡି ସି ହ୍ୟାଣ୍ଡିକ୍ରାଫ୍ଟ ଦେଶର ବିଭିନ୍ନ ସ୍ଥାନରେ ନାନା ପ୍ରକାର କାର୍ଯ୍ୟକ୍ରମମାନ ଆୟୋଜନ କରି ତାହାରି ମାଧ୍ୟମରେ ଅତି ଚିତ୍ତାକର୍ଷକ କାର୍ଯ୍ୟ ସଂପାଦନ କରୁଛି। ଏହା ଦ୍ୱାରା କ୍ରେତା-ବିକ୍ରେତାମାନେ ପରସ୍ପରକୁ ସିଧା ସଳଖ ଭେଟି ପାରୁଛନ୍ତି, କଳାକାର-ଉପଭୋକ୍ତାମାନଙ୍କ ମଧ୍ୟରେ ପ୍ରତ୍ୟକ୍ଷ ଭାବ ବିନିମୟ ହୋଇପାରୁଛି, ସେମାନଙ୍କ ମଧ୍ୟରେ ଅତି ମନଲୋଭା ବାର୍ତ୍ତାଳାପ ଘଟୁଛି ଯେଉଁଥିରେ କି ମଧ୍ୟସ୍ଥ ଅଥବା ଦଲାଲମାନଙ୍କର କୌଣସି ଭୂମିକା ରହୁନାହିଁ। ସାରା ଦେଶରେ ଯେତେବେଳେ 'ଭୋକାଲ ଫର୍ ଲୋକାଲ' ଆହ୍ୱାନ ଏବେ ଦାନା ବାନ୍ଧିଚାଲିଛି, ଏବଂ ଆଶାର ଉତ୍ସବ ଦୀପାବଳି ଅବସରରେ ସମୟର ଆବଶ୍ୟକତା ଭାବେ ଅନୁଭୂତ ହେଉଛି, ସେତେବେଳେ ଭାରତୀୟ ହାତତିଆରି ସୌଖିନ ସାମଗ୍ରୀକୁ ଉପହାର ଦେବା ଲାଗି ଲୋକମାନଙ୍କ ମଧ୍ୟରେ ଆଦର ବୃଦ୍ଧି ପାଉଛି।

ଏହାକୁ କେବଳ ସାଂକେତିକ ଉପହାର ଭାବେ ଗ୍ରହଣ କରାଯିବା କିମ୍ବା ସୀମିତ ରଖାଯିବା ଅନୁଚିତ। ବରଂ, ପିତ୍ତଳରେ ନିର୍ମିତ ଅଗ୍ରପୂଜ୍ୟ ଗଜାନନଙ୍କ ମୂର୍ତ୍ତିକୁ ଆପଣଙ୍କ ପୂଜାଘର ସମ୍ମୁଖରେ ସ୍ଥାପନ କରିବା, ଝଟକୁଥିବା ଏକ ରୂପାର ମହାଲକ୍ଷ୍ମୀ ମୂର୍ତ୍ତି ଯାହାକି ପରିବାର ପାଇଁ ପର୍ଯ୍ୟାପ୍ତ ସୁଖ ସମୃଦ୍ଧି ଆଣିଥାଏ ତାହାକୁ ଏହି ଧନତେରାସ ପର୍ବ ଅବସରରେ କିଣିବା ଓ ଉପହାର ଦେବା ଅନ୍ୟ ଯେକୌଣସି ଉପହାର ଠାରୁ ଶତଗୁଣ ମଙ୍ଗଳକର।

ଆଶ୍ଚର୍ଯ୍ୟର କଥା, ଭାରତୀୟମାନେ ଯେଉଁମାନେ କି ଦିନେ ସେମାନଙ୍କର ହସ୍ତକଳା ସାମଗ୍ରୀକୁ ଅତି ଆପଣାର ବୋଲି ଭଲ ପାଉଥିଲେ ଏବେ ସେହି ଆଗ୍ରହ ପୁଣି ଥରେ ସେମାନଙ୍କ ମନରେ ଜାଗି ଉଠିଛି। ତାହା ହାତବୁଣା ଷ୍ଟୋଲଟିଏ ହୋଇଥାଉ ଅବା ଝଲମଲ କରୁଥିବା କାଣିଦାଟିଏ ହୋଇଥାଉ, ଫୁଲକାରୀ ଦୁପଟ୍ଟା ହୋଇଥାଉ କିମ୍ବା କନ୍ଥା ଶାଢ଼ୀ ହୋଇଥାଉ, ଏହିସବୁ ସାମଗ୍ରୀ ଏବେ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ନିକୃଷ୍ଟମାନର ଏହାର ଚୀନ ପ୍ରସ୍ତୁତ ନକଲି ସାମଗ୍ରୀ ପ୍ରତି ସେମାନେ ନାକ ଟେକୁଛନ୍ତି। ତେଣୁ ଏବେ ସବୁଠାରୁ ଯେଉଁ ଆବଶ୍ୟକତାଟି ବଡ଼ ବୋଲି ବିବେଚନା କରାଯିବା ଉଚିତ ତାହା ହେଲା ଭାରତର ଯେଉଁ ଶକ୍ତି ନିଜସ୍ୱ, ତା'ର ସାମର୍ଥ୍ୟକୁ ବିଶ୍ୱବାସୀଙ୍କ ନିକଟରେ ପହଞ୍ଚାଇବା- ଯାହାକି ସଂପୂର୍ଣ୍ଣ ଭାବେ ହାତତିଆରି ଓ ସୌଖିନ କାରୁକାର୍ଯ୍ୟପୂର୍ଣ୍ଣ ହୋଇଥିବ ଏବଂ ସେଥିରେ କଳାକାରମାନଙ୍କର ଶ୍ରମ ନିହିତ ଥିବ। ସ୍ଥାନୀୟ ହସ୍ତକଳା ସାମଗ୍ରୀ କିଣିବା ସକାଶେ ଯେଉଁ ବକ୍ର ଆହ୍ୱାନ ଦିଆଯାଇଛି, ସେସବୁ ସାମଗ୍ରୀ ସ୍ଥାନୀୟ ଛୋଟ ଛୋଟ ଦୋକାନମାନଙ୍କରେ ଉପଲବ୍ଧ । ଏହାଛଡ଼ା ଯେଉଁସବୁ ପୋଷାକ ପରିଚ୍ଛଦ ଏହି ଉତ୍ସବ ଅବସରରେ ଆପଣମାନେ ପିନ୍ଧିବାକୁ ଯାଉଛନ୍ତି ତାହା ଭାରତୀୟ ଡିଜାଇନ ହୋଇଥିବା ଏବଂ ସେଥିରୁ ଭାରତୀୟତା ସ୍ପଷ୍ଟ ବାରି ହୋଇ ପଡୁଥିବା ଆବଶ୍ୟକ।

ଅନେକେ କହନ୍ତି ଯେ ହସ୍ତକଳାରୁ ଉପଭୋକ୍ତାମାନଙ୍କ ଦୃଷ୍ଟି ଅନ୍ୟ ଆଡ଼କୁ ହଟିଯିବାର ମୁଖ୍ୟ କାରଣଟି ହେଉଛି ଜଗତୀକରଣ। ତେଣୁ ବାସ୍ତବ ହସ୍ତକଳା କ୍ଷେତ୍ରକୁ ନାନା ପ୍ରକାର ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି। ଏହା ସତ୍ତ୍ୱେ କୁହାଯାଇପାରେ ଯେ ଭାରତ ହେଉଛି ହସ୍ତତନ୍ତ ପ୍ରସ୍ତୁତ କପଡ଼ା ଓ ସାମଗ୍ରୀର ଏକ ପ୍ରମୁଖ ରପ୍ତାନୀକାରୀ ଏବଂ କୃଷି ପରେ ଏହି କ୍ଷେତ୍ର ଦେଶରେ ନିଯୁକ୍ତି ପ୍ରଦାନ କରିବା ଦିଗରେ ଦ୍ୱିତୀୟ ବୃହତ୍ତମ କ୍ଷେତ୍ର। କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ ଶ୍ରୀମତୀ ସ୍ମୃତି ଇରାନୀ ଏବଂ ତାଙ୍କ ଟିମ୍ ଦ୍ୱାରା ପ୍ରସ୍ତୁତ କାର୍ଯ୍ୟକ୍ରମ ଅନୁସାରେ ଏବେ ସ୍ଥାନୀୟ ସାମଗ୍ରୀ ପ୍ରତି ଲୋକମାନଙ୍କ ଚାହିଦା ଓ ଏହାର ପ୍ରଚାର ପ୍ରସାର (ଭୋକାଲ୍ ଫର୍ ଲୋକାଲ୍) ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ବ୍ୟବହୃତ ପ୍ରଯୁକ୍ତିର ଉନ୍ନତିକରଣ କରାଯାଇଛି, କଳାକାର ଓ ଶିଳ୍ପୀମାନଙ୍କୁ ଆଧୁନିକ ଉପକରଣ ଯୋଗାଇ ଦିଆଯାଇଛି ଏବଂ ସେମାନଙ୍କୁ ବାଣିଜ୍ୟ ମେଳାମାନଙ୍କରେ ଅଂଶଗ୍ରହଣ କରିବାର ସୁଯୋଗ ପ୍ରଦାନ କରାଯାଉଛି। ସେହିଭଳି ବିଭିନ୍ନ ପ୍ରକାର ସାମଗ୍ରୀ ଉତ୍ପାଦନ ନିମନ୍ତେ ଉପଯୁକ୍ତ ଗବେଷଣା କରାଯାଇ ଉତ୍ପାଦର ଗୁଣାତ୍ମକ ମାନ ଉନ୍ନତ କରାଯାଉଛି। ଏହା ଫଳରେ ହସ୍ତଶିଳ୍ପୀମାନଙ୍କୁ ସାରା ବର୍ଷ ସେମାନଙ୍କର କୌଳିକ ବୃତ୍ତି ପାଇଁ କର୍ମ ମିଳିପାରିଛି। ଏହି ସେକ୍ଟରରେ ବର୍ଷକୁ ୬ରୁ ୭ ପ୍ରତିଶତ ଲେଖାଏଁ କର୍ମନିଯୁକ୍ତି ବୃଦ୍ଧି ପାଉଛି ଏବଂ ତାହା ଗ୍ରାମାଞ୍ଚଳ କିମ୍ବା ଅର୍ଦ୍ଧ ସହରାଞ୍ଚଳରେ। ଅନେକେ ହୁଏତ ଜାଣିନଥାଇ ପାରନ୍ତି ଯେ କେରିଂ ଯିଏକି ଗୁଚି ଓ ସେଣ୍ଟ ଲରେଣ୍ଟ ଭଳି ବ୍ରାଣ୍ଡର ମାଲିକ, ସେ ଏବେ ଭାରତରେ ହାତ ସିଲେଇର ଏକ ଓ୍ୱାର୍କସପ୍ ପ୍ରତିଷ୍ଠା କରିବାକୁ ଯୋଜନା କରିଛନ୍ତି। ସେ ଏଭଳି ହସ୍ତଶିଳ୍ପୀମାନଙ୍କର କାର୍ଯ୍ୟାବସ୍ଥାର ଉନ୍ନତି କରିବା ସହ ହାତ ସିଲେଇ କଳା କୌଶଳକୁ ସିଧା ସଳଖ ଭାବେ ଆହରଣ କରିବା ଏବଂ ଏଭଳି କଳାକାରମାନଙ୍କୁ ଉଚିତ ପାରିଶ୍ରମିକ ମିଳିବା ପାଇଁ ଚେଷ୍ଟିତ ଅଛନ୍ତି।

ଶହ ଶହ ବର୍ଷ ଧରି ଆମେ ଆମର ହସ୍ତକଳା ଓ ହସ୍ତଶିଳ୍ପ ପାଇଁ ସାରା ବିଶ୍ୱରେ ସୁପରିଚିତ ରହିଆସିଛୁ। ଏବଂ ଏଭଳି ହସ୍ତକଳା ପ୍ରସ୍ତୁତ ସାମଗ୍ରୀର ଆଦର ପଛରେ ରହିଛି ଭାରତର ବିବିଧ ସାଂସ୍କୃତିକ ବୈଭବ। ଦେଶରେ ଏଭଳି ଅନେକ କର୍ପୋରେଟ ଅଛନ୍ତି, ଲାଭପାଇଁ କାର୍ଯ୍ୟ କରୁନଥିବା ସୋସାଇଟି ଏବଂ ଏନଜିଓ ଅଛନ୍ତି ଯେଉଁମାନେ ଏଭଳି କଳାକାର ଓ ଶିଳ୍ପୀମାନଙ୍କର ଜୀବନଜୀବିକାରେ ଉନ୍ନତି ଆଣିବା ଦିଗରେ ବେଶ୍ କିଛି କାର୍ଯ୍ୟ କରି ଆସୁଛନ୍ତି। କାରଣ ଏହି ପାରମ୍ପରିକ କଳାକାର ଓ ଶିଳ୍ପୀମାନେ ଚାହିଦା ଅଭାବରୁ ସେମାନଙ୍କର କୌଳିକ ବୃତ୍ତିକୁ ଛାଡ଼ି ଦେବାଲାଗି ଚାହୁଁଥିବା ବେଳେ ଏଇସବୁ ସଂସ୍ଥାମାନେ ହିଁ ସେମାନଙ୍କ ମନରେ ଆସ୍ଥା ଓ ବିଶ୍ୱାସର ବୀଜ ବପନ କରି ସହଯୋଗର ହାତ ବଢ଼ାଇଛନ୍ତି। ଏହି ଗ୍ରାମୀଣ କଳାକାରମାନେ ସେମାନଙ୍କର କୌଳିକ ପେଶା ଛାଡ଼ି ଜୀବନଜୀବିକା ପାଇଁ ସହରମୁହାଁ ହେଲାବେଳେ ସେମାନେ ସହାୟତା ପାଇଁ ଆଗେଇ ଆସିଛନ୍ତି। ଅନ୍ୟ କିଛି ସଂସ୍ଥା ଭାଦୋହି- ବାରାଣସୀ- ମୀର୍ଜାପୁରରେ କାର୍ପେଟ ବୁଣା ତାଲିମ କେନ୍ଦ୍ରମାନ ସ୍ଥାପନ କରି ବୁଣାକାରମାନଙ୍କୁ ଷ୍ଟାଇପେଣ୍ଡ ପ୍ରଦାନର ବ୍ୟବସ୍ଥା କରିଛନ୍ତି।

ଏହା ଅତି ଖୁସିର କଥା ଯେ ଯେତେବେଳେ ମୁଁ ନିକଟରେ ଏକ ଆର୍ଟ ଆଣ୍ଡ କ୍ରାଫ୍ଟ ଭିଲେଜ ସଂପର୍କରେ ଏକ ଖବର ପଢ଼ିଲି ଯେ ସେମାନେ କେରଳର ଐତିହ୍ୟକୁ ସେଥିରେ ବୁଣି ସାରା ଦୁନିଆରେ ପହଞ୍ଚାଉଛନ୍ତି, ମୁଁ ଆଶ୍ଚର୍ଯ୍ୟ ହୋଇଯାଇଥିଲି। ଏହି କ୍ରାଫ୍ଟ ଭିଲେଜରେ ୭୫୦ ଜଣ କଳାକାର କାମ କରନ୍ତି ଯେଉଁମାନଙ୍କ ମଧ୍ୟରେ ପଦ୍ମଶ୍ରୀ ଓ ଶିଳ୍ପ ଗୁରୁ ଭଳି ସମ୍ମାନଜନକ ସମ୍ମାନରେ ସମ୍ମାନିତ କଳାକାରମାନେ ମଧ୍ୟ ସାମିଲ। ସେମାନେ 'ପଟ୍ଟଚିତ୍ର' ଭଳି ହସ୍ତକଳା ପ୍ରସ୍ତୁତିରେ ସିଦ୍ଧହସ୍ତ। ଏହିଭଳି ପୁନରୁତ୍ଥାନ ମଧ୍ୟ ଚନ୍ନପାଟନା କଣ୍ଢେଇ ଶିଳ୍ପ କ୍ଷେତ୍ରରେ ହେବା ଆବଶ୍ୟକ। ସେଠାରେ ଆପଣମାନେ କୋଣ୍ଡାପାଲ୍ଲୀ ଓ ଶୀଷମ୍ କଣ୍ଢେଇ ପାଇପାରିବେ ଏବଂ ଅନେକ କଳାକାର କରୋନା ମହାମାରୀ ଯୋଗୁ ସେମାନଙ୍କର କଣ୍ଢେଇ ଗଢ଼ା କାମ ବନ୍ଦ୍ କରିଦେଇଥିଲେ। କାରଣ ପୂର୍ବରୁ ସେମାନଙ୍କୁ ମିଳିଥିବା ଅର୍ଡ଼ର ବାତିଲ କରିଦିଆ ଯାଇଥିଲା। ଏବେ ଯାହା ସର୍ବପ୍ରଥମେ ଆବଶ୍ୟକ ତାହା ହେଲା ବଜାର ଏବଂ ସେହିସବୁ କଣ୍ଢେଇ ଉପରେ ଅନ୍ତରାଷ୍ଟ୍ରୀୟ ଦୃଷ୍ଟି ପଡ଼ିବା ଉଚିତ। ଯେଉଁ କଣ୍ଢେଇ ଦୀର୍ଘସ୍ଥାୟୀ ହୋଇଥିବା ଏବଂ ତାହା ରାସାୟନିକ ପଦାର୍ଥ ଠାରୁ ସଂପୂର୍ଣ୍ଣ ମୁକ୍ତ ହୋଇଥିବ ତାହା ସମସ୍ତଙ୍କୁ ଜଣାଇବା ଉଚିତ। ପୁଣି ଭାରତୀୟ ଉପଭୋକ୍ତାମାନେ ନିଜକୁ ପୁନଃଆବିଷ୍କୃତ କରି ନିଜ ଦେଶର ହସ୍ତକଳାର ଏହି ଗୁଣୀ କଳାକାରମାନଙ୍କୁ ତିଷ୍ଠି ରହିବା ନିମନ୍ତେ ସୁଯୋଗ ପ୍ରଦାନ କରିବା ବାଂଛନୀୟ।

ପରିଶେଷରେ ମୁଁ ବାରମ୍ବାର ଦୋହରାଇବି ଯେ ଏହି କଳା କ୍ଷେତ୍ରର ପୁନରୁତ୍ଥାନ କରାଯିବାର ଏକମାତ୍ର ଉପାୟ ହେଉଛି, ଭାରତୀୟମାନେ ଏହାକୁ କାୟମନୋବାକ୍ୟରେ ଗ୍ରହଣ କରି ଭବିଷ୍ୟତ ପାଇଁ ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରନ୍ତୁ, ତେବେ ସେହି କଳାକାରମାନେ ଆତ୍ମନିର୍ଭରଶୀଳ ହେବା ସହିତ ସେମାନେ ସମସ୍ତଙ୍କ ସହ ଆଲୋକର ପର୍ବକୁ ଖୁସିରେ ପାଳନ କରିପାରିବେ।

(ଶ୍ରୀ ସୁନୀଲ ସେଠୀ ଜଣେ ବିଶିଷ୍ଟ ଡିଜାଇନର ଏବଂ ବର୍ତ୍ତମାନ ଅଣ-ବ୍ୟବସାୟିକ ସଂସ୍ଥା, ଭାରତୀୟ ଫେସନ ଡିଜାଇନ ପରିଷଦର ଅଧ୍ୟକ୍ଷ ଭାବେ ଅବସ୍ଥାପିତ)




## ଛୋଟରେ ଲୁଚିଛି ବଡ଼ ରହସ୍ୟ...



ଶ୍ରୀମତୀ ପ୍ରୀତିନନ୍ଦା ପାଣିଗ୍ରାହୀ

କୁନି ପିଲାଟିଏ ଉଦାସ ମନରେ
ଗଛତଳେ ବସିଥିଲା
ଗଛରୁ ପାଚିଲା ଫଳଟିଏ ଖସି
ତଳେ ଭୂଇଁରେ ପଡ଼ିଲା
ପିଲାଟି ଭାବିଲା ପାଚିଲା ଫଳକୁ
ପେଲିଲା କିଏ ତଳକୁ
ଅବା କେ ଟାଣିଲା ଆଇଲା ତଳକୁ
ନଯାଇ ସେ ଉପରକୁ !
ଉପରକୁ ଯେତେଯାହା ଫୋପାଡ଼ିଲା
କେହି ଗଲେନି କୁଆଡ଼େ
ଉପରକୁ କିଛି ଦୂର ଯାଇ ପୁଣି
ଫେରିଲେ ଭୂପୃଷ୍ଠ ଆଡ଼େ ।
ଭାବିଲା, ଚିନ୍ତିଲା ଗବେଷଣା କଲା
ମନମୁନ ଏକକରି
ଜାଣିଲା ପୃଥିବୀ କେନ୍ଦ୍ରରୁ ବଳଟେ
ସବୁକୁ ଆଣେ ଓଟାରି ।
ସେଇ ବାଳକଟି ଆଉ କେହିନୁହେଁ
ଆଇଜାକ ନିଉଟନ
ପୃଥିବୀର ସେହି ଟାଣିବା ବଳର
ନାମଟି ମାଧ୍ୟାକର୍ଷଣ ॥
ସୃଷ୍ଟିର ଅସଂଖ୍ୟ ରହସ୍ୟ ରହିଛି
ଛୋଟ ଛୋଟ ପଦାର୍ଥରେ
ପଦାର୍ଥ ବିଜ୍ଞାନ ମନଦେଇ ପଢ଼
ବୁଝିଯିବ ସହଜରେ ॥

+ ପ୍ଲଟ ନଂ: ଏସ-୫/୩୪୨
ନୀଳାଦ୍ରି ବିହାର, ଭୁବନେଶ୍ୱର
ମୋ: ୭୯୭୮୨୪୧୦୯୦

## ତୀର୍ଥ ଯିବି ମୁଁ ତୀର୍ଥ ଯିବି...

ଅମରନାଥ ବାରିକ୍

ତୀର୍ଥ ଯିବି ମୁଁ ତୀର୍ଥ ଯିବି
କାଳିଆ ଦର୍ଶନ ମୁଁ କରିବି
ପୁରୀ ବଡ଼ ଦାଣ୍ଡେ ବାଇଶି ପାହାଚେ
ଦେହ ଧୂଳି କରି ମୁଁ ଗଡ଼ିବି
ତୀର୍ଥ ଯିବି ମୁଁ ତୀର୍ଥ ଯିବି... ।

କାର୍ତ୍ତିକ ମାସକୁ ମୁଁ ପାଳିବି
ଦାନ ଧର୍ମ ଯେତେ କରିଯିବି
ପବିତ୍ର ପୂର୍ଣ୍ଣିମା ତିଥି ପରା ଏହି
ସର୍ବ ଶାନ୍ତି ସୁଖ ମୁଁ ପାଇବି
ତୀର୍ଥ ଯିବି ମୁଁ ତୀର୍ଥ ଯିବି... ।

ପଞ୍ଚୁକରେ ପାଞ୍ଚ ଫୁଲ ଦେବି
ତିନି ଦିଅଁ ସାଥେ ବିତେଇବି
ତିନି ନାମ ମୁଖେ ଜପାମାଳି କରି
ଦିନ ରାତି ବସି ଜପୁଥିବି
ତୀର୍ଥ ଯିବି ମୁଁ ତୀର୍ଥ ଯିବି... ।

ଆକାଶ ଦୀପକୁ ଟେକି ଦେବି
ନୀଳଚକ୍ର ବାନା ମୁଁ ଦେଖିବି
ରଙ୍ଗ ମୁରୁଜରେ ବେଢ଼ା ସଜାପାଇଁ
ନାଲି ନୀଳ ରଙ୍ଗ ଥୋଇ ଦେବି
ତୀର୍ଥ ଯିବି ମୁଁ ତୀର୍ଥ ଯିବି... ।

ଅଭଡ଼ା ଅନ୍ନକୁ ତୁଣ୍ଡେ ଦେବି
କୈବଲ୍ୟ କଣିକା ମୁଁ ପାଇବି
ନୀଳ ଦରିଆରେ ବୁଡ଼ ପକାଇ ମୁଁ
ଜୀବନର ପାପ ଧୋଇ ଦେବି
ତୀର୍ଥ ଯିବି ମୁଁ ତୀର୍ଥ ଯିବି... ।

ତୁଳସୀର ଝଣ୍ଡା ସାଥେ ନେବି
ସାଆନ୍ତେଙ୍କ ମନ ଲାଖି ଦେବି
ମଲ୍ଲୀ ଗଜରାକୁ ନିଜ ହାତେ ଗୁନ୍ଥି
ବଡ଼ ଠାକୁରଙ୍କୁ ନାଇଦେବି
ତୀର୍ଥ ଯିବି ମୁଁ ତୀର୍ଥ ଯିବି... ।

ପାଟ ପିତାମ୍ବରୀ ପିନ୍ଧେଇବି
କସ୍ତୁରୀ ଚନ୍ଦନ ଲଗେଇବି
ନିରିମାଖି ଜଳ ସାଥେ ନେଇଥିବି
ଶ୍ରୀରଙ୍ଗା ପୟର ଧୋଇଦେବି
ତୀର୍ଥ ଯିବି ମୁଁ ତୀର୍ଥ ଯିବି... ।

ଅରୁଣ ଖୁମ୍ବକୁ କୁଣ୍ଢେଇବି
ଗରୁଡ଼ ପଛରେ ମୁଁ ରହିବି
ହାତ ଯୋଡ଼ି ମୋର ନିବେଦନ କରି
ଜୀବନର ଦୁଃଖ ଜଣେଇବି
ତୀର୍ଥ ଯିବି ମୁଁ ତୀର୍ଥ ଯିବି... ।

+ କୟାଁ, ମଙ୍ଗଳପୁର, ଯାଜପୁର
ପିନ୍-୭୫୫୦୧୧
ଦୂରଭାଷା: ୯୫୪୦୩୦୮୦୯୫




## ପ୍ରେମ ବଗିଚା...

ନିରଞ୍ଜନ ସାହୁ

କେତେ ଫୁଲ ଏଠି ଫୁଟି ଝଡ଼ିଯାଏ
କିଏ ନ ବିତରେ ବାସ
କିଏ ଫୁଟିଥାଏ ଦରଫୁଟା ଭାବେ
ହୋଇଥାଏ ପରିହାସ
କିଏ ପାରେନାହିଁ ଆକର୍ଷଣ କରି
କାହାକୁ ଜମା ନ ଭୁଲ ॥

କେଉଁ ଫୁଲଟିକୁ ଛିଣ୍ଡାଇବା ପାଇଁ
ପ୍ରତିଦ୍ୱନ୍ଦିତା ବି ଲାଗେ
କେଉଁ ଫୁଲ ପୁଣି ଦଳାମକଚାରେ
ଆଲୋଡ଼ା ହୁଅଇ ଆଗେ
କେଉଁ ଫୁଲ ପାଇଁ ପାଗଳ ଭଅଁର
କରେ ନାହିଁ କାହା ତୁଲ ॥

ଭଲ ପାଇବାର ବଗିଚାରେ ଏଠି
ନିତି ଫୁଟେ କେତେ ଫୁଲ
ସେ ଫୁଲ ଭିତରେ କେଉଁ ଏକ ଫୁଲ
ଅଟଇ ଅମୁଲମୂଲ ॥

+ ନିହଳପ୍ରସାଦ, ଗନ୍ଦିଆପାଟଣା
ଢେଙ୍କାନାଳ-୭୫୯୦୧୬
ମୋ: ୯୯୩୮୭୪୧୫୮୩

ଡାକ୍ତର ସୁରେନ୍ଦ୍ର ନାଥ ଦାଶ




# ମାନ ସରୋବର ଓ କୈଳାସ ପର୍ବତ

ସମୁଦ୍ର ପତ୍ତନରୁ ୧୫ ହଜାର ଫୁଟ ଉପରେ ବୁରାଙ୍ଗ ନାମକ ଗ୍ରାମନଗରି ପ୍ରଦେଶ, ତିବ୍ଦତ ମାଳଭୁମି (ଅଟୋନମସ, ଚାଇନା ) ରେ ପବିତ୍ର ମାନସରୋବର ହ୍ରଦ ଓ କୈଳାସ ପର୍ବତ ଅବସ୍ଥିତ।ଏହି ସ୍ଥାନ ଏକାଧାରରେ ହିନ୍ଦୁ,ବୌଦ୍ଧ ଓ ଜୈନ ଧର୍ମାବଲମ୍ବୀ ମାନଙ୍କର ପବିତ୍ର ତୀର୍ଥ ରୂପେ ସ୍ୱିକୃତ ।ଏହା ର ଦର୍ଶନ କରିବା ପ୍ରତ୍ୟେକ ହିନ୍ଦୁର ଅନ୍ତିମ ଓ ଶ୍ରେଷ୍ଠ ଅଭିଳାଶ । ବ୍ରହ୍ମାଙ୍କର ମାନସ ପ୍ରସ୍ତୁତ ହେତୁ ଏହାର ନାମ ମାନ ସରୋବର । ବିଶ୍ୱାସ କରାଯାଏ ସୃଷ୍ଟିକର୍ତା ବ୍ରହ୍ମା ଏଠାରେ ହଂସ ରୂପରେ ଅବସ୍ଥାନ କରନ୍ତି । ତିବ୍ଦତରେ ଏହାକୁ Rimbochea କୁହନ୍ତି । ଏହାର ଜଳ ମଧୁର,କୈଳାସ ପର୍ବତର ତୁଷାର ସ୍ରୋତରୁ ଏହାର ସୃଷ୍ଟି । ହ୍ରଦର କ୍ଷେତ୍ରଫଳ ୩୨୦ ବର୍ଗ କିମି ଓ ପରିସିମା ୮୦ କିମି,ଗଭୀରତା,୯୦ ମିଟର । ଏହା ନିକଟରୁ ଚାରଟି ଭାରତର ମୁଖ୍ୟ ନଦୀ ସତଲେଜ, ସିନ୍ଧୁ ଘର୍ଘରା (ଗଙ୍ଗା) ଓ ବ୍ରହ୍ମପୁତ୍ର (ସାମ୍ପୋ) ଉତ୍ପତି ଲାଭ କରିଛନ୍ତି । ହିନ୍ଦୁ ମାନେ ଏହାର ଜଳକୁ ପାନ କରିବା ଓ ହ୍ରଦକୁ ପରିକ୍ରମା କରିବା ମୋକ୍ଷଦାୟକ ମନେ କରନ୍ତି । ବୌଦ୍ଧ ମାନେ ଏଠାରେ ମା ମାୟା ଦେବୀ ଥିବାବେଳେ ବୁଦ୍ଧ ତାଙ୍କ ଗର୍ଭରେ ଅବସ୍ଥାନ କଲେ ବୋଲି ବିଶ୍ୱାସ କରନ୍ତି । ଜୈନ ମାନଙ୍କର ଆଦିଗୁରୁ ରିଷଭ ନାଥ ଏଠାରେ ତପସ୍ୟା କରି ସିଦ୍ଧି ଲାଭ କରିଥିଲେ । ତିବ୍ଦତର ଆଦିମ ବନ ଧର୍ମର ଲୋକମାନଙ୍କର ମଧ୍ୟ ଏହା ଅତି ପବିତ୍ରସ୍ଥାନ । ହ୍ରଦ ଚାରିକଡରେ ଅନେକ ବୌଦ୍ଧ ମନ୍ଦିର ଅଛି । ଏହା ଗଙ୍ଗା ଛୁ ନାମକ ଏକ ନାଳ ଦ୍ୱାରା କିଛି ଦୂରରେ ଥିବା ଲବଣାକ୍ତ ହ୍ରଦ ରାକ୍ଷାସ ତାଲ ସହ ସଂଯୁକ୍ତ । ଏହା ର ଚାରିକଡରେ ମାନସରୋବରିଆ ନାମକ ହିନ୍ଦୁ ସଂପ୍ରଦାୟ ବାସ କରନ୍ତି । ସେମାନେ ପଟେଲ ଓ ମାନ୍ଧାତା ପଟେଲ ସଂଜ୍ଞା ବ୍ୟବହାର କରନ୍ତି । ନିଜ କୁ ରାଜା ମାନ୍ଧାତା(ସୁର୍ଯ୍ୟ ବଂଶୀ) ବୋଲି ଦାବି କରନ୍ତି।

ହିନ୍ଦୁ ମାନଙ୍କର ପାଂଚଟି ପବିତ୍ର ହ୍ରଦ, ବିନ୍ଦୁ ସାଗର, ପମ୍ପା ସରୋବର, ନାରାୟଣ ସାଗର, ପୁଷ୍କର ହ୍ରଦ ସହ ମାନସରୋବର ସ୍ଥାନ ପାଇଛି । ମାନସରୋବର ହ୍ରଦର ଏକପାର୍ଶ୍ୱକୁ ଲାଗି ହିନ୍ଦୁ ମାନଙ୍କର ଅନ୍ୟତମ ପବିତ୍ର ସ୍ଥଳୀ କୈଳାସ ପର୍ବତ ଅବସ୍ଥିତ । ଏହାର ଉଚ୍ଚତା ପ୍ରାୟ ୨୪୭୭୧ ଫୁଟ । ମାନସରୋବରର ସ୍ବଚ୍ଛ ନିର୍ମଳ ଜଳରେ ପରିଷ୍କାର ନୀଳ ଆକାଶ ତଳେ ଏହାର ବିଶାଳ ପ୍ରତିଛବି ମନରେ ମହାଭାବ ଉଦ୍ରେକ କରେ । ଏହି ହ୍ରଦ ଦେବାଧିଦେବ ମହାଦେବଙ୍କର ନିତ୍ୟ ବିଶ୍ରାମ ସ୍ଥଳ । ଏଠାରେ ସେ ମା ପାର୍ବତୀ, ପୁଅ କାର୍ତିକ, ଗଣେଷ ଓ ଅନ୍ୟ ଅନୁଗାମୀଙ୍କ ସହ ବାସ କରନ୍ତି । ତ୍ରେତୟା ଯୁଗରେଲଙ୍କାର ରାଜା ରାବଣ କୈଳାସ ସହ ଶିବଙ୍କୁ ଲଙ୍କାକୁ ନବା ପାଇଁ ପର୍ବତକୁ ଉପାଡିବାକୁ ଚେଷ୍ଟା କରି ବିଫଳ ଓ ଶିବ କ୍ରୋଧର ଶିକାର ହୋଇଥିଲା । ଏହାପରେ ଅନୁତପ୍ତ ରାବଣ ଶିବତାଣ୍ଡବ ସ୍ତୋତ୍ର ପାଠକଲା । ପରେ ଶିବ ଶାନ୍ତ ହୋଇ ରାବଣକୁ ନିଜର ଚନ୍ଦ୍ରହାସ୍ୟ ଖଡ୍ଗ ପ୍ରଦାନ କରିଥିଲେ । ବୌଦ୍ଧ ଧର୍ମରେଏହାକୁ ମେରୁପର୍ବତ ପୃଥିବୀର କେନ୍ଦ୍ରସ୍ଥଳ ବୋଲି କଳ୍ପନା କରାଯାଇଛି । ଏଠାରେ ବୁଦ୍ଧ ଅବତାର ଚାରାସମ୍ବର ବା ଡେମୋଚ ଙ୍କର ଆସ୍ଥାନସ୍ଥଳି ରହିଛି । ବଜ୍ରଜାନର ମିଲାପା ତନ୍ତ୍ରଯୁଦ୍ଧରେ ବନ ଧର୍ମର ନାରୋବଚାଙ୍ଗଙ୍କୁ ପରାସ୍ତ କରି ତିବ୍ଦତରେ ବୌଦ୍ଧଧର୍ମର ମୁଳୁଦୁଆ ପକାଇଥିଲେ ।

କୈଳାସ ପର୍ବତ ଶିଖର କୁ ଧାର୍ମିକ କାରଣ ହେତୁକେହି ଯାଇ ନାହାଁନ୍ତି । ଏହାର ଚାରିକଡରେ ପରିକ୍ରମା ଭକ୍ତ ମାନଙ୍କର ଏକ ପବିତ୍ର କାର୍ଯ୍ୟ ରୂପେ ଧରାଯାଏ । ଏହି ପରିକ୍ରମା ୫୦ କିମି ଦୂରତା ବିଶିଷ୍ଟ । ବର୍ତମାନ ଲାସାରୁ ଏଠାକୁ ମୋଟର ରାସ୍ତା ତିଆରି ହେଲାଣି, କାଠମାଣ୍ଡୁରୁ ଲାସାକୁ ବିମାନ ଯାତ୍ରା ପରେ ଏଠାକୁ ଚାରିଦିନ ଯାତ୍ରା ପରେ ପହଂଚିହୁଏ । କୈଳାସ-ମାନସରୋବର ଯାତ୍ରା ନାମରେ ଏହିଯାତ୍ରା ଅତ୍ୟନ୍ତ କଷ୍ଟକର । ସମୁଦ୍ରପତନରୁ ୧୪ ହଜାରରୁ ଷୋଳ ହଜାର ଫୁଟ ଉଚ୍ଚତାରେ ଏହି ବାଟରେ ଆଗେ ପାଦରେ ଚାଲିଚାଲି ଯାଉଥିଲେ,ଏହା ସଂପୂର୍ଣ୍ଣ ଜନବିରଳ ରାଜ୍ୟ ଦେଇ ଗତି କରିଥିଲା । ଅତି ଉଚ୍ଚ ସ୍ଥାନରେ ଅମ୍ଳଜାନର ଅଭାବ ଯୋଗୁ ଛାତି ଯନ୍ତ୍ରଣା ଓ ନିଶ୍ୱାସ କଷ୍ଟ ହୁଏ । ତଥାପି ଭକ୍ତି ଭାବ ନେଇ ଜୀବନ କୁ ବିପନ୍ନ କରି ହଜାର ହଜାର ଲୋକ ପ୍ରତିବର୍ଷ ସେହି ଦୁର୍ଗମ ପଥରେ ଯାତ୍ରା କରି ଆସିଛନ୍ତି । ତିବ୍ଦତ ସ୍ୱଧିନ ଥିଲା ବେଳେ ତୀର୍ଥ ଯାତ୍ରୀ ମାନଙ୍କୁ ସେଠା ସରକାର ସମସ୍ତ ସୁବିଧା ଯୋଗାଇ ଦେଉଥିଲେ । ତିବ୍ଦତ ଆମର ଶତ୍ରୁରାଷ୍ଟ୍ର ଚିନର ଅଧିନ କୁ ଗଲା ପରେ ତୀର୍ଥଯାତ୍ରା ଉପରେ ନାନା କଟକଣା ଲାଗିଲା । ଧର୍ମ ବିରୋଧି କମ୍ୟୁନିଷ୍ଟ ସରକାର ସେଠାରେ ଥିବା ଅନେକ ମନ୍ଦିର ଭାଙ୍ଗିଦେଲେ ।୧୯୬୨ ମସିହାରେ ଚିନ ସହ ଭାରତ ର ଯୁଦ୍ଧ ପରେ ମାନସରୋବରକୁ ଯାତ୍ରା ଅନେକ ବର୍ଷ ଧରି ବନ୍ଦ ହୋଇଗଲା । ପରବର୍ତି କାଳରେ ଚିନ ସହ ସମସ୍ତ ଶାନ୍ତି ଆଲୋଚନାରେ ମାନସରୋବର ଯାତ୍ରା ଏକ ପ୍ରମୁଖ ବିଷୟ ରହିଲା । ଚିନ ପରବର୍ତି କାଳରେ ନିଜର ଭାବମୁର୍ତିରକ୍ଷା ପାଇଁ ଯାତ୍ରା ପାଇଁ କଟକଣା କୋହଳ କରିଛି । ଲିପୁଲେଖ ପାସ (ଭାରତ, ନେପାଳ ଓ ତିବ୍ଦତର ସନ୍ଧି ସ୍ଥଳରେ ଅବସ୍ଥିତ) ଠାରୁ ମାନସରୋବର ପର୍ଯ୍ୟନ୍ତ ପକ୍କା ରାସ୍ତା କରା ହୋଇଛି । ବର୍ତମାନ ଭାରତରୁ ସରୋବର ଯିବା ପାଇଁ ତିନୋଟି ପଥ ବ୍ୟବହାର ହେଉଛି ।

କିଛିଦିନ ତଳେ ବର୍ଡର ରୋଡ ଅର୍ଗାନାଇଜେସନ, ମାନସରୋବର ପାଇଁ ଏକ ସୁବିଧାଜନକ ରାସ୍ତା ତିଆରି କରିଛନ୍ତି । ଦିଲ୍ଲୀ ଠାରୁ ୪୯୦ କିମି ଦୂରରେ ପିଥୋରଗଡ ଠାରୁ ଲିପୁଲେଖ ପାସ ପର୍ଯ୍ୟନ୍ତ ରାସ୍ତା ତିଆରି ଚାଲିଛି । ପିଥୋରଗଡ ଠାରୁ ୧୩୦ କିମି ମଟର ରାସ୍ତାରେ ଯାଇ ଦୁଇ ଦିନ ସମୟ ବଂଚି ଯାଉଛି । ଘାତବାଗଡା ଠାରୁ ଚିନାସିମାନ୍ତ ଲିପୁଲେଖ ୭୫ କିମି କିମି ଗଲାପରେ ୯୭ କିମି ରାସ୍ତା ମଟରରେ ଯାଇ ସିଧା ମାନସରୋବରରେ ପହଂଚି ହେଉଛି । ଦ୍ୱିତୀୟ ରାସ୍ତା ଦିଲ୍ଲୀ କିମ୍ବା କଲିକତାରୁ ବିମାନରେ କାଠମାଣ୍ଡୁ ଓ ସେଠାରୁ ବିମାନରେ ଲାସା ଗଲା ପରେ ହେଲିକେପ୍ଟରରେ (ଦୁଇଥର) ଯାତ୍ରା କରି ପରିକ୍ରମାରେ ପହଂଚିହୁଏ । ତୃତିୟ ରାସ୍ତାରେ ବାଗଡୋଗ୍ରା (ସିଲିଗୁଡି)କୁ ବିମାନରେ ଯାଇ ସେଠାରୁ ୮୬୦ କି.ମିଟର ରାସ୍ତାରେ ଯିବାକୁ ପଡେ । ଯୁଗଯୁଗ ଧରି ଅସଂଖ୍ୟ ଲୋକ ନିଜ ଜୀବନ କୁ ପାଣି ଛଡେଇ ଯେପରି ଧର୍ମ ଓ ସଂସ୍କୃତି ପାଇଁ ଦୁସ୍ତର ପଥରେ ଯାତ୍ରା କରି ଆସିଛନ୍ତି। ତାହା ଆମ ଧର୍ମର ମହାନତାର ଜ୍ୱଳନ୍ତ ଉଦାହରଣ ।


**ଓଡ଼ିଶା ନ୍ୟୁଜ୍ ସର୍ଭିସ୍,**
**ଉମରକୋଟ,**
**ନବରଙ୍ଗପୁର,ମୋ:୯୪୩୭୨୩୫୩୮୬**


# ଆଳୁ ଓ ଧଣିଆ ପତ୍ର ତରକାରୀ

ଆଳୁ ଦମ ତ ସମସ୍ତେ ଖାଇଥିବେ । ଏବେ ଧଣିଆ ପତ୍ରରେ ତିଆରି ଗ୍ରେଭି ଓ ଆଳୁ ତରକାରି ଘରେ ପ୍ରସ୍ତୁତ କରି ଖାଆନ୍ତୁ । ଆଜି ଏହି ଭିନ୍ନ ପ୍ରକାରର ଆଳୁ ଦମ ବିଷୟରେ ଜାଣିବା । ଏହା ପ୍ରସ୍ତୁତ କରିବା ସହଜ ।

**ଆବଶ୍ୟକ ସାମଗ୍ରୀ:**
ଆଳୁ-୪୦୦ ଗ୍ରାମ, ଧଣିଆ ପତ୍ର-୧୦୦ ଗ୍ରାମ, କଞ୍ଚା ଲଙ୍କା-୨ଟି, ଅଦା-୧/୨ଇଞ୍ଚ, ଜିରା-୧/୨ ଚାମଚ, କସୁରୀ ମେଥି- ୧ ଚାମଚ, ଗୋଲମରିଚ-୪ଟି, ଗୁଜୁରାତି- ୨ ଟି, ଲବଙ୍ଗ-୨ଟି, ଲେମ୍ବୁ- ୧ଟା, ତେଲ- ୪ ଚାମଚ, ଲୁଣ - ସ୍ୱାଦ ଅନୁସାରେ ।

**ପ୍ରଣାଳୀ:**
ଏହି ତରକାରୀ ପାଇଁ ପ୍ରଥମେ ଆଳୁକୁ ସିଝାଇ ସେଥିରୁ ଚୋପା ଛଡେଇ ଦିଅନ୍ତୁ । ଏକ ପ୍ୟାନରେ ତେଲ ଗରମ କରି ଚୋପା ଛଡା ଯାଇଥିବା ଆଳୁକୁ ବାଦାମୀ ରଙ୍ଗ ହେବା ପର୍ଯ୍ୟନ୍ତ ଭାଜି ଦିଅନ୍ତୁ । ଚାରି ପାର୍ଶ୍ୱ ଭାଜି ହୋଇଗଲା ପରେ ଆଳୁକୁ ଏକ ପ୍ଲେଟରେ ବାହାର କରିଦିଅନ୍ତୁ । ଧଣିଆ ପତ୍ରର ମୋଟା ଡାଙ୍ଗକୁ କାଟି ବାହାର କରି ଧୋଇ ଦିଅନ୍ତୁ । ପାଣି ଶୁଖିଗଲା ପରେ ବଡ ବଡ ଖଣ୍ଡ କରି କାଟି ଦିଅନ୍ତୁ । କଞ୍ଚା ଲଙ୍କା, ଅଦାକୁ କାଟି ପାଣି ଦେଇ ଧଣିଆ ପତ୍ର ସହିତ ମିଶାଇ ମିକ୍ସିରେ ବାଟି ଦିଅନ୍ତୁ । ପ୍ୟାନରେ ୧ ଚାମଚ ଲେ ପକାଇ ସେଥିରେ ଜିରା, ଗୋଲମରିଚ, ଡାଲଚିନି ପକାଇ ଭାଜନ୍ତୁ । ଏବେ କସୁରୀ ମେଥି ପକାଇ ମିଶାନ୍ତୁ । ତା' ପରେ ଧଣିଆ ପତ୍ରର ପେଷ୍ଟ ମିଶାଇ ଅଧ କପ୍ ପାଣି ଦିଅନ୍ତୁ । ମସଲାରେ ଲୁଣ ଓ ଆଳୁ ଦିଅନ୍ତୁ । ଏହାକୁ ଭଲ ଭାବରେ ମିଶାନ୍ତୁ । ଆଳୁକୁ ଗ୍ରେଭି ସହିତ ୫ମିନିଟ୍ ମଧ୍ୟମ ଆଞ୍ଚରେ ରଖନ୍ତୁ । ଏବେ ଗ୍ୟାସ ବନ୍ଦ କରି ଲେମ୍ବୁ ରସ ପକାନ୍ତୁ । ଏହା ସହିତ ଭାତ, ରୁଟି, ବା ପରଟା ଖାଇ ପାରିବେ । ଲେମ୍ବୁ ରସ ବଦଳରେ ଆମଚୁର ପାଉଡର ମଧ ପକାଇ ପାରିବେ ।



# ଗ୍ରେଟ୍ ହିମାଳୟାନ୍ ନେସ୍‌ନାଲ୍ ପାର୍କ

ହିମାଚଳ ପ୍ରଦେଶର କୁଲ୍ଲୁ ଜିଲ୍ଲାରେ 'ଗ୍ରେଟ୍ ହିମାଳୟାନ୍ ନେସ୍‌ନାଲ୍ ପାର୍କ' ଅବସ୍ଥିତ । ସମୁଦ୍ର ପତ୍ତନଠାରୁ ୧୫୦୦-୬୦୦୦ ମିଟର୍ ଉଚ୍ଚତାରେ ଏହି ଜାତୀୟ ଉଦ୍ୟାନ ପ୍ରାୟ ୧୧୭୧ ବର୍ଗ କିଲୋମିଟର୍ ଅଞ୍ଚଳକୁ ବ୍ୟାପ୍ତ । ୧୯୮୪ରେ ଏହି ଜାତୀୟ ଉଦ୍ୟାନ ସ୍ଥାପିତ ହୋଇଥିଲା । ଏହା ୩୧ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ, ୧୮୧ ପ୍ରଜାତିର ପକ୍ଷୀ, ୩ ପ୍ରଜାତିର ସରୀସୃପ, ୯ ପ୍ରଜାତିର ଉଭୟଚର ପ୍ରାଣୀ, ୧୧ ପ୍ରଜାତିର ଅଙ୍ଗୁରୀୟମାଳ (annelid), ୧୭ ପ୍ରଜାତିର କମ୍ବୋଜ (mollusk), ୧୧୭ ପ୍ରଜାତିର କୀଟ-ପତଙ୍ଗଙ୍କ ବାସସ୍ଥାନ । ଏହି ଜାତୀୟ ଉଦ୍ୟାନ ମଧ୍ୟରେ ବିଭିନ୍ନ ଉଚ୍ଚତାରେ ଗୁଡିଏ ଉପତ୍ୟକା ଅବସ୍ଥିତ । କେବଳ ପାଦରେ ଚାଲିଚାଲି ସେସବୁ ଦେଖିବା ସଂଭବ । ସେପ୍ଟେମ୍ବର୍‌ରୁ ନଭେମ୍ବର୍ ସର୍ବୋତ୍ତମ ପର୍ଯ୍ୟଟନ କାଳ । ଏହି ସମୟରେ ନୀଳ ମେଷ, କସ୍ତୁରୀ ମୃଗ, ହିମ ତେନ୍ଦୁଆ, ବାଦାମୀ ଭଲ୍ଲୁକ, ପାହାଡୀ ଛଗଳ ଆଦି ଆଖିରେ ପଡନ୍ତି । ଏଠାରେ ଶିକାର ନିଷିଦ୍ଧ । ୨୦୧୪ ରେ ଏହି ଜାତୀୟ ଉଦ୍ୟାନକୁ ବିଶ୍ୱ ଐତିହ୍ୟ ମାନ୍ୟତା ପ୍ରଦାନ କରାଯାଇଥିଲା ।



# ଗଛରେ ଚଢ଼ିବା ଲାଗି ବାଘକୁ ଦିଆଯାଉଛି ଟ୍ରେନିଂ

ବିଟ୍ରେନ୍‌ର ଜେଡ୍‌ଏସ୍‌ଏଲ୍ ୱିପ୍ସନାଡେ ଚିଡିଆଖାନା ଏବେ ସାରା ବିଶ୍ୱରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ଏଥିରେ ଥିବା ଚାରି ସାଇବେରିଆନ୍ ବାଘକୁ ଶିକାର କରାଇବା ଏବଂ ଗଛ ଚଢ଼ିବାର କୌଶଳ ଶିକ୍ଷା ଦିଆଯାଉଥିବାରୁ ବ ର୍ମାନ ଏହା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଛି । ଏହି ଚିଡିଆଖାନାର ଅଧିକାରୀଙ୍କ କହିବା ମୁତାବକ, ଏଥିରେ ଥିବା ଦୁଇଟି ବାଘ ଓ ବାଘୁଣି ଦୀର୍ଘ ଦିନ ଧରି ଅସୁସ୍ଥ ଥିଲେ । ଉ ମ ଚିକିତ୍ସା ପରେ ଏହି ଦୁଇ ବାଘ ସୁସ୍ଥ ହୋଇଥିଲେ । ତେବେ ସେବେଠାରୁ ବୋଟ୍ସମ୍ୟାନ୍ ଏବଂ ନାୟା ନାମ୍ନୀ ଏହି ବାଘ ଓ ବାଘୁଣୀକୁ ଚିଡିଖାନା ପକ୍ଷରୁ ଶିକାର କରିବାର କୌଶଳ ଏବଂ ଗଛ ଚଢିବା ଲାଗି ତାଲିମ୍ ଦିଆଯାଉଛି । ସୂଚନା ଥାଉ ଯେ, ଏହି ବାଘ ଓ ବାଘୁଣୀ ସହିତ ସେମାନଙ୍କର ୧୯ ମାସର ଦୁଇଟି ଶାବକକୁ ମଧ ଶିକାର କରିବାର ପ୍ରଶିକ୍ଷଣ ଦିଆଯାଉଛି ।



# ସ୍ମୃତି ଶକ୍ତି ବଢ଼ାଇବାରେ ସହାୟକ ପାଣି

ସୁସ୍ଥ ଜୀବନଶୈଳୀ ନିମନ୍ତେ ଆବଶ୍ୟକ ପରିମାଣର ପାଣି ପିଇବା ନିତାନ୍ତ ଜରୁରୀ । ଖାଦ୍ୟ ବିଶେଷଜ୍ଞମାନେ ବରାବର ଏ ବାବଦରେ ଜନସାଧାରଣଙ୍କୁ ଅବଗତ କରାଉଛନ୍ତି । ଏହା ସତ୍ତ୍ୱେ ଲୋକେ ପାଣି ପିଇବାରେ ଅବହେଳା କରିଥାନ୍ତି । ଜାପାନୀ ଗବେଷକଙ୍କ ଅନୁଧ୍ୟାନରୁ ସ୍ପଷ୍ଟ ହୋଇଛି, ପାଣି ନ ପିଇବା କାରଣରୁ ଆମ ସ୍ମୃତି ଶକ୍ତି ଓ ମାନସିକ ବିକାଶ ବାଧାପ୍ରାପ୍ତ ହୋଇଥାଏ ।



- ଅଧିକାଂଶ ଧାରଣା ଯେ ଶୋଷ ଲାଗିଲେ ହିଁ ପାଣି ପିଇବା ଦରକାର । ଶରୀରର ପ୍ରତ୍ୟେକ ଆବଶ୍ୟକତା ସମ୍ପର୍କରେ ଆମେ ଭଲଭାବେ ଅବଗତ ନଥାଉ । ଏଣୁ ପ୍ରତି ଘ[-ଦୁଇ ଘ[।ରେ ଥରେ ପାଣି ପିଇବାର ଅଭ୍ୟାସ ଆରମ୍ଭ କରନ୍ତୁ । ସାଧା ପାଣି ନପିଇ ଜଣେ ଲେମ୍ବୁ ପାଣି, ମିଶ୍ରି ପାଣି କିମ୍ବା ଅନ୍ୟ କୌଣସି ପ୍ରକାର ଘରୋଇ ସରବତ ମଧ ପିଇପାରିବେ ।
- ଗ୍ରୀଷ୍ମ ଦିନ ଆରମ୍ଭରୁ ହିଁ ଏ ବାବଦରେ ସତର୍କ ରହିବା ଉଚିତ । ପାଣି ଆବଶ୍ୟକ ପରିମାଣରେ ପିଇଲେ ମାଲଗ୍ରେନ୍ ସମସ୍ୟା ହୋଇନଥାଏ । ୧୫ ହଜାର ଲୋକଙ୍କୁ ଅନୁଧାନ କରି ଜଣାପଡିଥିଲା, ନିୟମିତ ୯-୧୦ ଗିଲାସ ପାଣି ପିଇବା କାରଣରୁ ହିଁ ସେମାନଙ୍କ ସ୍ମୃତି ଶକ୍ତି ଭଲ ରହିଛି ।
- ଦିନର ଆରମ୍ଭ ଉଷୁମ ପାଣି ପିଇବାରେ କରିବା ଉଚିତ । ଅନ୍ୟ ସମୟରେ ଆପଣ ଫିଲଟର୍ ପାଣି ପିଇପାରନ୍ତି ।

# ରକ୍ତ ପୋଖରୀ

ଜାପାନ୍‌ର ବେପ୍ପୁ ସହର ସ୍ଥିତ ଚିନୋଏକି ଜିଗୋକୁ ଏକ ଅଦ୍ଭୁତ ପୋଖରୀ । ଜାପାନୀ ଶବ୍ଦ ଚିନୋଏକି ଜିଜୋକୁର ଅର୍ଥ 'ରକ୍ତିମ ନର୍କ ପୋଖରୀ' । ପୋଖରୀର ପାଣି ରକ୍ତ ଭଳି ଲାଲ୍ । ତେବେ ପାଣିପାଗ ଅନୁସାରେ ପୋଖରୀ ଜଳର ରଙ୍ଗ ପରିବର୍ତ୍ତନ ହୋଇଥାଏ । ଖରାଦିନେ, ପୋଖରୀ ରଙ୍ଗ ନାରଙ୍ଗୀ-ଲାଲ୍‌ରେ ବଦଳିଯାଏ । ବାଦଲ ଘୋଟିଥିଲେ ଉଜ୍ଜଳ ଲାଲ୍ ହୋଇଯାଏ । ଝଡ ତୋଫାନରେ ଏ ଅଞ୍ଚଳ ରହସ୍ୟମୟୀ ହୋଇଯାଏ ଅର୍ଥାତ ପୋଖରୀ ଜଳ ରକ୍ତ ଭଳି ଲାଲ୍ ହୋଇଯାଏ । ଅତ୍ୟଧିକ ପରିମାଣର ମ୍ୟାଗ୍ନେସିୟମ ଓ ଆଇରନ୍ ଅକ୍ସାଇଡ୍ ପାଇଁ ପାଣିର ରଙ୍ଗ ଲାଲ୍ ହୋଇଥାଏ । ପାଣି ତଳେ ଗୁମ୍ଫାରେ ଥିବା ଝରଣାରୁ ପ୍ରତି ରାତିରେ ୫୦ ହଜାର କ୍ୟୁବିକ୍ ମିଟରରୁ ଅଧିକ ଜଳ ଝରିଥାଏ । ଏହି ପାଣି ସମୟ ସମୟରେ ଗୁମ୍ଫାକୁ ଭରିଯାଏ ଏବଂ ମାଗ୍‌ମା ଉତପ୍ତ ହେବାରୁ ପାଣି ଫୁଟେ ।

# ସବୁଠୁ ବଡ ମଲ୍ଟିପ୍ଲେକ୍ସ

ବର୍ତ୍ତମାନ ସମୟରେ ଲୋକ ଟଙ୍କା ପାଣି ପରି ଖର୍ଚ୍ଚ କରିବାରେ ଆଦୌ ମନ ଉଣା କରୁନାହାନ୍ତି । ଲୋକ ସିନେମା ହଲ୍ ଯିବା ପୂର୍ବରୁ ସେଥିରେ କ'ଣ ଓ କିପରି ସୁବିଧାମାନ ଅଛି, ତାହା ପ୍ରଥମେ ଇଣ୍ଟରନେଟ୍ ଜରିଆରେ ତଦାରଖ କରୁଛନ୍ତି । ୫୫% ରୁ ଅଧିକ ଦର୍ଶକ ମଲ୍ଟି-ପ୍ଲେକ୍ସରେ ସିନେମା ଦେଖିବାକୁ ପସନ୍ଦ କରୁଛନ୍ତି, ଯଦିଓ ଏଥିରେ ଟିକେଟ୍ ଓ ଖାଦ୍ୟପାନୀୟ ଖୁବ୍ ମହଙ୍ଗା । ଭାରତର ସବୁଠୁ ବଡ ମଲ୍ଟିପ୍ଲେକ୍ସ ଚେନ୍ନାଇରେ ଅଛି । ସେଠାକାର କନାଥୁର୍ ଅଞ୍ଚଳର ଏକ ବଡ ମଲ୍ଟିପ୍ଲେକ୍ସ ହେଉଛି 'ମାୟାଜାଲ' ।




# ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ କାନ୍ଦିବା ଜରୁରୀ !

ଏକ ସୁସ୍ଥ ଜୀବନଶୈଳୀ ନିମନ୍ତେ ହସିବାର ଆବଶ୍ୟକତା ରହିଛି ବୋଲି ବିଭିନ୍ନ ଅନୁସନ୍ଧାନରୁ ପ୍ରମାଣିତ ହୋଇଛି । ବିଶ୍ୱସ୍ତରରେ ଏପରିକି ଭାରତର ମଧ ବିଭିନ୍ନ ପ୍ରାନ୍ତରେ ହସିବା ପାଇଁ 'ଲାଫିଙ୍ଗ୍ କ୍ଲବ୍' ମାନ ସଂଖ୍ୟାଧିକ ରହିଛି । ପ୍ରକୃତରେ ମନ ଖୁସି ରହିଲେ ସବୁକିଛି ଠିକ୍ ରହେ, ଏଥିରେ ସତ୍ୟତା ଅଛି । ନିକଟରେ କିନ୍ତୁ ଗବେଷକଦଳ ସ୍ପଷ୍ଟ କରିଛନ୍ତି ସୁସ୍ଥ ରହିବା ପାଇଁ କାନ୍ଦିବାର ଆବଶ୍ୟକତା ମଧ ବେଶ୍ ଅଧିକ । ଜାପାନର ବିଶେଷଜ୍ଞ ଦଳ ଏହାର ସତ୍ୟତା ପରୀକ୍ଷା ନିମନ୍ତେ ପ୍ରଥମେ କର୍ମଜୀବୀ ଲୋକଙ୍କ ଉପରେ ପ୍ରୟୋଗ ଆରମ୍ଭ କରିଥିଲେ । ଏହା ମଧ ସତ ଯେ ବିନା କାରଣରେ ହସିବା ସହଜ ହୋଇଥିବାବେଳେ କାନ୍ଦିବା ଏକ ବଡ ଚ୍ୟାଲେଞ୍ଜ । ଏଥି ନିମନ୍ତେ ସ୍ୱତନ୍ତ୍ର ଭାବେ 'କାନ୍ଦିବା ପ୍ରଶିକ୍ଷକ' ଙ୍କୁ ମଧ ଯୋଗାଡ କରାଗଲା । ଟୋକିଓର ଏକ ନାମୀ ଅନ୍ତର୍ଜାତୀୟ କମ୍ପାନୀର ୪୩ ଜଣ କର୍ମଚାରୀଙ୍କୁ ସାମିଲ କରାଗଲା । ଜନୈକ କର୍ମଚାରୀ ୟୋଶିବାଙ୍କ ମତରେ ପ୍ରକୃତରେ ହସିବା, ରୁପ୍ କାନ୍ଦିବାର ପ୍ରତିକ୍ରିୟା ଭିନ୍ନ । କାନ୍ଦିଲେ ମନ ଶାନ୍ତ ହେବା ସହ ଖୁବ୍ ହାଲୁକା ଲଗେ । ଜାପାନରେ ଗବେଷକଦଳ ଏଇ ପରିପ୍ରେକ୍ଷୀରେ ସଫଳ ହେବା ପରେ ବର୍ତ୍ତମାନ ବିଶ୍ୱର ଅନ୍ୟ ରାଷ୍ଟ୍ରରେ 'କାନ୍ଦିବା ଜରୁରୀ' କାର୍ଯ୍ୟକ୍ରମ ଆଗେଇବାରେ ଲାଗିଛି ।



# ଧର୍ମାନ୍ତରୀତ କାର୍ଯ୍ୟରେ ଲିପ୍ତ ଦୋଷୀମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ : ଭି ଏଚ୍ ପି

ଭୁବନେଶ୍ୱର,୧୦।୧୧ (ନି.ପ୍ର): ଓଡିଶାର ଅନେକ ସ୍ଥାନରେ ମିଥ୍ୟା ପ୍ରଲୋଭନ ଦେଖାଇ ଖ୍ରୀଷ୍ଟିଆନ ମିଶନାରୀଙ୍କ ତରଫରୁ ହିନ୍ଦୁମାନଙ୍କୁ ଧର୍ମାନ୍ତରୀତ କରାଯାଉଛି । କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକରେ ଚର୍ଚ୍ଚଦ୍ୱାରା ଯୋଜନା ପୂର୍ବକ ବନବାସୀ ଲୋକ ତଥା ଗରୀବ ହିନ୍ଦୁ ଲୋକଙ୍କୁ ପ୍ରଲୋଭନ ଦେଖାଇ କିଛି ନା କିଛି ବାହାନାରେ ଧର୍ମାନ୍ତରଣ କରାଯାଉଛି । ଯେଉଁ ଅଂଚଳରେ ଏହି ଧର୍ମାନ୍ତରୀଣ କାର୍ଯ୍ୟ ଚାଲୁଅଛି ତାହା ବଡ ସମ୍ବେଦନଶୀଳ ଅଂଚଳ । ସ୍ଥାନୀୟ କାର୍ଯ୍ୟକର୍ତାଙ୍କ ଦ୍ୱାରା କେନ୍ଦୁଝର ଜିଲ୍ଲାପାଳଙ୍କୁ ଏ ବିଷୟରେ ଅବଗତ କରାଯାଇଛି । ବିଭିନ୍ନ ଗଣମାଧମରେ ମଧ ଏ ଘଟଣା ପ୍ରକାଶ ପାଇଛି । କିନ୍ତୁ ଏହା ପରେ ମଧ କେନ୍ଦୁଝର ଜିଲ୍ଲା ପ୍ରଶାସନ ଏଥିପ୍ରତି ଧାନ ଦେଉ ନାହାଁନ୍ତି କି ପ୍ରଶାସନ ଦ୍ୱାରା ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ବିଶ୍ୱହିନ୍ଦୁ ପରିଷଦ ଅଭିଯୋଗ କରିଛି । ବିଶ୍ୱହିନ୍ଦୁ ପରିଷଦ,ଓଡିଶା ପୂର୍ବର ପ୍ରାନ୍ତ ସଂଗଠନ ମନ୍ତ୍ରୀ ଶ୍ରୀ ଆନନ୍ଦ ପାଣ୍ଡେ ଏହି ବିଷୟ ଉଲ୍ଲେଖ କରି କହିଛନ୍ତି ଯେ, ଏହି ଅଂଚଳରେ ୯ ଏକର ସରକାରୀ ଜାଗାକୁ ଚର୍ଚ୍ଚ ଦ୍ୱାରା ଜବର ଦଖଲ କରାଯାଇଛି । ସେହି ଜମି ଉପରେ ଚର୍ଚ୍ଚ ତିଆରି ହୋଇଛି । ଏବେ ସେହି ଚର୍ଚ୍ଚ ଧର୍ମାନ୍ତରୀକରଣର ମୁଖ୍ୟ କେନ୍ଦ୍ର ପାଲଟିଛି । ବନବାସୀ ଲୋକଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଧର୍ମାନ୍ତରୀତ କରାଯାଉଥିବା ବେଳେ ପ୍ରଶାସନ ନିରବ ଦ୍ରଷ୍ଟା ସାଜିଛି । ଏହି ଘଟଣାକୁ ନେଇ ସାଧାରଣ ଜନତାଙ୍କ ମଧରେ ଆକ୍ରୋଶର ଭାବ ବଢିବାରେ ଲାଗିଛି । ପ୍ରଶାସନ ଏହି ଘଟଣା ଉପରେ ତୁରନ୍ତ ଧାନ ଦିଅନ୍ତୁ । ଏଠାରେ ଯେପରି ଗତ ଦିନର ଘଟଣା ପୁନରାବୃତି ନହେଉ ସେଥିପାଇଁ ପ୍ରଶାସନ ସଜାଗ ରହିବା ଉଚିତ ବୋଲି ଶ୍ରୀ ପାଣ୍ଡେ ଚେତାଇ ଦେଇଛନ୍ତି । ଶ୍ରୀ ପାଣ୍ଡେ କହିଛନ୍ତି ଯେ,ଓଡିଶାରେ ଧର୍ମାନ୍ତରୀକରଣ ବିରୋଧରେ ଆଇନ୍ ମଧ ଅଛି । ଏହି ଆଇନ ଥାଇ ମଧ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାଁନ୍ତି । ଅନ୍ୟ ପକ୍ଷରେ ଓଡିଶା ସରକାରଙ୍କ ବ୍ୟବହାର ପକ୍ଷପାତିତା ପୂର୍ଣ୍ଣ । ସରକାରୀ ଜମିରେ ଥିବା ହିନ୍ଦୁ ମନ୍ଦିରକୁ ସରକାର ଉଚ୍ଛେଦ କରୁଛନ୍ତି, ବୁଲ୍ଡୋଜର ଲଗାଇ ମନ୍ଦିରକୁ ଭାଙ୍ଗି ଦେଉଛନ୍ତି । ସରକାରୀ ଜମିରେ ଅନ୍ୟ ଧର୍ମର ଉପାସନା ପୀଠ ଚର୍ଚ୍ଚ ଓ ମସଜିଦ ଥିବା ବେଳେ ସରକାର ସେସବୁ ପ୍ରତି ନଜର ଦେଉ ନାହାଁନ୍ତି । ଏହି ଭାବନାକୁ ଦେଖି ଲାଗୁଛି ରାଜ୍ୟ ସରକାର ହିନ୍ଦୁ ବିରୋଧୀ । ଯେଉଁପରି ଭାବେ ଓଡିଶା ପ୍ରଶାସନ ମନ୍ଦିର ଗୁଡିକର ଉଚ୍ଛେଦ କରୁଛନ୍ତି ସେହି ପ୍ରକାରରେ ଅନ୍ୟ ଧର୍ମର ଉପାସନା ପୀଠ ପ୍ରତି କରୁନାହାଁନ୍ତି । ସରକରୀ ଜମିରେ ଅନ୍ୟ ଧର୍ମର ଉପାସନା ପୀଠ ଥିଲେ ମଧ ସେସବୁର ଉଚ୍ଛେଦ ହୋଇ ନାହିଁ । ଏହା ହେଉଛି ଓଡିଶା ସରକାରଙ୍କ ପକ୍ଷପାତୀ ପୂର୍ଣ୍ଣ ନୀତି । ଶ୍ରୀ ପାଣ୍ଡେ କହିଛନ୍ତି ଯେ,ଓଡିଶା ଏକ ହିନ୍ଦୁ ବହୁଳ ଅଂଚଳ । ଏଠିକାର ଅଧିବାସୀ ବହୁତ ଶାନ୍ତିପ୍ରିୟ । ଶାନ୍ତିପ୍ରିୟର ମାନେ ନୁହେଁ ଯେ ସରକାର ତାଙ୍କୁ ଉପେକ୍ଷା କରିବେ । ଜାଣିଶୁଣି କରି ସରକାରୀ ଜମିରେ ଥିବା ମନ୍ଦିର ଗୁଡିକ ଭାଙ୍ଗି ହିନ୍ଦୁଙ୍କର କ୍ଷତି କରାଯାଉଛି । ଏପରି ଭେଦଭାବ ନକରି ସରକାର ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖନ୍ତୁ ବୋଲି ମୋର ସରକାର ଏବଂ ପ୍ରଶାସନଙ୍କୁ ନିବେଦନ । କେନ୍ଦୁଝର ଜିଲ୍ଲାରେ ଘଟୁଥିବା ଘଟଣା ଯୋଗୁଁ ସାଧରଣ ଜନତାଙ୍କ ମନରେ ଆକ୍ରୋଶର ଭାବ ବୃଦ୍ଧି ପାଇବାରେ ଲାଗିଛି । ଏହି ଅଂଚଳରେ ଶାନ୍ତି ଓ ଭାତୃତ୍ୱର ଭାବ ପ୍ରତିଷ୍ଠା ପାଇଁ ଧର୍ମାନ୍ତରୀତ କାର୍ଯ୍ୟରେ ଜଡିତ ଚର୍ଚ୍ଚ ଓ ପାଦ୍ରୀଙ୍କ ବିରୋଧରେ ଓଡିଶା ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ । ନଚେତ ଆଗାମୀ ଦିନରେ ବିଶ୍ୱହିନ୍ଦୁ ପରିଷଦ ତରଫରୁ ବିଶାଳ ଆନ୍ଦୋଳନ କରାଯିବ । ବିନା ଭେଦଭାବରେ ରାଜ୍ୟ ସରକାର ସମସ୍ତଙ୍କ ପ୍ରତି ଉଚିତ ନ୍ୟାୟ ପ୍ରଦାନ କରନ୍ତୁ । ସମସ୍ତ ମତ, ପନ୍ଥଙ୍କ ମଧରେ ଯେପରି ଶାନ୍ତି ସ୍ଥାପନ ହେବ ଏହା ହେଉଛି ସରକାରଙ୍କ କାମ । କୌଣସି ପ୍ରକାର ବେଆଇନ କାମ କରିବା ନିନ୍ଦନୀୟ । ଧର୍ମାନ୍ତରୀକରଣ କାର୍ଯ୍ୟରେ ଲିପ୍ତ ଦୋଷୀମାନଙ୍କୁ ଗିରଫ କରାଯାଇ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ବିଶ୍ୱହିନ୍ଦୁ ପରିଷଦ ଦାବି କରିଛି ।

## ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଓ ଟିମ୍ ଅମୃତସରରେ ପହଂଚିଲେ

ସୁନ୍ଦରଗଡ,୧୦।୧୧ (ନି.ପ୍ର): ଘରକୁ ଫେରିବେ ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଜଙ୍ଗରପଡ଼ା ଗ୍ରାମର ବିରଜୁ କୁଲୁ । ପାକିସ୍ତାନ ଜେଲ୍ ରେ ଦୀର୍ଘ ୨୦ ବର୍ଷ ରହିବା ପରେ ଭାରତ ଫେରିଛନ୍ତି ବିରଜୁ । ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଓ ଟିମ୍ ଅମୃତସରରେ ପହଂଚିଥିବା ନେଇ ସୂଚନା ମିଳିଛି । ଅନ୍ୟପକ୍ଷରେ ବିରଜୁ ଫେରିବା ପରେ ତାଙ୍କୁ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ବିଭାଗୀୟ ସୂତ୍ରରୁ ସୂଚନା ମିଳିଛି ।

# ସଂକଳ୍ପ ଫାଉଣ୍ଡେସନ୍ ଟ୍ରଷ୍ଟର ଦ୍ୱିତୀୟ ପ୍ରତିଷ୍ଠା ଦିବସ

ପୁରୀ,୧୦।୧୧ (ନି.ପ୍ର): ସଂକଳ୍ପ ଫାଉଣ୍ଡେସନ ଟ୍ରଷ୍ଟର ଦ୍ୱିତୀୟ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି । ପୁରୀର ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ, ଜୀବନର ଶେଷ ସମୟରେ ବୃଦ୍ଧା ଓ ବୃଦ୍ଧମାନଙ୍କୁ ଜରାଶ୍ରମରେ ରଖି ବଡ଼ ଧର୍ମକାର୍ଯ୍ୟ କରୁଛନ୍ତି ସଂକଳ୍ପ ଅନୁଷ୍ଠାନ । ଉକ୍ତ ଉତ୍ସବରେ ଅନୁଷ୍ଠାନର ସଭାପତି ସୁଚରିତା ପାଢ଼ି ଅଧ୍ୟକ୍ଷତା କରିଥିଲେ । ପୁଅବୋହୂଙ୍କ ଦ୍ୱାରା ବିତାଡ଼ିତ ଓ ନିର୍ଯ୍ୟାତିତ ହୋଇ କେତେକ ବୃଦ୍ଧା ବଡ଼ଦାଣ୍ଡକୁ ଚାଲି ଆସୁଛନ୍ତି । ସେମାନଙ୍କୁ ଆଶ୍ରୟ ଦେଇପାରିଲେ ଏକ ବଡ଼ ଧର୍ମ କାର୍ଯ୍ୟ ହୋଇପାରିବ । ସମାଜସେବୀ ତଥା ଜାତୀୟ ପୁରସ୍କାରରେ ସମ୍ମାନିତ ମହିଳା ସଂଗଠିକା ଗୀତାଞ୍ଜଳି ପଣ୍ଡା ଯୋଗାଦେଇ ମହିଳାମାନଙ୍କର ସୁରକ୍ଷା ଓ ସେବା ଉପରେ ଆଲୋକପାତ କରିବା ସହ ଯେଉଁମାନେ ଏହି ପ୍ରକାରର ଜରାଶ୍ରମ କରି ମହିଳାମାନଙ୍କୁ ସାହାଯ୍ୟ କରୁଛନ୍ତି ସେମାନଙ୍କର କାର୍ଯ୍ୟ ବାସ୍ତବିକ ପ୍ରଶଂସନୀୟ ବୋଲି ମତ ବ୍ୟକ୍ତ କରିଛନ୍ତି । କରୋନା ସମୟରେ ଯେଉଁ ସାମ୍ବାଦିକମାନେ ନିଜର ପରିବାରକୁ ଛାଡ଼ି କାର୍ଯ୍ୟ କରିବା ସହ ଜନସାଧାରଣଙ୍କୁ ସଠିକ୍ ତଥ୍ୟ ପ୍ରଦାନ କରିବା ବାସ୍ତବିକ ଏକ ମହତ୍ କାର୍ଯ୍ୟ । ତାଙ୍କର ଏହି କାର୍ଯ୍ୟପାଇଁ ଅନୁଷ୍ଠାନ ପକ୍ଷରୁ ଗଣମାଧମ (ଛାପା) ଓ ବୈଦ୍ୟୁତିକ ଗଣ ମାଧମ ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବରିଷ୍ଠ ସାମ୍ବାଦିକ ବିଜୟ ପଟ୍ଟନାୟକ, ବିଜୟ ମିଶ୍ର ଓ ସ୍ଥାନୀୟ ଟି.ଭି ଚ୍ୟାନେଲର ପ୍ରତିନିଧି ମାନଙ୍କୁ ମାନପତ୍ର ପ୍ରଦାନ କରି ବିଧାୟକ ଜୟନ୍ତ ଷଡ଼ଙ୍ଗୀ ସମ୍ବର୍ଦ୍ଧିତ କରିଥିଲେ । ଅନୁଷ୍ଠାନର କୁମୁଦିନି ମହାପାତ୍ର, ଦୀପକ ପଣ୍ଡା, ପପୁ ଚୌଧୁରୀ, ପୁଷ୍ପାପାତ୍ର, ପ୍ରିୟଙ୍କା ମହାପାତ୍ର, ସ୍ନେହଲତା ପରମଗୁରୁ, ହରିହର ବେହେରା, ସୁରେନ୍ଦ୍ର ମହାପାତ୍ର, ମନୋରଞ୍ଜନ ଜେନା ଓ ଅନ୍ୟ ସଦସ୍ୟମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସାଂସ୍କୃତିକ ସଂପାଦକ ସନ୍ତୋଷ ମହାରଣା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।

# ଗୋରୁ ବୋଝେଇ ଦୁଇ ପିକ୍ଅପ୍ ଜବତ୍ : ୪ ଅଭିଯୁକ୍ତ ଗିରଫ

ଜଳେଶ୍ୱର,୧୦।୧୧ (ନି.ପ୍ର): ବହୁବର୍ଷ ଧରି ଓଡିଶାର ବିଭିନ୍ନ ସ୍ଥାନରୁ ୬୦ନଂ ଜାତୀୟ ରାଜପଥରେ ପଶ୍ଚିମବଂଗର ସ୍ଲଟର ହାଉସ୍‌କୁ ହଜାର ହଜାର ଗୋରୁ ଚାଲାଣ ହୋଇ ଆସୁଛି । ପ୍ରତି ରବିବାର ଓ ଗୁରୁବରରେ ବହୁ ପିକ୍ଅପ୍‌ରେ ଗୋରୁକୁ ପଶ୍ଚିମବଂଗ ନିଆଯାଉଥିବା ବେଳେ ଗୋ ସୁରକ୍ଷା ଆଇନ୍ ର ଉଲଙ୍ଘନ କରାଯାଇ ଆସୁଛି । ସରକାରଙ୍କ ନିୟମ ଅନୁଯାୟୀ ଏକ ୬ଚକିଆ ଯାନରେ ୬ଟି ୧୦ଚକିଆ ଯାନରେ ୧୦ଟି ଓ ୧୨ଚକିଆ ଯାନରେ ୧୨ଟି ଗୋରୁଙ୍କୁ ନିଆଯିବାର ନିୟମ ରହିଛି । କିନ୍ତୁ ଏନିମେଲ କ୍ୱଏଲିଟି ଆକ୍ଟର ଉଲଙ୍ଘନ କରି ପିକ୍ଅପ୍ ଗୁଡିକରେ ୧୭/୧୮ଟି ଓ ବଡ ଟ୍ରକ୍ ଗୁଡିକରେ ଛାତ ସୃଷ୍ଟି କରି ୮୦ଟି ଗୋରୁଙ୍କ ନିଆଯାଉଛି । ବାଟରେ କେତେକ ଗୋରୁ ମୃତ୍ୟୁବରଣ କଲେ ଜାତୀୟ ରାଜପଥକଡକୁ ଫୋପାଡି ଦିଆଯିବାର ବହୁ ନଜିର ରହିଛି । ଏପରି ଯାନ ଗୁଡିକ ଜାତୀୟ ରାଜପଥ କଡରେ ଥିବା ଥାନା ସମ୍ମୁଖ ଦେଇ ଯାଉଥିଲେ ମଧ୍ୟ ଏଥିପ୍ରତି ପୋଲିସର ନିଘା ନଥିବା ଜଣାଯାଏ । ଏଥିରେ ମଧ୍ୟ ବହୁ ରାଜନେତା, ପ୍ରଭାବଶାଳୀ ବ୍ୟକ୍ତି ଓ ଦାଦା ରହିଥିବାର ଶୁଣିବାକୁ ମିଳେ । ଗତ ରବିବାର ରାତିରେ ବାଲେଶ୍ୱର ଜିଲା ପ୍ରଶାସନ ହଠାତ୍ ଏଥିପ୍ରତି ଗୁରୁତ୍ୱ ଦେଇଛନ୍ତି । ତେଣୁ ବାଲେଶ୍ୱର ତନଖି ଫାଟକ ଠାରେ ୪ଟି ଟ୍ରକ ଓ ୨ଟି ପିକ୍ଅପ୍ ଜବତ୍ ହାଇଥିବା ବେଳେ ଅନ୍ୟ କେତେକ ପିକ୍ଅପ୍ ଖସି ପଳାଇ ଆସିଥିଲେ ଜଳେଶ୍ୱର ପୋଲିସ୍ ୬୦ନଂ ଜାତୀୟ ରାଜପଥରେ ପେଟ୍ରୋଲି କରୁଥିବା ବେଳେ ଗୋରୁ ସହିତ ଓଡି୨୨କେ ୨୩୧୪ ଓ ଓଡି୦୪ଡି୪୦୧୯ରେ ୩୨ଟି ଗୋରୁକୁ ଅମାନବୀୟଭାବେ ନେଇଉଥିବାର ଦେଖିବାକୁ ପାଇଥିଲେ । ୨ଟି ପିକ୍ଅପ୍‌କୁ ଜଳେଶ୍ୱର ପୋଲିସ୍ ଥାନାକୁ ଗତ ରାତିରେ ଆଣଇଥିବା ବେଳେ ଆଜି ସେଥିରେ ଥିବା ଇନ୍‌ତାଜ ସାହା, ଗୋଲମ ମହମ୍ମଦ, ସେକ୍ ଜମିରୁଦ୍ଦିନ, ସେକ୍ ଅଣସାରନ୍‌ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ୩୨ଟି ଗୋରୁକୁ ବାଲେଶ୍ୱରର ବାମପଦାଠାରେ ଥିବା ଗୋଶାଳାକୁ ପଠାଇଯାଇଥିବା ଏଏସ୍ଆଇ ରମାକାନ୍ତ ସେଠୀ କହିଛନ୍ତି ।



# ଅଙ୍ଗନବାଡି କର୍ମୀଙ୍କ ସ୍କୁଟି ଡିକିରୁ ୪୮ ହଜାର ୫ ଶହ ଟଙ୍କା ଲୁଟ୍, ପୋଲିସର ତଦନ୍ତ ଜାରି

ଧର୍ମଶାଳା,୧୦।୧୧ (ନି.ପ୍ର): ଦିନ ଦ୍ୱିପ୍ରହରରେ ଅଙ୍ଗନବାଡି କର୍ମୀଙ୍କ ସ୍କୁଟି ଡିକିରୁ ୪୮ ହଜାର ୫ ଶହ ଟଙ୍କା ଲୁଟ୍ ହୋଇଥିବା ନେଇ ବ୍ରହ୍ମବରଦା ଫାଣ୍ଡିରେ ଅଭିଯୋଗ ହୋଇଛି । ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି । ଏ ଭଳି ଘଟଣା ଘଟିଛି ରସୁଲପୁର ବ୍ଲକ ମହେଶ୍ୱରପୁର ପଂଚାୟତସ୍ଥ ବ୍ରହ୍ମବରଦା ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ । ଅଭିଯୋଗ ମୁତାବକ, ଆଜି ଅପରାହ୍ନରେ ଧର୍ମଶାଳା ଥାନା ମଙ୍ଗଳପୁର ପଂଚାୟତସ୍ଥ କୋଠଡିହ ଗ୍ରାମର ଅଙ୍ଗନବାଡି କର୍ମୀ ସସ୍ମିତା ଜେନା ବ୍ରହ୍ମବରଦାସ୍ଥିତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଶାଖାରୁ ୪୮ ହଜାର ୫ଶହ ଟଙ୍କା ଉଠାଇ ତାଙ୍କ ସ୍କୁଟି ଡିକିରେ ରଖି ଘରକୁ ଫେରୁଥିଲେ । ତେବେ ବାଟରେ ଔଷଧ କିଣିବା ପାଇଁ ବ୍ରହ୍ମବରଦା ନୂତନ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଔଷଧ ଦୋକାନକୁ ଯାଇଥିଲେ । ସେଠାରୁ ଔଷଧ ଟଙ୍କା ଦେବା ପାଇଁ ସ୍କୁଟି ନିକଟକୁ ଆସି ଡିକି ଖୋଲିଥିଲେ । ହେଲେ ଡିକି ଭିତରେ ଟଙ୍କା ନ ଥିବା ଜାଣିବାକୁ ପାଇଥିଲେ । ଫଳରେ ବହୁ ଖୋଜାଖୋଜି କରି ବିଫଳ ହେବା ପରେ ସେ ବ୍ରହ୍ମବରଦା ଫାଣ୍ଡିରେ ଏନେଇ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ବ୍ରହ୍ମବରଦା ଫାଣ୍ଡି ଅଧିକାରୀ ପରମାନନ୍ଦ ସେଠୀ ସଦଳବଳେ ଘଟଣାସ୍ଥଳରେ ପଂହଚି ତଦନ୍ତ ଚଳାଇଥିଲେ । ଏହି ମେଡିକାଲ ନିକଟରେ ୨ ଜଣ ଯୁବକ ବୁଲୁଥିବା ବେଳେ ପୋଲିସ ସେମାନଙ୍କୁ ସନ୍ଦେହ କରି ଫାଣ୍ଡିକୁ ନେଇ ପଚରାଉଚୁରା କରୁଥିବା ଜଣାପଡିଛି । ତେବେ ଏଭଳି ଲୁଟ୍ ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି । ସୂଚନା ଥାଉକି ୧ ମାସ ପୂର୍ବେ ବ୍ରହ୍ମବରଦା ପୁରୁଣା ଫାଣ୍ଡି ଛକରୁ ଏକ ଅଳଙ୍କାର ଦୋକାନର ମାଲିକଙ୍କ ନିକଟରୁ ଏହିଠାରେ ଦୁର୍ବୃତମାନେ ମରଣାନ୍ତକ ଆକ୍ରମଣ କରି ସୁନା ଗହଣା ଓ ନଗଦ ଟଙ୍କା ସହ ଏକ ସ୍କୁଟିକୁ ଲୁଟି ନେଇଥିଲେ । ଧର୍ମଶାଳା ପୋଲିସ ଏହି ଘଟଣାକୁ ଗୁରୁତର ସହ ନେଇ ମାମଲାରେ ସମ୍ପୃକ୍ତ ଥିବା ଦୁର୍ବୃତ ଓ ଏହି ଚୋରା ସୁନା କିଣିବା ଅଭିଯୋଗରେ ମୋଟ୍ ୧୧ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ପରେ ଠିକ୍ ୧ ମାସ ପରେ ଆଜି ଦିନ ଦ୍ୱିପ୍ରହରରେ ଏଭଳି ଲୁଟ୍ ଘଟଣା ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ହୋଇଛି ।

# ପାନିୟ ଜଳ ସମସ୍ୟା; ସମାଧାନ ଦାବିରେ ପିଏଚଡି ଅଫିସ ଘେରାଉ

ଜୟପୁର,୧୦।୧୧ (ନି.ପ୍ର): ଜୟପୁର ବସ୍ତି ଅଂଚଳରେ ପାନିୟ ଜଳ ଯୋଗାଣ ଦାବିରେ ଆଜି ପିଏଚଡିର କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଘେରାଉ କରାଯାଇଛି । ଏନେଇ କନିଷ୍ଠ ଯନ୍ତ୍ରୀଙ୍କ ଜରିଆରେ ନିର୍ବାହୀ ଯନ୍ତ୍ରୀଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରାଯାଇଛି । ଉକ୍ତ ଦାବୀ ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ସରକାର ସମସ୍ତ ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ସକାଶେ ବିଭିନ୍ନ ଯୋଜନା କରୁଥିଲେ ମଧ ବର୍ତମାନ ସୁଦ୍ଧା ଜୟପୁର ସହରରେ ଅନେକ ବସ୍ତି ଅଂଚଳରେ ତଥା ଅନେକ ସାହିରେ ପାଇପ୍ ବିଛା ଯାଇ ନାହିଁ । ବସ୍ତି ମାନଙ୍କରେ ରହୁଥିବା ଅନେକ ଲୋକେ ପାନୀୟ ଜଳ ଅଭାବରେ ଘର ଠାରୁ ପ୍ରାୟ ୧ କିମି ରୁ ୧.୫ କିମି ଯାଏ ଦୂରରେ ରହିଥିବା ନଳକୂପରୁ ପାଣି ଆଣୁଛନ୍ତି । ଏହି ସମୟରେ ସେଠାରେ ଲମ୍ବା ଧାଡିରେ ରହି ଅନେକ ସମୟରେ ପାନୀୟ ଜଳ ପାଇଁ ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି । କିଛି ସ୍ଥାନରେ ଲୋକେ ଆଜିବି ପିଇବା ପାଣି ପାଇଁ ସାଗର ଜଳ ଉପରେ ନର୍ଭର କରୁଛନ୍ତି । ଜୟପୁର ସହରରେ ଯଦି ପାନିୟ ଜଳ ପାଇଁ ଲୋକେ ସମସ୍ୟାର ସମ୍ମୁଖିନ ହେଉଛନ୍ତି ତାହା ହେଲେ ଗ୍ରାମାଂଚଳରେ ଲୋକଙ୍କ ଅବସ୍ଥା କ'ଣ ତାହା ସହଜେ ଅନୁମେୟ । ଜୟପୁର ସହରରେ ଥିବା ବିଭିନ୍ନ ବସ୍ତି ତଥା ଜୟପୁର, ଜୟନଗର, ଚିଲିଗୁଡା, ପରଜା ସାହି, ହରିଜନ ସାହି, ରଜା କୋଲନି, ପାୱାର ହାଉସ, ରୁଷିଆ କୋଲନୀ, ହନୁମାନଗୁଡି ସାହିରେ ପାଇପ୍ ବିଛାଯିବା ସହ ଏଠାରେ ବସବାସ କରୁଥିବା ଅଧିବାସୀ ମାନଙ୍କ ଘରକୁ ପାନୀୟ ଜଳ ଯୋଗାଇବା ନିମନ୍ତେ ବ୍ୟବସ୍ଥା କରିବାକୁ ଦାବୀ କରାଯାଇଛି । ଏହା ସହ ଜୟପୁର ସହରରେ ଅନେକ ସମୟରେ ପାଇପ୍ ରେ କାଦୁଅ ପାଣି ବାହାରୁଛି ଯାହାକୁ ବ୍ୟବହାର କରି ଲୋକ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖିନ ହେଉଛନ୍ତି । ଏଥି ସକାଶେ ପାଇପ୍ ଯୋଗେ ପାଣି ଛାଡିବା ପୂର୍ବରୁ ଏହାକୁ ବିଶୋଧନ କରି ଛଡାଯିବାକୁ ମଧ ଯୁବ ସଂଗଠନର ରବିନ୍ଦ୍ର ମହାପାତ୍ରଙ୍କ ସମେତ ମହିଳା ମାନେ ଦାବି ଉପସ୍ଥାପନ କରିଛନ୍ତି ।

# କେନ୍ଦ୍ରାପଡା ରେ ଜାତୀୟ ଆଇନ ସେବା ଦିବସ ପାଳିତ

କେନ୍ଦ୍ରାପଡ଼ା,୧୦।୧୧ (ନି.ପ୍ର): ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ଜାତୀୟ ଆଇନ ସେବା ଦିବସ ପାଳନ କରାଯାଇଛି । ଏହି ଦିବସ ପାଳନ ଅବସର ରେ ଆଇନ ସଚେତନତା ଶିବିର ଅନଲାଇନ ରେ କରାଯାଇଛି । ପ୍ରାଧିକରଣ ଅଧକ୍ଷ ମାନ୍ୟବର ବାସୁଦେବ ପଣ୍ଡାଙ୍କ ତତ୍ତ୍ୱାବଧାନ ରେ ଏହି ଦିବସ ପାଳନ କରାଯାଇ ଥିଲା । ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ପି ଏଲ ଭି, ପ୍ୟାନେଲ ଲୟାର ଏବଂ ଛାତ୍ରଛାତ୍ରୀ ମାନଙ୍କୁ ଏହି ଦିବସ ପାଳନ ର ମହତ୍ତ୍ୱ ବିଷୟରେ ଅବଗତ କରିବା ସହିତ ନାରୀ ମାନଙ୍କ ପାଇଁ ଥିବା ବିଭିନ୍ନ ଆଇନ , ଶ୍ରମିକ ଆଇନ, ଶିଶୁ ଅଧିକାର, ଭୃଣ ହତ୍ୟା, ନିରୋଧ ଆଇନ ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥିଲା । ନାଲସା ର ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ବିଷୟରେ ମଧ ଅବଗତ କରାଯାଇ ଥିଲା । ଏହି କାର୍ଯ୍ୟକ୍ରମ କୁ କରୋନା ମହାମାରୀ କଟକଣା ଯୋଗୁଁ ଗୁଗୁଲ ମିଟ୍ ଅନଲାଇନ ପ୍ଲାଟଫର୍ମରେ ଆୟୋଜିତ କରାଯାଇ ଥିଲା । ଏହି କାର୍ଯ୍ୟକ୍ରମକୁ ଅଅଇନ ସେବା ପ୍ରାଧିକରଣ ସଚିବ ମଳୟ କୁମାର ପ୍ରଧାନ ପରିଚାଳନା କରିଥିବା ବେଳେ ପ୍ରାଧିକରଣର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

## ଶିକ୍ଷା ସହାୟକ ପଦ୍ମନାଭ ମଲ୍ଲିକଙ୍କୁ ପେନସନ ପାଇଁ ହାଇକୋର୍ଟଙ୍କ ଆଦେଶ

ଭଦ୍ରକ, ୧୦/୧୧ (ହି.ସ.) - ଭଦ୍ରକ ଟାଉନ ଥାନା ଅନ୍ତର୍ଗତ ଜାନୁଜାଣି ଗ୍ରାମର ଶୁକନାଳିଆ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ଶିକ୍ଷାସହାୟକରୁ ପଦୋନ୍ନତି ପାଇ ସହକାରୀ ଶିକ୍ଷକ ଭାବେ ନିୟୋଜିତ ପଦ୍ମନାଭ ମଲ୍ଲିକଙ୍କୁ ପେନସନ ପ୍ରଦାନ ପାଇଁ ଓଡିଶା ହାଇକୋର୍ଟ ଆଦେଶ ଦେଇଛନ୍ତି । ଚଳିତ ବର୍ଷ ଦାୟର ହୋଇଥିବା ୨୯୫୪୨ ନଂ ରିଟ ପିଟିସନର ବିଚାର କରି ମାନ୍ୟବର ହାଇକୋର୍ଟ ଜି.ପି.ଏଫ. ସୁବିଧା ସହ ୧୯୯୨ ମସିହା ସଂଶୋଧନ ପୂର୍ବର ପେନସନ ପ୍ରଦାନ ପାଇଁ ଆଦେଶ ଦେଇଛନ୍ତି । ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବି ତୁଷାର ନାୟକ ମାମଲା ପରିଚାଳନା କରୁଥିଲେ ।

# ନବରଙ୍ଗପୁର ଜନଜାତି ସୁରକ୍ଷା ମଂଚ ପକ୍ଷରୁ ଦାବି ପତ୍ର ପ୍ରଦାନ : ଧର୍ମାନ୍ତରିତ ଲୋକଙ୍କୁ ଅନୁସୂଚୀତ ଜନଜାତି ମାନ୍ୟତା ନମିଳୁ

ନବରଙ୍ଗପୁର,୧୦।୧୧ (ନି.ପ୍ର): ନବରଙ୍ଗପୁର ଜନଜାତି ସୁରକ୍ଷା ମଂଚ ପକ୍ଷରୁ ପ୍ରଧାନମନ୍ତ୍ରୀ ଓ ରାଜ୍ୟପାଳଙ୍କର ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି । ଜିଲାପାଳଙ୍କର କାର୍ଯ୍ୟାଳୟରେ ସହକାରୀ ଜିଲାପାଳ ଅନାମିକା ପାଣ୍ଡେ ଦାବୀପତ୍ର ଗ୍ରହଣ କରିଛନ୍ତି । ଧର୍ମାନ୍ତରିତ ଜନଜାତିଙ୍କୁ ଅନୁସୂଚିତ ଜନଜାତି ତାଲିକାରୁ ବାଦ ଦେଇ ତାଙ୍କୁ ଦିଆଯାଇଥିବା ସଂରକ୍ଷଣ ରଦ୍ଦ କରାଯିବାକୁ ଦାବୀରେ ଜଣାଇଛନ୍ତି । ୧୯୭୦ ମସିହାରେ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ କାର୍ତିକ ଓରାମଙ୍କ ଦ୍ୱାରା ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧିଙ୍କୁ ସ୍ମାରକପତ୍ର ଦିଆଯାଇଥିଲା । ୨୩୫ ଲୋକସଭା ସଦସ୍ୟଙ୍କ ହସ୍ତାକ୍ଷର କରାଯାଇଥିବା ସେହି ସ୍ମାରକପତ୍ର ସମ୍ବନ୍ଧରେ ସ୍ୱର୍ଗତ କାର୍ତିକ ଓରାମଙ୍କ ଜନ୍ମ ଦିନରେ ସରକାରଙ୍କୁ ପୁନଃସ୍ମରଣ କରାଇବା ଆବଶ୍ୟକ ହୋଇଛି । ଏହି ସ୍ମାରକପତ୍ର ୧୯୬୭ର ଅନୁସୂଚିତ ଜାତି ଓ ଜନଜାତି ଆଦେଶ (ସଂଶୋଧନ) ବିଧେୟକ ସଂଯୁକ୍ତ ସଂସଦୀୟ ସମିତିର ସୁପାରିସ ଅନୁସାରେ ପ୍ରସ୍ତୁତ କରାଯାଇଥିଲା । କୌଣସି ବ୍ୟକ୍ତି ଯିଏ ଜନଜାତି ମତ ତଥା ବିଶ୍ୱାସକୁ ପରିତ୍ୟାଗ କରି ଦେଇଛନ୍ତି । ଖ୍ରୀଷ୍ଟିୟାନ ବା ମୁସଲମାନ ଧର୍ମ ଗ୍ରହଣ କରିନେଇଛନ୍ତି । ସେମାନଙ୍କୁ ଅନୁସୂଚିତ ଜନଜାତିର ସଦସ୍ୟ ଭାବେ ଗ୍ରହଣ କରାନଯାଉ । କୌଣସି ବ୍ୟକ୍ତି ଶିଖ କିମ୍ବା ହିନ୍ଦୁ ଧର୍ମକୁ ଛାଡି ଅନ୍ୟ କୌଣସି ଧର୍ମ ଗ୍ରହଣ କରନ୍ତି ତାହା ହେଲେ ସେ ଅନୁସୂଚିତ ଜାତିର ନୁହନ୍ତି । ବାସ୍ତବରେ ଜନଜାତି ସହ ହୋଇଥିବା ଏହି ଅନ୍ୟାୟ ବିରୋଧରେ ଜନଜାତି ସୁରକ୍ଷା ମଂଚ ବର୍ଷ ବର୍ଷ ଧରି ସଂଘର୍ଷ କରି ଆସୁଛି । ଏପର୍ଯ୍ୟନ୍ତ ସରକାରୀ ବହୁତ ସୁବିଧା ଧର୍ମାନ୍ତରିତ ଲୋକଙ୍କର ଦ୍ୱାରା ଉପଭୋଗ କରାଯାଉଛି । ତେବେ ଏହି ସ୍ମାରକପତ୍ରକୁ ବହୁ ବିଳମ୍ବ ହୋଇଥିଲେ ମଧ କାର୍ଯ୍ୟକାରୀ କରିବାକୁ ଦାବୀ କରାଯାଇଛି । ଦୀର୍ଘ ପାଂଚ ଦଶନ୍ଧି ଧରି ରହିଥିବା ଏହି ସମସ୍ୟାର ସମାଧାନ ପାଇଁ ପ୍ରାଥମିକତା ଆଧାରରେ ଅନୁସୂଚିତ ଜନଜାତି ସହ ହୋଇଥିବା ଏହି ଅନ୍ୟାୟକୁ ସବୁଦିନ ପାଇଁ ସମାପ୍ତ କଲେ ଧର୍ମପରିବର୍ତିତ ଲୋକଙ୍କୁ ଅନୁସୂଚିତ ଜନଜାତି ତାଲିକାରୁ ଅଲଗା କରିବା କରିବା ପାଇଁ ଶିଘ୍ର ଆବଶ୍ୟକ ସଂଶୋଧନ କରନ୍ତୁ । ଯାହା ଦ୍ୱାରା ବାସ୍ତବିକ ଜନଜାତିଙ୍କ ଜୀବନରେ ୭୩ ବର୍ଷର ଘଟିଥିବା ଅନ୍ଧକାର ଦୂର ହୋଇପାରିବ ବୋଲି ଜଣାଇଛନ୍ତି । ଦାବୀପତ୍ର ପ୍ରଦାନ ସମୟରେ ଜନଜାତି ସୁରକ୍ଷା ମଂଚର ସଭାପତି ଗୋପିନାଥ ମାଝୀ, ସାଧାରଣ ସମ୍ପାଦକ ରତନ ମାଝୀ, ବିଜେପି ନେତା ଗୌରୀ ଶଙ୍କର ମାଝୀ, ଝରିଗାଁ ଜନଜାତି ମଂଚ ସଭାପତି ଘନ ମାଝୀ, ପ୍ରଫୁଲ ଜାନୀ, ରୁନା ମାଝୀ, ମହେଶ୍ୱର ମାଝୀ, ଚନ୍ଦନ ଭତରା, ଫିଂଟୁ ସମରଥ ସମେତ ଜନଜାତି ସୁରକ୍ଷା ମଂଚର ସଦସ୍ୟମାନେ ଯୋଗ ଦେଇଥିଲେ ।

# ଦାଦନ ଶ୍ରମିକ ନିଖୋଜ, ଥାନାଧିକାରୀଙ୍କୁ ଦାବୀପତ୍ର ପ୍ରଦାନ

ନୂଆପଡା,୧୦।୧୧ (ନି.ପ୍ର): ନୂଆପଡା ଜିଲ୍ଲା ବୋଡେନ ବ୍ଲକ ଆମଗୁଡା ଗ୍ରାମର ଦାଦନ ଶ୍ରମିକ କିଶୋର ବନଛୋର ନିଖୋଜ ଘଟଣାକୁ ନେଇ ପରିବାର ଲୋକେ ଗତ ଦିନରେ ବୋଡେନ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ହେଲେ ନିଖୋଜ ହେବାର ୧ ବର୍ଷରୁ ଅଧିକ ହୋଇ ଯାଇଥିଲେ ମଧ୍ୟ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କିମ୍ବା ନିଖୋଜ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରି ପାରିନାହିଁ । ଏନେଇ ଜିଲ୍ଲା ଦଳିତ ଅଧିକାର ମଂଚ ଓ ପୀଡିତ ପରିବାର ମିଶି ବୋଡେନ ଥାନାଧିକାରୀଙ୍କୁ ଦାବୀପତ୍ର ଦେଇ ଉଦ୍ଧାର କରିବାକୁ ଦାବୀ ଜଣାଇଥିଲେ । ଦାବୀରେ ପୀଡିତ ପରିବାରଙ୍କୁ ଗୋଟିଏ ସପ୍ତାହ ମଧ୍ୟରେ ନ୍ୟାୟ ପ୍ରଦାନ ନକଲେ ଦଳିତ ଅଧିକାର ମଂଚ ଏବଂ ପୀଡିତ ପରିବାର ନୂଆପଡା ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି । ଏହି ଦାବୀପତ୍ର ପ୍ରଦାନ ବେଳେ ଜିଲ୍ଲା ଦଳିତ ଅଧିକାର ମଂଚର ସଭାପତି କମଳ ଚରଣ ତାଣ୍ଡିଙ୍କ ସମେତ ବେଣୁଧର ଜଗତ, ପଦ୍ମନାଭ ବେହେରା, ପୁରୁଷୋତମ ଜଗତ, ରିଖିରାମ ଦଳ, ଗଙ୍ଗାରାମ ନାଗ, ଜ୍ୟୋସ୍ନାମୟୀ ମାଝୀ, ଭୂଜବଳ ଜଗତ, ସାଧୁ ନିଆଲ, ଲିଙ୍ଗରାଜ ଜାଲ, ଗଣେଷ ବାଗ, ସଞ୍ଜୟ ଜାଲ, ମାୟାଧର ସୁନାନୀ, ଜିତେନ ଜଗତ, ତପେଶ୍ୱର ଜଗତ ପ୍ରମୁଖ ସାମିଲ ଥିଲେ ।

# ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଦାବିରେ ବିକ୍ଷୋଭ ପ୍ରଦର୍ଶନ

ପୁରୀ,୧୦।୧୧ (ନି.ପ୍ର): ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଦାବିରେ ସେସୁ ମିଟର ରିଡ଼ିଙ୍ଗ୍ ଓ ବିଲ୍ କଲେକ୍ସନ ସଂଘ ପକ୍ଷରୁ ଆଜି ସେସୁ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସଂଘର ଅଭିଯୋଗ ଅନୁଯାୟୀ ସେସୁ ବିକ୍ରି ପରେ ଟିପିସିଓଡ଼ିଏଲ୍ ଦାୟିତ୍ୱ ନେବାପରେ ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଓ ସେମାନଙ୍କ ସମସ୍ୟା ସମାଧାନ କରାଯିବ ବୋଲି ଜିଲ୍ଲା ଶ୍ରମ ଅଧିକାରୀଙ୍କ ନିକଟରେ ଲିଖିତ ପ୍ରତିସୃତି ଦେଇଥିଲେ । କିନ୍ତୁ, ଆଜି ପର୍ଯ୍ୟନ୍ତ ୧୯ ଜଣ ଛଟେଇ କର୍ମଚାରୀଙ୍କୁ ଏପର୍ଯ୍ୟନ୍ତ ପୁନଃ ନିଯୁକ୍ତି ଦିଆଯାଇ ନାହିଁ । ଏପରିକି ବିଦ୍ୟୁତ୍ ବିଲ୍ ବଣ୍ଟନ ଓ ଆଦାୟ କରୁଥିବା କର୍ମଚାରୀଙ୍କୁ ଓଡ଼ିଶା ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ମଜୁରୀ ଦିଅରଯାଉ ନାହିଁ କି ଫନି ଟଙ୍କା ମଧ ଏପର୍ଯ୍ୟନ୍ତ ମିଳିନାହିଁ । ତେଣୁ ଏହାର ପ୍ରତିବାଦରେ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଦାବି ପୂରଣ ନହେଲେ ଆସନ୍ତା କାଲି ସେସୁ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମହୁତୀ ଦେବେ ବୋଲି ସଂଘ ସାଧାରଣ ସଂପାଦକ ଚେତାବନି ଦେଇଛନ୍ତି ।

## ଅବକାରୀ ବିଭାଗ ଜାଲରେ ଦୁଇ ଆନ୍ତରାଜ୍ୟ ଗଞ୍ଜେଇ ବ୍ୟବସାୟୀ

ବାରିପଦା,୧୦।୧୧ (ନି.ପ୍ର): ମୟୂରଭଞ୍ଜ ଅବକାରୀ ବିଭାଗ ଜାଲରେ ଦୁଇ ଆନ୍ତରାଜ୍ୟ ଗଞ୍ଜେଇ ବ୍ୟବସାୟୀ ଧରାପଡ଼ିଲେ । ବିଶୋଇ ଥାନା ଅନ୍ତର୍ଗତ ଦେଓପତା ଛକରେ ବାଇକ ଓ ୧୫କି ୫୦୦ଗ୍ରାମ ଚୋରା ଗଞ୍ଜେଇ ସହିତ ଏହି ଦୁଇ ଅଭିଯୁକ୍ତଙ୍କୁ ଅବକାରୀ ବିଭାଗ କର୍ମଚାରୀମାନେ ଧରିବାରେ ସଫଳ ହୋଇଛନ୍ତି । ଜିଲ୍ଲା ଅବକାରୀ ବିଭାଗ ସୁପରିଟେଣ୍ଡେଣ୍ଟ ପୁରୁଷୋତମ ଧାରୁଆ ଓ ଡ଼େପୁଟୀ ସୁପରିଟେଣ୍ଡେଂଟ ଡ଼ି. କେ ଟଣ୍ଡଲଙ୍କ ନିର୍ଦ୍ଦେଶ କ୍ରମେ ରାଇରଙ୍ଗପୁର ଅବକାରୀ ବିଭାଗ ଓଆଇସି ହରିହର ସିଂଙ୍କ ନେତୃତ୍ୱରେ ଦେଓପତା ଛକ ନିକଟରେ ଚୋରା ଗଞ୍ଜେଇ ବ୍ୟବସାୟୀଙ୍କୁ ଧରିବା ନିମନ୍ତେ ଜାଲ ବିଛା ଯାଇଥିବା ବେଳେ ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟ ରାଜନଗର ଅଂଚଳର ଶିବ ଶଙ୍କର ପାଲ ଓ ମୟୂରଭଞ୍ଜ ଜିଲ୍ଲା ତିରିଂ ଥାନା ଡ଼ଲାଯୋଡ଼ି ଗ୍ରାମର ଅମର ସାହୁ ଓଡ଼ି ୧୧ ଏ ୨୮୬୬ ନମ୍ବର ବିଶିଷ୍ଟ ଗ୍ଲେମର ବାଇକରେ ଚୋରା ଗଞ୍ଜେଇ ଧରି ଦୃତ ଗତିରେ ଆସୁଥିବା ବେଳେ ଅବକାରୀ ବିଭାଗର କର୍ମଚାରୀମାନଙ୍କୁ ଦେଖି ଖସି ପଳାଇ ଯିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ । ଏହାପରେ ଅବକାରୀ ବିଭାଗ କର୍ମଚାରୀମାନେ ଗାଡ଼ିକୁ ଅଟକାଇ ତଲାସୀ ନେଇଥିଲେ ଏବଂ ସେଥିରେ ଥିବା ଚୋରା ୧୫.୫ କିଲୋଗ୍ରାମ ଗଞ୍ଜେଇକୁ ଜବତ କରିବା ସହ ଅଭିଯୁକ୍ତ ଗିରଫ କରି କୋର୍ଟ ଚାଲାଣ କରିଥିଲେ ।

# ବୈରାଗୀ ମଠ ମେନ୍ କେନାଲ ଉପରେ ଥିବା ପୋଲର ସୁରକ୍ଷା ନେଇ ଦାବୀ

ଜୟପୁର,୧୦।୧୧ (ନି.ପ୍ର): ଜୟପୁର ବ୍ଲକ ରଣ୍ଡାପାଲ୍ଲି ପଚାଂୟତ ପାଲାପୁଟ ଗ୍ରାମ ନିକଟସ୍ଥ ବୈରାଗିମଠ ମେନ କେନାଲ ଉପରେ ଥିବା ପୋଲର ସୁରକ୍ଷା ନେଇ ଦାବୀ କରାଯାଇଛି । ଏନେଇ ସମାଜସେବୀ ବି. ହରିରାଓଙ୍କ ନେତୃତ୍ୱରେ ଗ୍ରାମବାସୀ ମାନେ ଉପ ଜିଲାପାଳ ହେମକାନ୍ତ ସାୟଙ୍କୁ ଦାବୀ ପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବୀ ପତ୍ର ରେ ଉଲ୍ଲେଖ କରାଯାଇଛି ଯେ, ମେନ୍ କେନାଲ ଉପରେ ଥିବା ପୋଲ ବହୁତ ବର୍ଷ ତଳୁ ନିର୍ମାଣ ହୋଇଥିବା ବେଳେ ଏହି ପୋଲ ଧିରେ ଧିରେ ଦୁର୍ବଳ ହୋଇ ଗଲାଣି । ବୈରାଗି ମଠ ଗ୍ରାମବାସୀଙ୍କ ଯିବା ଆସିବା ସହ ଛୋଟ ଯାନ ବାହାନ ଏହି ପୋଲ ଉପରେ ଯିବା ଆସିବା କରୁଛି । ଗତ କିଛି ମାସ ରେଳ ବିଭାଗ ତାହାର ନିର୍ମାଣ କାର୍ଯ୍ୟ ନିମନ୍ତେ ଏହି ରାସ୍ତା ଓ ପୋଲ ଦେଇ ଭାରି ଯାନ ତଥା ୧୨ ଚକିଆ, ୧୦ ଚକିଆ ଟିପ୍ପର ଯିବା ଆସିବା କରୁଛି । ଯାହା ଗ୍ରାମବାସୀଙ୍କୁ ଅସୁବିଧାରେ ପକାଉଛି । ଭାରିଯାନ ବ୍ୟତିତ ଛୋଟ ଯାନ ଏବଂ ଟ୍ରାକ୍ଟର ଚଳ ପ୍ରଚଳ ହେଲେ କିଛି ଅସୁବିଧା ହେବ ନାହିଁ । ୩୦ରୁ ୩୫ ବର୍ଷ ତଳୁ ନିର୍ମାଣ ହୋଇଥିବା ଏହି ପୋଲର ସୁରକ୍ଷା ନିତାନ୍ତ ଆବଶ୍ୟକ ବୋଲି ଦାବୀ କରାଯାଇଛି । ଏହା ସହ ମେନ୍ କେନାଲ ପୋଲର ସୁରକ୍ଷା ନିମନ୍ତେ ରେଳ ବିଭାଗକୁ ଭାରିଯାନ ବଦଳରେ ଛୋଟ ଯାନ ନେବା ପାଇଁ ପରାମର୍ଶ ଦେବାକୁ ଦାବୀ କରାଯାଇଛି । ଏନେଇ ଉପ ଜିଲାପାଳ ଦାବୀ ପତ୍ର ଗ୍ରହଣ କରିବା ସହ ଏକ ବୈଷୟିକ ଟିମ୍ ପୋଲର ସୁରକ୍ଷା ଉପରେ ତର୍ଜମା କରିବା ପରେ ଉଚିତ୍ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି

# ରେଳବାଇ ଡିଆରଏମ କାର୍ଯ୍ୟାଳୟ କେବେ ଆରମ୍ଭ ହେବ, ବସ୍ତି ବାସିନ୍ଦାଙ୍କୁ କେବେ ଥଇଥାନ କରାଯିବ ?




ରାୟଗଡ଼ା ,୧୦।୧୧ (ନି.ପ୍ର): କେନ୍ଦ୍ର ସରକାରଙ୍କ ପକ୍ଷରୁ ରାୟଗଡ଼ାରେ ନୂତନ ଡିଆରଏମ କାର୍ଯ୍ୟାଳୟ ସ୍ଥାପନ ପାଇଁ ୧୬ମାସ ପୂର୍ବରୁ ରେଳ ମନ୍ତ୍ରାଳୟ ପକ୍ଷରୁ ଘୋଷଣା ହୋଇଛି କିନ୍ତୁ ଆଜିସୁଦ୍ଧା ଏହାର କାର୍ଯ୍ୟକାରୀ ହୋଇପାରୁ ନାହିଁ। ତେଣୁ କେନ୍ଦ୍ରୀୟ ବଜେଟରେ ଡିଭିଜନ କାର୍ଯ୍ୟକାରୀ ସକାଶେ ମୋଟ ୧୭୦କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବାବେଳେ ଚଳିତ ବର୍ଷ ୩କୋଟି ଟଙ୍କା ଅନୁଦାନ ହୋଇଛି। କିନ୍ତୁ କାର୍ଯ୍ୟାଳୟ କାମ ଆଗେଇ ପାରୁନଥିବାରୁ ଏବେ ବିଭିନ୍ନ ମହଲରେ ଆଶଙ୍କା ପ୍ରକାଶ ପାଇଛି। ରାୟଗଡ଼ାରେ ୨୦୧୯ ସେପ୍ଟେମ୍ବରରେ ଡିଆରଏମ କାର୍ଯ୍ୟାଳୟ ପାଇଁ ଜାଗା ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସ୍ଥାନ ପରିଦର୍ଶନ ନିମନ୍ତେ ବରିଷ୍ଠ ରେଳବାଇ ଅଧିକାରୀମାନେ ତୁହାକୁ ତୁହା ରାୟଗଡ଼ା ଗସ୍ତରେ ଆସି ଜାଗା ଚିହ୍ନଟ ଓ ଷ୍ଟେସନ ଉନ୍ନତିକରଣ ପ୍ରକ୍ରିୟା ଅନୁଧାନ କରିଥିଲେ। ରେଳ ଭିତ୍ତିଭୂମି ସମ୍ବନ୍ଧୀୟ କାର୍ଯ୍ୟ ତଦାରଖ କରିବା ପାଇଁ ପୂର୍ବତଟ ରେଳବାଇ ଜିଏମ ବିଦ୍ୟା ଭୂଷଣ ଓ ୱାଲ୍ଟିୟର ଡିଭିଜନ ଡିଆରଏମ ଅଧିକାରୀ ଚେତନ ଶ୍ରୀବାସ୍ତବ ରାୟଗଡ଼ା ଗସ୍ତରେ ଆସି ସମୀକ୍ଷା କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ୨୦୨୦ମାର୍ଚ୍ଚ ସୁଦ୍ଧା ଜାଗା ଚିହ୍ନଟ ତଥା ଡିଆରଏମ କାର୍ଯ୍ୟାଳୟ ନିର୍ମାଣ କାମ ଆରମ୍ଭ ହୋଇଯିବା ନେଇ ରେଳବାଇ ଅଧିକାରୀ ସ୍ପଷ୍ଟ କରିଥିଲେ। ତେବେ ଇତିମଧ୍ୟରେ ୮ମାସ ବିତିଯାଇଥିବାବେଳେ ଆଜିସୁଦ୍ଧା ଆଗେଇ ପାରୁନି ଡିଆରଏମ ନିର୍ମାଣ କାମ। ଅପରପକ୍ଷେ ମହାମାରୀ ସଂକ୍ରମଣ ଯୋଗୁଁ ସାରା ଦେଶରେ ଲକଡାଉନ ଓ ସଟଡାଉନ ଭଳି କଟକଣା ଲାଗୁ ହୋଇଥିବାବେଳେ ବର୍ତ୍ତମାନ ପରିପ୍ରେକ୍ଷୀରେ କଟକଣା କୋହଳ ହୋଇଥିବାରୁ ରେଳ ମନ୍ତ୍ରାଳୟ ତୁରନ୍ତ ଘୋଷଣାକୁ କାର୍ଯ୍ୟକାରୀ କରି ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଏଂ ରାୟଗଡ଼ା ଡିଭିଜନ ପାଇଁ ରେଳବିଭାଗ ତରଫରୁ ଚିହ୍ନଟ ହୋଇଥିବା ଜାଗାରେ ବହୁ ଗୋଡିଏ ବସ୍ତି ରହିଛି ତେଣୁ ବର୍ତ୍ତମାନ ବସ୍ତି ବାସିନ୍ଦାଙ୍କ ଚିନ୍ତା ବଢ଼ି ଯାଇଛି। କାରଣ ରେଳ ବିଭାଗ ପକ୍ଷରୁ ଦୁଇମାସ ହେଲା ନୋଟିସ ଦିଆଯାଇଛି ଅନ୍ୟପକ୍ଷରେ ବସ୍ତି ବାସିନ୍ଦା ମଧ୍ୟ ସରକାରଙ୍କୁ ଥଇଥାନ ପାଇଁ ନିବେଦନ କରିଛନ୍ତି। ସମସ୍ତ ବସ୍ତି ବାସିନ୍ଦା କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଉଲ୍ଲକା ଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ସାଂସଦ ଶ୍ରୀ ଉଲ୍ଲକା ମଧ୍ୟ ଏହାକୁ ଗୁରୁତ୍ୱ ଦେଇ କହିଛନ୍ତି ଯେ ସରକାର ଏହା ପ୍ରତି ଦୃଷ୍ଟି ଦେବା ଆବଶ୍ୟକ ବୋଲି ମତ ପ୍ରକାଶ କରିଛନ୍ତି । ରାଜ୍ୟର ଦକ୍ଷିଣାଞ୍ଚଳ ଜିଲ୍ଲା ଭାବେ ପରିଚୟ ଲଭିଥିବା ରାୟଗଡ଼ା ଜିଲ୍ଲାରେ ପ୍ରଚୁର ପ୍ରକୃତିକ ସମ୍ପଦ ଭରି ରହିଛି। ଶିଳ୍ପ ସମୃଦ୍ଧ ଜିଲ୍ଲାରେ ଜାତୀୟ ସ୍ତରୀୟ ଶିଳ୍ପ ପ୍ରତିଷ୍ଠାନ ଗଢି ଉଠିଥିବାବେଳେ ରେଳ ଯୋଗାଯୋଗ ଦୃଷ୍ଟି କୋଣରୁ ରାୟଗଡ଼ା ଆଜି ମଧ୍ୟ ପଛରେ ରହିଛି। ତେବେ ମହାମାରୀ କଟକଣା ଯୋଗୁ ରେଳ ଡିଭିଜନ କାର୍ଯ୍ୟକ୍ଷମ କାମ ବନ୍ଦ କରାଯାଇଥିବା ଶନିବାର ରାୟଗଡ଼ାରେ ଆୟୋଜିତ ଜିଲ୍ଲାସ୍ତରୀୟ କେନ୍ଦ୍ରୀୟ ଅନୁଦାନ ଯୋଜନା ସମୀକ୍ଷା ବୈଠକରେ ରାୟଗଡ଼ା ରେଳ ଷ୍ଟେସନ ପରିଚାଳକ ସୂଚନା ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ତିର୍ତ୍ତୋଲ ଓ ବାଲେଶ୍ୱରରେ...

ନେତା ବିଷ୍ଣୁ ଦାସଙ୍କ ମୃତ୍ୟୁ ପରେ ତାଙ୍କ ପୁଅ ବିଜୟ ଶଙ୍କର ଦାସଙ୍କୁ ପ୍ରାର୍ଥୀ ହୋଇଥିଲେ। ବିଜୟଙ୍କ ବିରୁଦ୍ଧରେ ବିଜେପି ରାଜ କିଶୋର ବେହେରାଙ୍କୁ ପ୍ରତିଦ୍ୱନ୍ଦିତା କରାଇଥିଲା। ବିଜେଡି ପ୍ରାର୍ଥୀ ବିଜୟ ଶଙ୍କର ଦାସଙ୍କଠାରୁ ବହୁ ଦୂରରେ ରହିଛନ୍ତି, କଂଗ୍ରେସ ଓ ବିଜେପି ପ୍ରାର୍ଥୀ। ଭୋଟ୍ ବ୍ୟବଧାନରେ ବିଜେଡି ପ୍ରାର୍ଥୀ, ହିମାଂଶୁ ମଲ୍ଲିକ ଓ ରାଜ କିଶୋର ବେହେରାଙ୍କୁ ବେଶ ପଛରେ ପକାଇ ଦେଇଛନ୍ତି । ଗଣତି ଆରମ୍ଭରୁ ହିଁ ବିଜେଡି ଆଗରେ ହିଁ ରହିଥିଲା। ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଥିବା ବିଷ୍ଣୁ ଦାସ, ବିଜେପି ପ୍ରାର୍ଥୀ ରମାକାନ୍ତ ଭୋଇଙ୍କୁ ୪୦ ହଜାରରୁ ଅଧିକ ଭୋଟରେ ପରାସ୍ତ କରିଥିଲେ। ବାଲେଶ୍ୱର ଓ ତିର୍ତ୍ତୋଲ ଉପନିର୍ବାଚନ ପାଇଁ ଗତ ନଭେମ୍ବର ୩ ତାରିଖରେ ଭୋଟ୍ ଗ୍ରହଣ ହୋଇଥିଲା। ଉଭୟ ଆସନର ମୋଟ୍ ୧୫ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ହୋଇଥିଲା। ବାଲେଶ୍ୱରରେ ୭୦.୬୯% ଏବଂ ତିର୍ତ୍ତୋଲରେ ୬୯.୬୬% ମତଦାନ ହୋଇଥିଲା। ପୂର୍ବ ସାଧାରଣ ନିର୍ବାଚନ ଅପେକ୍ଷା ଭୋଟଦାନ ହାର ସାମାନ୍ୟ କମିଛି। ଗତ ସାଧାରଣ ନିର୍ବାଚନରେ ବାଲେଶ୍ୱରରେ ୭୧.୨୯ %, ତିର୍ତ୍ତୋଲରେ ୭୪.୦୯% ମତଦାନ ହୋଇଥିଲା। ଚଳିତ ଥର କୋଭିଡ୍ ସଂକ୍ରମଣଙ୍କୁ ଦୃଷ୍ଟିରେ ରଖି ୮୦ ବର୍ଷରୁ ଉର୍ଦ୍ଧ୍ୱ , ଭିନ୍ନକ୍ଷମ ଏବଂ କରୋନା ସନ୍ଦିଗ୍ଧଙ୍କ ପାଇଁ ପୋଷ୍ଟାଲ ବାଲାଟ୍ ବ୍ୟବସ୍ଥା କରାଯାଇଥିଲା। ତିର୍ତ୍ତୋଲରେ ୩୧୯୩ ପୋଷ୍ଟାଲ ବାଲାଟ ଓ ବାଲେଶ୍ୱରରେ ୧୬୩୧ ପୋଷ୍ଟାଲ ବାଲାଟ ପଡ଼ିଥିଲା। ବାଲେଶ୍ୱର ସଦରର ବିଜେପି ବିଧାୟକ ମଦନ ମୋହନ ଦତ ଏବଂ ତିର୍ତ୍ତୋଲର ବିଜେଡି ବିଧାୟକ ବିଷ୍ଣୁ ଦାସଙ୍କ ମୃତ୍ୟୁ ପରେ ଉଭୟ ଆସନରେ ଉପ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସମ୍ପୃକ୍ତ ଦିବଂଗତ ନେତାଙ୍କ ପୁଅ ମାନେ ଉପନିର୍ବାଚନ ମଙ୍ଗ ଧରି ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ।

### ଶୀତ ଅଧିବେଶନ...

ପ୍ରଦୀପ୍ତ ମହାପାତ୍ର, ବିଏମସି କମିଶନର ପ୍ରେମ୍ ଚନ୍ଦ୍ର ଚୌଧୁରୀ , ସ୍ୱାସ୍ଥ୍ୟ ବିଭାଗ ଯୁଗ୍ମ ଶାସନ ସଚିବ ଶିବାନନ୍ଦ ମହାପାତ୍ର, ବିଧାନସଭା ସଚିବ ଦାଶରଥୀ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖ୍ୟଯୋଗ୍ୟ ଯେ ଚଳିତ ୨୦ ତାରିଖରୁ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ବିଧାନସଭାର ଶୀତକାଳୀନ ଅଧିବେଶନ ଚାଲିବ। ଏଥିରେ ମୋଟ ୪୦ଟି କାର୍ଯ୍ୟ ଦିବସ ରହିଛି। ଗତଥର ମଧ୍ୟ କରୋନା କଟକଣା ମଧ୍ୟରେ ସେପ୍ଟେମ୍ବର ୨୯ ତାରିଖରୁ ଅକ୍ଟୋବର ୬ ତାରିଖ ପର୍ଯ୍ୟନ୍ତ ବିଧାନସଭା ବସିଥିଲା।

### ରାଜ୍ୟରେ ଆଉ ୧୩ ଜଣଙ୍କର ...

କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ରୋଗରେ ପୀଡିତ ଥିଲେ। କେନ୍ଦୁଝର ଜିଲ୍ଲାର ଜଣେ ୬୦ ବର୍ଷୀୟ ମହିଳା କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ମୟୁରଭଂଜ ଜିଲ୍ଲାର ଜଣେ ୬୦ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି। ମୟୁରଭଂଜ ଜିଲ୍ଲାର ୭୦ ବର୍ଷୀୟ କରୋନା ଆକ୍ରାନ୍ତ ମହିଳାଙ୍କ ମୃତ୍ୟୁ ଘଟିଛି । ମୟୁରଭଂଜ ଜିଲ୍ଲାର ଜଣେ ୬୬ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି। ସମ୍ବଲପୁର ଜିଲ୍ଲାର ଜଣେ ୫୪ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସମ୍ବଲପୁର ଜିଲ୍ଲାର ଜଣେ ୬୫ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସମ୍ବଲପୁର ଜିଲ୍ଲାର ଜଣେ ୫୮ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି। ସୁନ୍ଦରଗଡ ଜିଲ୍ଲାର ୫୬ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସୁନ୍ଦରଗଡ ଜିଲ୍ଲାର ଜଣେ ୫୫ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି।

### ନଭେମ୍ବର ୨୬...

ନିର୍ମାଣ ଶ୍ରମିକଙ୍କ ବହୁବିଧ ସମସ୍ୟା, ଯଥା - ତୁରନ୍ତ କୋଭିଡ୍ ସହାୟତା ରାଶି ପ୍ରଦାନ, ଚିକିତ୍ସା ସହାୟତା ରାଶି ପ୍ରଦାନ, ବୋର୍ଡ଼ର ନିର୍ଦ୍ଦେଶମତେ ଟୁଲ୍, ନିରାପତା ଉପକରଣ, ଯନ୍ତ୍ରପାତି ଓ ସାଇକେଲ୍ ସହାୟତା ରାଶି ପ୍ରଦାନ, ନିୟମାନୁସାରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶିକ୍ଷା, ମୃତ୍ୟୁକାଳୀନ, ବିବାହ ଓ ପ୍ରସବକାଳୀନ ସହାୟତା ରାଶି ପ୍ରଦାନ ସହ ନିର୍ମାଣ ଶ୍ରମିକଙ୍କ ପଞ୍ଜିକରଣ କରିବା ସହ ଘରୋଇ ପ୍ରଯୁକ୍ତି ଶିକ୍ଷା ସହାୟତା ରାଶି ପ୍ରଦାନ, ଶ୍ରମିକ ପଞ୍ଜିକରଣ ତ୍ରୁଟି ସଂଶୋଧନ ପାଇଁ ଦାବି କରାଯାଇଥିଲା। ଆଗାମୀ ଜାନୁଆରୀ ମାସର ରାଜ୍ୟସ୍ତରୀୟ ଶ୍ରମିକ ସମାବେଶ ହେବା ସହ ଏହା ବିରୋଧରେ ବ୍ୟାପକ ଆନ୍ଦୋଳନ ନିମନ୍ତେ ଆହ୍ୱାନ ଦିଆଯାଇଥିଲା। ଏହି ବୈଠକରେ ଏଚ୍.ଏମ୍.ଏସ୍. ନେତା ବୀରେନ୍ଦ୍ର ପ୍ରତାପ ଦାସ, ସଂଯୁକ୍ତା ମହଲ, ମହାବୀର ମିଶ୍ର, ମନୋରଞ୍ଜନ ମହାରଣା, ଅମଜାଦ୍ ଅଲ୍ଲୀ, ସୁର ଜେନା ପ୍ରମୁଖ ବକ୍ତବ୍ୟ ଦେଇ ଆନ୍ଦୋଳନକୁ ବ୍ୟାପକ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ।

# ସଫେଇ କର୍ମଚାରୀଙ୍କ ତାଲିମ କାର୍ଯ୍ୟକ୍ରମ



ବାରିପଦା (ନି.ପ୍ର.) ତା ୧୦/୧୧ ସ୍ୱଚ୍ଛ ଭାରତ ମିଶନ ଆନୁକୂଲ୍ୟରେ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସ୍ୱଚ୍ଛ ସର୍ବେକ୍ଷଣ-୨୦୨୧ ପ୍ରତ୍ୟେକ ସହରରେ ହେବାକୁ ଯାଉଅଛି। ଏହାକୁ ଦୃଷ୍ଟିରେ ରଖି ଆଜି ବାରିପଦା ପୌରପରିଷଦର ସଫେଇ କର୍ମଚାରୀ, ସ୍ୱଚ୍ଛ ସାଥୀ ଓ ସଫେଇ ସୁପରଭାଇଜରଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ଏକ ତାଲିମ ଶିବିର ସ୍ଥାନୀୟ ପୌରପରିଷଦ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୌରପରିଷଦର ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ବାରିପଦା ଉପଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ସଫେଇ କର୍ମଚାରୀ ମାନଙ୍କୁ ସ୍ୱଚ୍ଛ ସର୍ବେକ୍ଷଣ-୨୦୨୧ର ବିଭିନ୍ନ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଅବଗତ କରାଇବା ସହ ସର୍ବେକ୍ଷଣରେ ବାରିପଦା ପୌରପରିଷଦକୁ ସମଗ୍ର ଭାରତରେ ଏକ ନମ୍ବର ସ୍ଥାନରେ ପହଂଚାଇବାର ସଂକଳ୍ପ ନେଇ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ । ଦୈନନ୍ଦିନ କିଭଳି ପ୍ରତ୍ୟେକ ୱାର୍ଡ଼ରେ ଘର ଘର ବୁଲି ପୃଥକ ପୃଥକ ଭାବେ ଶୁଖିଲା ଓ ଓଦା ଅଳିଆ (ବର୍ଜ୍ୟବସ୍ତୁ) ସଂଗ୍ରହ କରି ପୌରପାଳିକା ପକ୍ଷରୁ ନିର୍ମିତ ହୋଇଥିବା ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପରେ ଜମା କରିବେ ସେ ସମ୍ପର୍କରେ ସ୍ୱଚ୍ଛସାଥୀ , ସୁପରଭାଇଜର ଓ ସଫେଇ କର୍ମଚାରୀମାନଙ୍କୁ ଅବଗତ କରାଇଥିଲା । ଶେଷରେ ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ଶ୍ରୀମତୀ ରେଡ୍ଡୀ ତାଲିମ ଶିବିରରେ ଅଂଶ ଗ୍ରହଣ କରିଥିବା ସମସ୍ତ ସ୍ୱଚ୍ଛସାଥୀ , ସୁପରଭାଇଜର ଓ ସଫେଇ କର୍ମଚାରୀ ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ପୌରପାଳିକାର କର୍ମଚାରୀ ଉଜ୍ଜଳ କୁମାର ବେହେରା, ପରିମଳ ସହାୟକ ସନ୍ତୋଷ କୁମାର ମହାନ୍ତି ପ୍ରମୁଖଙ୍କ ସମେତ ପରିମଳ ନିରୀକ୍ଷକ, ସାନିଟେସନ ଏକ୍ସପାର୍ଟ, ଗୋଷ୍ଠୀ ସାଙ୍ଗଠିକା ପ୍ରମୁଖ ଏହି ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

## ଚୋରା ବାଇକ୍ କିଣାବିକା କରୁଥିବାବେଳେ ବାପ ପୁଅଙ୍କ କାରନାମାର ପର୍ଦ୍ଦାଫାଶ

ପୁରୀ ,୧୦।୧୧ (ନି.ପ୍ର): ଗୋପ ଥାନା ପୋଲିସ ୪ଟି ଚୋରା ବାଇକ ଜବତ କରିବା ସହ ବାଇକ କିଣାବିକା କରୁଥବା ବାପ ପୁଅଙ୍କ କାରନାମାର ପର୍ଦ୍ଦାଫାଶ କରିଛି। ଗୋପ ପୋଲିସ ବେଗୁନିଆ ଛକରେ ଗାଡ଼ିଯାଞ୍ଚ କରୁଥିବା ସମୟରେ ଟେଙ୍ଗଇଲ ଗ୍ରାମର ନିରଞ୍ଜନ ମଲ୍ଲିକଙ୍କ ଗାଡ଼ିକୁ ଯାଞ୍ଚ କରିବା ସମୟରେ ତାହା ଚୋରା ଗାଡ଼ି ବୋଲି ଜଣା ପଡ଼ିଥିଲା। ତଦନ୍ତ କରିବା ପରେ ଏହି ଘଟଣାରେ ତାଙ୍କ ପୁଅ ଦୀପକ ଓ ସେହି ଗ୍ରାମର ସୁକାନ୍ତ କୁମାର ମଲ୍ଲିକ ସଂପୃକ୍ତ ଥିବା ଜଣା ପଡ଼ିଥିଲା। ସେମାନଙ୍କ ଠାରୁ ସୂଚନା ପାଇ ପୋଲିସ ବିଭିନ୍ନ ଅଞ୍ଚଳରେ ଚଢାଉକରି ୪ଗୋଟି ଚୋରା ବାଇକ ଜବତ କରିବା ସହ ନିରଞ୍ଜନ ଓ ସୁକାନ୍ତଙ୍କୁ ଗିରଫ କରିବା ବେଳେ ଦୀପକ ଫେରାର ଥିବା ଗୋପ ପୋଲିସ ସୂଚନା ଦେଇଛି।

# ମାଲକାନଗିରି ଜିଲ୍ଲା ଯୋଜନା କମିଟିର ସମୀକ୍ଷା ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,୧୦।୧୧ (ନି.ପ୍ର):ଇଲେକ୍ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତିବିଦ୍ୟା, କ୍ରୀଡା ଏବଂ ଯୁବସେବା ମନ୍ତ୍ରୀ ଶ୍ରୀ ତୁଷାରକାନ୍ତି ବେହେରାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଦିନ ମାଲକାନଗିରି ଜିଲ୍ଲା ଯୋଜନା କମିଟିର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ମନ୍ତ୍ରୀ ଶ୍ରୀ ବେହେରା ଓକାକ୍ ରେ ଉପସ୍ଥିତ ରହି ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ । ଜିଲ୍ଲାର କୋଭିଡ୍ ପରିଚାଳନା ସହ ଅନ୍ୟାନ୍ୟ ସ୍ୱାସ୍ଥ୍ୟସେବା ଯେପରି ସମସ୍ତଙ୍କ ନିକଟରେ ପହଂଚି ପାରିବ ସେଥିନେଇ ମନ୍ତ୍ରୀ ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଏଥି ସହିତ ମନ୍ତ୍ରୀ ଶ୍ରୀ ବେହେରା ଜିଲ୍ଲାର କୃଷି, ଖାଦ୍ୟଯୋଗାଣ, ଗ୍ରାମ୍ୟ ଉନ୍ନୟନ, ସଡ଼କ ନିର୍ମାଣ, କୋଠାବାଡ଼ି, ବିଜୁ କେବିକେ ଏବଂ ଜିଲ୍ଲାର ସାମଗ୍ରିକ ବିକାଶ ଓ ଉନ୍ନୟନ ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ । ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତ୍ୱରିତ ଢଙ୍ଗରେ ଆଗେଇ ଚାଲୁଥିବାରୁ ମନ୍ତ୍ରୀ ଶ୍ରୀ ବେହେରା ଜିଲ୍ଲାସ୍ତରୀୟ ଅଧିକାରୀମାନ ଙ୍କୁ ସାଧୁବାଦ ଜଣାଇଥିଲେ। ବୈଠକରେ ମାଲକାନଗିରି ଜିଲ୍ଲାପାଳ ମନିଷ ଅଗ୍ରୱାଲ ସ୍ୱାଗତ ଭାଷଣ ଦେଇଥିଲେ। ବୈଠକରେ ଜିଲ୍ଲାରେ ଅଧିକ ଡାକ୍ତର ନିଯୁକ୍ତି, ଆମ୍ବୁଲାନ୍ସ ସେବାର ସୁଦୃଢ଼ୀକରଣ, ଟେଲିଯୋଗାଯୋଗ ବ୍ୟବସ୍ଥାର ଅଧିକ ପ୍ରସାର ଦିଗରେ ଜିଲ୍ଲାପାଳ ଶ୍ରୀ ଅଗ୍ରୱାଲ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ଦେଢ଼ ବର୍ଷ ତଳୁ ଘର ଉପରେ ପଡିଛି ଗଛ, କାଟୁନାହାଁନ୍ତି ପଡୋଶୀ: ଜିଲ୍ଲାପାଳଙ୍କୁ ଅଭିଯୋଗ

କେନ୍ଦ୍ରାପଡ଼ା,୧୦।୧୧ (ନି.ପ୍ର): ଗତ ଫନିବାତ୍ୟା ସମୟରେ ୨୦୧୯ ମେ ୩ ତାରିଖରେ ହୋଇଥିବା ଫନୀ ବାତ୍ୟାରେ ପଡୋଶୀ ଘରର ଗଛ ପଡି ଅନ୍ୟଜଣଙ୍କ ଘର ଭାଙ୍ଗି ଦେଇଥିଲେ ମଧ୍ୟ ପଡୋଶୀ ଜଣକ ତାଙ୍କ ଗଛ କାଟୁନଥିବା ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ କରାଯାଇଛି। ଅଭିଯୋଗକାରୀ ପଟ୍ଟାମୁଣ୍ଡାଇ ଥାନା ଅଧିନ ବାଲିପାଟଣା ଗ୍ରାମର ଦାଶରଥି ମଲ୍ଲିକ ଏ ନେଇ ପଟ୍ଟାମୁଣ୍ଡାଇ ତହସିଲଦାର, ପଟ୍ଟାମୁଣ୍ଡାଇ ଥାନା ଓ କେନ୍ଦ୍ରାପଡା ସବକଲେକ୍ଟରଙ୍କୁ ଲିଖିତ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନଥିବାରୁ ମଙ୍ଗଳବାର ଜିଲ୍ଲାପାଳଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଦାଶରଥିଙ୍କ ଖାତା ନମ୍ବର- ୫୮୦/୩୮ ପ୍ଲଟ ନମ୍ବର- ୭୪୨/୩୨୨୬ ଡିସିମିଲ୍ ୨୦ ରେ ଥିବା ବାସଗୃହ କରିଥିଲେ। ଏହି ଆଜବେଷ୍ଟ ଘରେ ନିଜ ପରିବାର ନେଇ ରହୁଥିବାବେଳେ ଫନିବାତ୍ୟାରେ ଘର ଉପରେ ଗଛ ପଡିଥିଲା। ପଡିଶା ଘର ଗୋବିନ୍ଦ ସେଠୀଙ୍କ ଏହି ଆମ୍ବ ଗଛ ହୋଇଥିବାରୁ ତାଙ୍କୁ ବାରମ୍ବାର କହିଲେ ମଧ୍ୟ ସେ ଗଛ ନ କାଟିବାରୁ ଦାଶରଥି ଉପଜିଲ୍ଲାପାଳଙ୍କଠାରେ ଅଭିଯୋଗ କରିଥିଲେ। ଉପଜିଲ୍ଲାପାଳ ଏ ସମ୍ବନ୍ଧରେ ପଟ୍ଟାମୁଣ୍ଡାଇ ଥାନାକୁ ଚିଠି କରି ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ରିପୋର୍ଟ ମିଳିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଦାଶରଥି ଓ ତାଙ୍କ ପରିବାର ଲୋକମାନେ ମଙ୍ଗଳବାର ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିବା ଜଣାପଡିଛି।

GOVERMENT OF ODISHA
DEPARTMENT OF WATER RESOURCES
OFFICE OF THE EXECUTIVE ENGINEER,
SUBARNAREKHA IRRIGATION DIVISION NO.II DEULI
AT/PO-DEULI, DIST:- MAYURBHANJ, PIN:-757021 (ODISHA)
Bid identification No:- 01/20-21 of EE,SID2, DEULI

| | | |
|---|---|---|
| i | Name of the work | Engagement of One No of Data Entry Operator for S.I. Division No.II, Deuli through service provider for the period from Dt. 01.12.2020 to Dt. 31.10.2021 |
| ii | Estimated Cost | Rs. 1,38,501/- |
| iii | Period of issue of Tender Document | 11.11.2020 at 10 AM to 5 PM of 23.11.2020 |
| iv | Date and time for submission of Tender Document | 11.11.2020 at 11 AM to 3.30 PM of 23.11.2020 |
| v | Date and time for opening of Tender | 23.11.2020 up to 4.00PM |
| vi | Name & Address of the O.I.T | Office of the Executive Engineer, Subarnarekha Irrigation Division No.II, Deuli, At/Po-Deuli, Dist:- Mayurbhanj, Pin:-757021 (Odisha), Mail Id-ee.sid2.deuli@gmail.com |

Further details are available at the O.I.T

Executive Engineer,
S.I. Division No. II, Deuli

# ମାସିକ ଶିଶୁ କିଶୋର ସାହିତ୍ୟ ପତ୍ରିକା 'ଫୁଲର ହସ' ର ୧୯ତମ ବାର୍ଷିକ ଉତ୍ସବ ଓ 'ମୋ ସ୍ୱପ୍ନର ପରି' ଲୋକାର୍ପିତ




ଭଦ୍ରକ, ୧୦।୧୧ - ରାଜ୍ୟସ୍ତରୀୟ ମାସିକ ଶିଶୁ କିଶୋର ସାହିତ୍ୟ ପତ୍ରିକାର ୧୯ତମ ବାର୍ଷିକ ଉତ୍ସବରେ ଦଶହରା ବିଶେଷାଙ୍କରୁ ଉନ୍ମୋଚନ କରି ରାଜ୍ୟ ବିରୋଧୀ ଦଳର ଉପନେତା, ଧାମନଗର ବିଧାୟକ ତଥା 'ଘାସଫୁଲ' ର ସଂପାଦକ ବିଷ୍ଣୁ ସେଠୀ ସମାଜରେ ବହୁ ପତ୍ରପତ୍ରିକା ପ୍ରକାଶିତ ହୋଇ ପୁଣି କାଳର କରାଳ ଗର୍ଭରେ ଲୀନ ହୋଇଯାଉଥିବାବେଳେ ଆବାଲ୍ୟ ଶିବ ଉପାସକ ସାହିତ୍ୟ ସାଧକ ପଣ୍ଡିତ ଦୈତ୍ୟାରି ମହାପାତ୍ର ଦୀର୍ଘ ୧୯ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ପ୍ରକାଶ କରିଆସୁଥିବା ବାର୍ଷିକ ଶିଶୁ କିଶୋର ସାହିତ୍ୟ ପତ୍ରିକା 'ଫୁଲର ହସ' ଅତ୍ୟନ୍ତ ହୃଦୟସ୍ପର୍ଶୀ ଓ ଶିଶୁ ମନଲାଖି ହୋଇପାରିଛି। ଖାଲି ସେତିକି ନୁହେଁ କଥା କହି ତାକୁ କାର୍ଯ୍ୟକାରୀ କରିବା ହେଉଛି ସାହିତ୍ୟିକର ଧର୍ମ। ଏଣୁ କମିଟ୍‌ମେଣ୍ଟ ଓ ଟାର୍ଗେଟ୍ ଏହି ଦୁଇ ଶବ୍ଦକୁ ଜୀବନର ମୂଳ ମନ୍ତ୍ର ବୋଲି ଭାବିନେଲେ ଜୀବନ ଧନ୍ୟ ହୋଇଯିବ। ଏହା ତାହା ଆଜି ଦେଖିବାକୁ ମିଳିଛି ପଣ୍ଡିତଙ୍କ ନିକଟରେ। ଏହି ଅବସରରେ ଆଦର୍ଶ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ପଣ୍ଡାଙ୍କ ରଚିତ 'ମୋ ସ୍ୱପ୍ନର ପରି' ପୁସ୍ତକକୁ ଲୋକାର୍ପିତ କରି ଶ୍ରୀ ସେଠୀ ଏହା ଓଡ଼ିଆ ଭାଷା ସାହିତ୍ୟ ସମ୍ଭାରକୁ ଅନ୍ୟ ଏକ ଅଂକୁରୋଦମ। ଏଥିରେ ଥିବା ସମସ୍ତ କବିତା ଅତ୍ୟନ୍ତ ଭାବଦ୍ୱିପକ। ଫୁଲର ହସର ପ୍ରତିଷ୍ଠାତା ସଂପାଦକ ପଣ୍ଡିତ ମହାପାତ୍ରଙ୍କ ସଭାପତିତ୍ୱରେ ଏହି ସଭାରେ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ରାମଚନ୍ଦ୍ର ପଣ୍ଡା ମୁଖ୍ୟବକ୍ତା, ଇଂ ଅଭୟ ସୂତାର ବିଶିଷ୍ଟ ଅତିଥି, ଗୀତାରାଣୀ ଆଇଚ, ଅଧ୍ୟାପକ ନିହାର ରଂଜନ କର, ଗଗନ ବିହାରୀ ରାଉତ, ସନାତନ ସାହୁ, ରାମଚନ୍ଦ୍ର ସାହୁ, ରଶ୍ମିତା ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଫୁଲର ହସ କେବଳ ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ, ଏଥିରେ ବହୁ ନୀତିଶିକ୍ଷା ମୂଳକ କବିତା, ଗଳ୍ପ ଆଦି ରହୁଛି। ଯାହା ସର୍ବ ଜନାଦୃତ ହୋଇପାରିଛି ବୋଲି ମନ୍ତବ୍ୟ ଦେଇଥିଲେ। ଏଥିସହିତ 'ମୋ ସ୍ୱପ୍ନର ପରି' ପୁସ୍ତକ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଫୁଲର ହସ ପରିବାର ତରଫରୁ ବିଶିଷ୍ଟ ଶିକ୍ଷାବିତ୍ ରାମଚନ୍ଦ୍ର ସାହୁଙ୍କୁ 'ଫୁଲର ହସ' ଓ ସ୍ମୃତିଶ୍ରୀୟା ମହାନ୍ତିଙ୍କୁ 'ଫୁଲର ହସ ପରି' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଫୁଲର ହସରେ ପ୍ରକାଶ ପାଇଥିବା ଲେଖକ-ଲେଖିକାମାନଙ୍କ ଲେଖାକୁ ଗୁରୁତ୍ୱ ଦେଇ ବିଜୟଲକ୍ଷ୍ମୀ ପଣ୍ଡା, ଡ. ହରମୋହନ କୁଅଁର, ସଂଯୁକ୍ତା ମହାନ୍ତି, ଜାନକୀ ପାଢ଼ୀ, ସୁରେନ୍ଦ୍ର ପ୍ରସାଦ ମହାନ୍ତି, ବସନ୍ତ କୁମାର ପାତ୍ର, ଦୟାନିଧି ବେହେରା, ଡାକ୍ତର କିରଣ ଚନ୍ଦ୍ର ଗୁଇଁ, ଡ. ମମତା ସାହୁ, ଲାସ୍ୟମୟୀ ବିଶ୍ୱାଳ, ଗୌରାଙ୍ଗ ଚନ୍ଦ୍ର ବାରିକ, ସୁକନ୍ୟା ପରିଡା, ଇସାକ ମହମ୍ମଦ ସାହା ଙ୍କୁ 'ଫୁଲର ହସ କବିତା' ସମ୍ମାନରେ ସମ୍ମାନିତ କରାଯାଇଥିବାବେଳେ ବିଭୂତି ଭୂଷଣ ସେନାପତିଙ୍କୁ 'ଫୁଲର ହସ ଗଳ୍ପ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଡ. ମମତା ସାହୁ ଏବଂ ଜାନକୀ ପାଢ଼ୀଙ୍କ ସଂଯୋଜନାରେ ସାଧନା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଏକ କବିତା ପଠୋତ୍ସବର ଆୟୋଜନ କରାଯାଇଥିଲା। ଏଥିରେ ୪୨ ରୁ ଉର୍ଦ୍ଧ୍ୱ କବି-କବୟିତ୍ରୀ କବିତା ପାଠ କରିଥିଲେ। ଶେଷରେ ସମାଜସେବିକା ଗୀତାଞ୍ଜଳି ଜେନା ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ।

## ଟ୍ରେନ୍‌ରେ ମୁତୟନ ହେବେ ଆରପିଏଫ୍, ଜିଆରପି : ଯାତ୍ରା ସମୟରେ ଯେକୌଣସି ସ୍ଥାନରୁ ଦେଇହେବ ଏଫଆଇଆର

ଭୁବନେଶ୍ୱର,୧୦।୧୧ (ନି.ପ୍ର): ଅଭିଯୋଗକାରୀଙ୍କୁ ସେମାନଙ୍କର ଅଭିଯୋଗ ସମ୍ବନ୍ଧରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଏବଂ ଯାତ୍ରା ସମୟରେ ହଇରାଣ ନହେବାକୁ ନିଶ୍ଚିତ କରିବାକୁ ରେଳବାଇ ପକ୍ଷରୁ ଅସୁରକ୍ଷିତ ତଥା ଚିହ୍ନିତ ଟ୍ରେନ ରୁଟ୍ ମାନଙ୍କରେ ଚଳାଚଳ କରୁଥିବା ଗୁରୁତ୍ୱପୂର୍ଣ୍ଣ ଟ୍ରେନ ମାନଙ୍କରେ ରେଳ ଯାତ୍ରୀଙ୍କୁ ସୁରକ୍ଷିତ ତଥା ସୁରକ୍ଷିତ ଯାତ୍ରା ସୁନିଶ୍ଚିତ କରିବା ପାଇଁ ରେଳ ସୁରକ୍ଷା ବଳ (ଆରପିଏଫ୍) ଏବଂ ସରକାରୀ ରେଳ ପୋଲିସ (ଜିଆରପି) ମୃତୟନ କରିବାକୁ ପଦକ୍ଷେପ ନେଇଛି। ଏହି ପରିପ୍ରେକ୍ଷୀରେ, ରେଳ ମନ୍ତ୍ରଣାଳୟ ଜିଆରପି /ଆରପିଏଫ୍ କର୍ମଚାରୀଙ୍କୁ ଟ୍ରେନ୍ ଏସକର୍ଟ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ମେଲ୍ / ଏକ୍ସପ୍ରେସ ଟ୍ରେନରେ ସ୍ଲିପର୍ କ୍ଲାସ୍ ରେ ଏସ-୧ କୋଚ୍ ର ବର୍ଥ ନମ୍ବର ୬୩ କୁ ସ୍ଥିରୀକୃତ କରିବାକୁ ନିଷ୍ପତି ନେଇଛି । ଏହି ସୁବିଧା ଶତାବ୍ଦୀ ଏକ୍ସପ୍ରେସର ଏସି ଚେୟାର କାର କୋଚରେ ଗୋଟିଏ ସିଟ୍ (କୋଚ୍ ନମ୍ବର ସି-୪ ରେ ବର୍ଥ ନମ୍ବର ୦୧) ଏବଂ ରାଜଧାନୀ ଏକ୍ସପ୍ରେସର ପାନ୍ଟ୍ରି କାରରେ ଗୋଟିଏ ବର୍ଥକୁ ମଧ ସ୍ଥିରୀକୃତ କରାଯାଇଛି । ଟ୍ରେନ୍ ଏସକର୍ଟିଙ୍ଗ୍ ଆରପିଏଫ୍ / ଜିଆରପି କର୍ମଚାରୀଙ୍କୁ ଏଫ୍ଆଇଆର୍ ଫର୍ମ ଯୋଗାଇ ଦିଆଯାଇଛି ଯାହା ଯାତ୍ରୀମାନଙ୍କୁ ଏଫ୍ଆଇଆର୍ ଲଜ୍ କରିବାକୁ ଯାତ୍ରା ଭଙ୍ଗ ନକରି ସେମାନଙ୍କର ଅଭିଯୋଗ ଦାଖଲ କରିବାପାଇଁ ସାହାଯ୍ୟ କରିଥାଏ। ଏହା ଯାତ୍ରୀମାନଙ୍କୁ ହଇରାଣ ହରକତ ବିନା ସେମାନଙ୍କୁ ଏଫ୍ଆଇଆର୍ ପଞ୍ଜିକରଣ ପାଇଁ ଯାତ୍ରା ବାତିଲ୍ କରିବାକୁ ପଡିବ ନାହିଁ। ମୋଟାମୋଟି ଭାବେ, ପୂର୍ବ ତଟ ରେଳ ପରିସୀମା ଅଧୀନରେ ଏକ ଶହ ସ୍ୱତନ୍ତ୍ର ଟ୍ରେନ୍ ସୁରକ୍ଷା କର୍ମୀଙ୍କ ଦ୍ୱାରା ଏସ୍କର୍ଟି ବା ପାଟ୍ରୋଲିଂ କରାଯିବ । ଏଥିରେ ଅପ ଦିଗରେ ୨୫ ନିୟମିତ ସ୍ୱତନ୍ତ୍ର ଟ୍ରେନ୍ ଓ ଡାଉନ୍ ଦିଗରେ ୨୬ ସ୍ୱତନ୍ତ୍ର ଟ୍ରେନ୍ ଏବଂ ଅପ ଦିଗରେ ୨୪ ଫେଷ୍ଟିଭାଲ୍ ସ୍ୱତନ୍ତ୍ର ଟ୍ରେନ୍ ଏବଂ ଡାଉନ୍ ଦିଗରେ ୨୫ ଟି ସ୍ୱତନ୍ତ୍ର ଟ୍ରେନ୍ ଅନ୍ତର୍ଭୁକ୍ତ । ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ବିଦ୍ୟା ଭୂଷଣ ମଧ ରେଳ ପରିସର ତଥା ଟ୍ରେନ୍ ଯାତ୍ରା ସମୟରେ ସାମାଜିକ ବିରୋଧୀ ତଥା ଅପରାଧିକ କାର୍ଯ୍ୟକଳାପ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନିଶ୍ଚିତ କରିବାକୁ ଉଭୟ ମୁଖ୍ୟାଳୟ ତଥା ରେଳମଣ୍ଡଳ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଗୋଟିଏ ଦିନରେ ୯୮୭ କରୋନା ଆକ୍ରାନ୍ତ ଚିହ୍ନଟ

## ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୦୧୫୭୪




ଭୁବନେଶ୍ୱର,୧୦।୧୧ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୯୮୭ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୦୩୭୮୦ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୨୮୯୬୮୯ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୧୨୫୮୪ ରହିଛି । ଆଜି ଚିହ୍ନଟ ହୋଇଥିବା ୯୮୭ ଜଣଙ୍କ ମଧ୍ୟରୁ ୫୭୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୧୫ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ ଜିଲ୍ଲାରେ ୧୦୭ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି। ଅନୁଗୁଳ ଜିଲ୍ଲାରେ ୮୬ , ବାଲେଶ୍ୱର ଜିଲ୍ଲାରେ ୨୫ ଜଣ, ବରଗଡ ଜିଲ୍ଲାରେ ୩୧ , ଭଦ୍ରକ ଜିଲ୍ଲାରେ ୪, ବଲାଙ୍ଗିର ଜିଲ୍ଲାରେ ୪୩, ବୌଦ୍ଧ ଜିଲ୍ଲାରେ ୭ ,କଟକ ଜିଲ୍ଲାରେ ୮୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଦେବଗଡ ଜିଲ୍ଲାରେ ୨, ଢେଙ୍କାନାଳ ଜିଲ୍ଲାରେ ୨୨, ଗଂଜାମ ଜିଲ୍ଲାରେ ୯, ଜଗତସିଂହପୁର ଜିଲ୍ଲାରେ ୪୫, ଯାଜପୁର ଜିଲ୍ଲାରେ ୨୭ . ଝାରସୁଗୁଡା ଜିଲ୍ଲାରେ ୩୪, କଳାହାଣ୍ଡି ଜିଲ୍ଲାରେ ୨୩, କନ୍ଧମାଳ ଜିଲ୍ଲାରେ ୮, କେନ୍ଦ୍ରାପଡା ଜିଲ୍ଲାରେ ୬୦ , କେନ୍ଦୁଝର ଜିଲ୍ଲାରେ ୩୦, ଖୋର୍ଦ୍ଧା ଜିଲ୍ଲାରେ ୮୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୭ ଜଣ, ମାଲକାନଗିରି ଜିଲ୍ଲାରେ ୪ ମୟୂରଭଂଜ ଜିଲ୍ଲାରେ ୮୪, ନବରଙ୍ଗପୁରରେ ୨୨, ନୟାଗଡ ଜିଲ୍ଲାରେ ୧୧, ନୂଆପଡା ଜିଲ୍ଲାରେ ୪୧, ପୁରୀ ଜିଲ୍ଲାରେ ୨୯, ରାୟଗଡା ଜିଲ୍ଲାରେ ୧୧, ସମ୍ବଲପୁର ଜିଲ୍ଲାରେ ୧୭ ,ସୋନପୁର ଜିଲ୍ଲାରେ ୯ ତଥା ସୁନ୍ଦରଗଡ ଜିଲ୍ଲାରେ ୧୦୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ରାଜ୍ୟ ପୁଲରେ ୧୮ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

ନାମଲେଖା ଚାଲିଛି

"ସା ବିଦ୍ୟା ଯା ବିମୁକ୍ତୟେ"

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

ମାତୃ ବିହାର, ମାନସିଂବଜାର, ବାଲେଶ୍ୱର

R.T.E. Act ଅନୁସାରେ ସମାଜରେ ଆର୍ଥିକ ଅନଗ୍ରସର, ଅବହେଳିତ ଓ ଗରିବ ପିଲାମାନଙ୍କ ପାଇଁ ୨୫% ନିଶୁଳ୍କ ଶିକ୍ଷାଦାନ ବ୍ୟବସ୍ଥା ରହିଛି ।

ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ଶିକ୍ଷାନୁଷ୍ଠାନ

ଯୋଗାଯୋଗ : ୮୨୮୦୧୫୯୬୩୫ / ୯୪୩୯୧୯୦୯୫୦

## ବିଜେଡିକୁ ସୁହାଇଲା 'ମାଇକ୍ରୋ ମ୍ୟାନେଜମେଣ୍ଟ ଫର୍ମୁଲା'

ବାଲେଶ୍ୱର,୧୦।୧୧ (ନି.ପ୍ର): ବାଲେଶ୍ୱର ଉପ-ନିର୍ବାଚନ ଫଳାଫଳ ପ୍ରକାଶ ପାଇଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ମଳ ଭାବମୂର୍ତ୍ତି ଓ ଜିଲ୍ଲାବାସୀଙ୍କୁ ତାଙ୍କର ବିକାଶର ପ୍ରତିଶ୍ରୁତି ଆଜି ବିଜେଡି ପ୍ରାର୍ଥୀ ସ୍ୱରୂପ ଦାସଙ୍କୁ ରରାଜ ତିଳକ ପିନ୍ଧାଇ ପାରିଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ବିଜେପି ପ୍ରାର୍ଥୀ ମାନସ ଦତ୍ତଙ୍କୁ ମିଳିଲାନି 'ବାପ ଛେଉଣ୍ଡ'ଭିତ୍ତିକ ଅନୁକମ୍ପା। ବାପା ସ୍ୱର୍ଗତ ମଦନ ମୋହନ ଦତ୍ତଙ୍କ ଉପାର୍ଜିତ ସମ୍ପତ୍ତି ରକ୍ଷା କରିବାରେ ସକ୍ଷମ ହୋଇ ପାରିଲେ ନି ସେ। ଭୋଟରଙ୍କ ମଧ୍ୟରେ ଭାବ ପ୍ରବଣତା ସୃଷ୍ଟି କରିବାରେ ସଫଳ ହୋଇ ପାରିଲେ ନାହିଁ ମାନସ। ଅନ୍ୟପକ୍ଷରେ ନରେନ୍ଦ୍ର ମୋଦିଙ୍କ ହାୱା ନଥିବା ବେଳେ ନିର୍ବାଚନ ପ୍ରଚାରର ମଙ୍ଗ ଧରିଥିବା କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଭୋଟରଙ୍କୁ ମନାଇବାରେ ଖାସ ଜଲୱା ଦେଖାଇପାରି ନାହାନ୍ତି। ସବୁଠାରୁ ବଡ଼କଥା ହେଲା ବିଜେପି ଜିଲ୍ଲା ସଭାପତି ଦଳୀୟ ସମନ୍ୱୟ ରକ୍ଷାରେ ଫେଲ୍ ମାରିବା। ସଦର ମଣ୍ଡଳୀ ବିଜେପି ନେତା ଓ କର୍ମୀଙ୍କ ସହ ତାଙ୍କର ବୁଝାମଣା ଅଭାବ ମାନସ ଦତ୍ତଙ୍କ ପରାଜୟର ଅନ୍ୟଏକ କାରଣ କୁହାଯାଉଛି। ତେବେ ଏହି ନିର୍ବାଚନ ପ୍ରଚାର ଦୌଡ଼ରୁ କଂଗ୍ରେସ ନେତାଙ୍କ ଦୂରେଇ ରହିବାର ସୁଯୋଗକୁ ବିନିଯୋଗ କରିବାରେ ବିଜେଡି ସଫଳ ହୋଇଥିବା ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି। ବିଶେଷ କରି ବସ୍ତି ବାସିନ୍ଦାଙ୍କ ଭୋଟ ସାଙ୍ଗକୁ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ବିପୁଳ ସମର୍ଥନ ବିଜେଡି ପ୍ରାର୍ଥୀଙ୍କୁ ଜିତାଇବାରେ ବେଶ ସହାୟକ ହୋଇଛି ବୋଲି କୁହାଯାଉଛି। ମୋଟ ଉପରେ ବିଜେଡି ରାଜ୍ୟ ନେତାଙ୍କ ନିର୍ବାଚନ ପରିଚାଳନାରେ 'ମାଇକ୍ରୋ ମ୍ୟାନେଜମେଣ୍ଟ' ଫର୍ମୁଲା ହିଁ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବାରେ ଅଧିକ ସହାୟ ହୋଇଛି। ଦଳୀୟ କର୍ମୀଙ୍କ ଅପେକ୍ଷା ସିଧାସଳଖ ଭୋଟରଙ୍କ ସହ ଯୋଗସୂତ୍ର ରକ୍ଷାର ନୂଆ ପଦ୍ଧତି ଏହି ନିର୍ବାଚନରେ ଚମତ୍କାର ଫଳ ଦେଇଛି ବୋଲି କୁହାଯାଉଛି।

## ସମାଜର ଉନ୍ନତି ପାଇଁ ବିଜ୍ଞାନ ଓ ବୈଷୟିକ ବିଦ୍ୟାକୁ ପ୍ରୋତ୍ସାହନ ଦେବା : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୦।୧୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶ୍ୱ ବିଜ୍ଞାନ ଦିବସ ଅବସରରେ କହିଛନ୍ତି ଯେ ମାନବ ଜାତି ଇତିହାସର ସର୍ବବୃହତ ସ୍ୱାସ୍ଥ୍ୟ ଆହ୍ୱାନ ବିରୁଦ୍ଧରେ ସଂଗ୍ରାମ କରୁଥିବାବେଳେ ସମାଜରେ ବିଜ୍ଞାନର ଭୂମିକା ଉପରେ ତୀକ୍ଷଣ ଦୃଷ୍ଟି କେନ୍ଦ୍ରିତ ହୋଇଛି । ଶାନ୍ତି ଓ ବକାଶ ପାଇଁ ସମାଜର ଉନ୍ନତିକଳ୍ପେ ବିଜ୍ଞାନ ଓ ବୈଷୟିକ ବିଦ୍ୟାକୁ ପ୍ରୋତ୍ସାହନ ଦେବା ପାଇଁ ଆମ୍ଭମାନଙ୍କ ସଂକଳ୍ପକୁ ପୁନଃପ୍ରତିଷ୍ଠିତ କରିବା ନିମନ୍ତେ ସେ ଆହ୍ୱାନ ଦେଇଛନ୍ତି ।

## କାଳୀପୂଜା ପାଇଁ ପ୍ରଶାସନର କଟକଣା ଜାରି : ବାଣ ଫୁଟିଲେ କଡା କାର୍ଯ୍ୟାନୁଷ୍ଠାନ

ଭଦ୍ରକ,୧୦।୧୧ (ନି.ପ୍ର): ଚଳିତ ବର୍ଷ କାଳୀପୂଜା କୋଭିଡ଼ କଟକଣା ମଧରେ ପାଳନ କରାଯିବ। ମଣ୍ଡପରେ କେବେଳ ରୀତିନୀତି ଅନୁଯାୟ ପୂଜା ହେବ। ସେଠାକୁ ଭକ୍ତମାନଙ୍କ ଯିବାକୁ ବାରଣ କରାଯାଇଛି। ବ୍ରାହ୍ମଣ ଓ କର୍ତ୍ତାଙ୍କୁ ମିଶାଇ ମୋଟ ୭ଜଣ ମଧରେ ସୀମିତ ରହି ପୂଜା କର୍ମ କରିବେ। ମଣ୍ଡପର ୩ ପାର୍ଶ୍ୱକୁ ସମ୍ପୂର୍ଣ୍ଣ ଘୋଡାଇ ରଖାଯିବା ସହିତ କେବଳ ସମ୍ମୁଖ ଭାଗ କନା ଦ୍ୱାରା ଆବଦ୍ଧ କରାଯାଇ ରଖାଯିବ। କୌଣସି ଆଡମ୍ବର କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ ପାରିବ ନାହିଁ। ମୂର୍ତ୍ତିର ଉଚ୍ଚତା ୪ ଫୁଟରେ ସୀମିତ ରହିବ। ସେହିଭଳି ସମ୍ପୂର୍ଣ୍ଣ କୋଭିଡ଼ କଟକଣାରେ ପାଳିତ ହେବାକୁ ଥିବା ଏହି ଦୀପାବଳୀରେ ବାଣ ବିକ୍ରି ଓ ବାଣ ଫୁଟାଇବା ଉପରେ କଡା କଟକଣା ଜାରି କରାଯାଇଛି । ଏ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ମାଇକ୍ ଯୋଗେ ପ୍ରଚାର ମଧ ଜାରି ରହିଛି। ବାଣ ବିକ୍ରି କଲେ କିମ୍ବା ଫୁଟାଇଲେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସଚେତନତା କରାଯାଉଛି। ଏଡି ନିର୍ଦ୍ଦେଶନାମା ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ଅନ୍ୟପକ୍ଷରେ ନିଜେ ସତର୍କ ରହିବା ସହିତ ଅନ୍ୟମାନଙ୍କ ସତର୍କ କରାଇବାକୁ ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଡ. ଜ୍ଞାନ ଦାସ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଏଥି ନିମନ୍ତେ ଜିଲ୍ଲାର



ସମସ୍ତ ବିଡିଓ, ତହସିଲଦାର, ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ କଡା ନଜର ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଲୋକେ ଏହାକୁ ଅମାନ୍ୟ କଲେ ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶରେ କୁହାଯାଇଛି।

## କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୧୩୬ ଜଣଙ୍କଠାରୁ ଜୋରିମାନା

ଭୁବନେଶ୍ୱର,୧୦।୧୧ (ନି.ପ୍ର): କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୧୩୬ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୪୯୩ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ମୋଟର ଯାନ ଆଇନ୍ ଓ ଓଡିଶା ସହରାଂଚଳ ପୋଲିସ ଆଇନ୍ ଉଲ୍ଲଂଘନ କରିଥିବା ୬୫୨ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।

## ସର୍ବଭାରତୀୟ ସ୍ତରରେ କ୍ରୁଟ୍‌ର ଉତ୍କର୍ଷତା

ଭୁବନେଶ୍ୱର,୧୦।୧୧ (ନି.ପ୍ର): ଭାରତ ସରକାରଙ୍କ ଗୃହ ଓ ନଗର ବ୍ୟାପାର ମନ୍ତ୍ରାଳୟ ଦ୍ୱାରା ଆୟୋଜିତତ୍ରୟୋଦଶ ସର୍ବଭାରତୀୟ ଯାତାୟତ ବ୍ୟବସ୍ଥା ସଂପର୍କିତ ସମ୍ମିଳନୀରେ କୋଭିଡ୍-୧୯ ପରିସ୍ଥିତିରେ ସହରାଂଚଳ ପରିବହନ କ୍ଷେତ୍ରରେ ଉନ୍ନତ ସେବା ପାଇଁ ରାଜଧାନୀ ଅଂଚଳ ନଗର ପରିବହନ (କ୍ରୁଟ୍), ଭୁବନେଶ୍ୱର ଉତ୍କର୍ଷ ପୁରସ୍କାର ଲାଭ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି । କ୍ରୁଟ୍ ମହାମାରୀ ସମୟରେ ନାଗରିକମାନଙ୍କ ସୁରକ୍ଷିତ ଯାତ୍ରାକୁ ସୁନିଶ୍ଚିତ କରିବା ସହ ସେମାନଙ୍କ ଦ୍ୱାରଦେଶରେ ସୁବିଧା ଉପଲବ୍ଧ କରାଇପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଦିବଂଗତ ଆଇନଜୀବୀଙ୍କୁ ଶ୍ରଦ୍ଧାଞ୍ଜଳି



ବାଲେଶ୍ୱର,୧୦।୧୧ (ନି.ପ୍ର): ମାନସିଂବଜାର ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ଉପଦେଷ୍ଟା ତଥା ବାଲେଶ୍ୱର ବାର ଆସୋସିଏସନର ସଭାପତି ବରିଷ୍ଠ ଆଇନଜୀବୀ ନିରଂଜନ ପଣ୍ଡାଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ବିଦ୍ୟାଳୟ ପରିସରରେ ଆଜି ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ରାଧାକୃଷ୍ଣ ଆଚାର୍ଯ୍ୟ ଏଥିରେ ପୌରୋହିତ୍ୟ କରିବା ସହିତ ସ୍ୱର୍ଗତ ପଣ୍ଡାଙ୍କ ଜୀବନାଦର୍ଶ ଓ କାର୍ଯ୍ୟଧାରା ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ପାଦକ ଗୟାଧର କର, ଉପସଭାପତି ଅଶୋକ କୁମାର ଜେନା, ପ୍ରଧାନ ଆଚାର୍ଯ୍ୟ ବିଜୟଲକ୍ଷ୍ମୀ ଜେନା ପ୍ରମୁଖ ଏଥିରେ ଯୋଗଦେଇ ପରିପୂର୍ଣ୍ଣ ବ୍ୟକ୍ତିତ୍ୱ ଭାବେ ସ୍ୱର୍ଗତ ପଣ୍ଡାଙ୍କ ଜୀବନ ଧାରା ଆଜି ସମସ୍ତଙ୍କ ପାଇଁ ପ୍ରେରଣା ହୋଇଛି ବୋଲି କହିଥିଲେ। ତାଙ୍କର ବିୟୋଗ କେବଳ ମାନସିଂବଜାର ସ୍ୱରସ୍ୱତୀ ବିଦ୍ୟାମନ୍ଦିର ନୁହେଁ, ବରଂ ଜିଲ୍ଲାର ଏକାଧିକ ଅନୁଷ୍ଠାନ ଓ ସଂଗଠନ ପାଇଁ ସୃଷ୍ଟି କରିଥିବା ଅଭାବ ଅପୂରଣୀୟ ବୋଲି ସେମାନେ ମତ ପ୍ରକାଶ କରିଥିଲେ। ଜଣେ ପ୍ରତିଷ୍ଠିତ ଆଇନଜୀବୀ ସାଙ୍ଗକୁ ସମାଜସେବା, ରାଜନୀତି କ୍ଷେତ୍ରରେ ବି ସେ ବେଶ୍ ଲୋକପ୍ରିୟ ଥିଲେ। ତାଙ୍କର ବିୟୋଗରେ ବାଲେଶ୍ୱରବାସୀ ଜଣେ ମେଳାପୀ, ମିଷ୍ଟଭାଷୀ, ପରୋପକାରୀ ତଥା ଦରଦୀ ବ୍ୟକ୍ତିତ୍ୱଙ୍କୁ ହରାଇଛି ବୋଲି ସମ୍ପାଦକ ଶ୍ରୀ କର ମତ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଗୁରୁମା ଦେବସ୍ମିତା ବେହେରା, ହରପ୍ରିୟା ଭୂୟାଁ, ଆରତୀ ପାତ୍ର, କାବେରୀ ବାରିକଙ୍କ ସମେତ ବିଦ୍ୟାଳୟର ସମସ୍ତ ଗୁରୁଜୀ ଓ ଗୁରୁମା ଏହି ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ରହି ସ୍ୱର୍ଗତ ପଣ୍ଡାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ। ପ୍ରାରମ୍ଭରେ ତାଙ୍କର ଫଟୋଚିତ୍ରରେ ପୁଷ୍ପ ଅର୍ପଣ ଓ ଦୀପଦାନ ସହ ଦିବଂଗତ ଆତ୍ମାଙ୍କ ଉଦ୍ଦେଶ୍ୟରେ ସମସ୍ତେ ନିରବ ପ୍ରାର୍ଥନା କରିଥିଲେ।

## ଶ୍ରୀମନ୍ଦିରର ୮ଟି ଦ୍ୱାର ରୂପାଛାଉଣି ପ୍ରସଙ୍ଗରେ ୧୦ ଜଣିଆ ଟିମ୍ ଅନୁଧ୍ୟାନ ପାଇଁ ଶିଳ୍ପୀ କାମ ରଘୁରାଜପୁରରେ

ପୁରୀ ,୧୦।୧୧ (ନି.ପ୍ର): ଶ୍ରୀମନ୍ଦିରର ୮ଟି ଦ୍ୱାର ରୂପାଛାଉଣି ପ୍ରସଙ୍ଗରେ ୧୦ ଜଣିଆ ଟିମ୍ ଶିଳ୍ପୀ କାମ ରଘୁରାଜପୁରରେ ବିଭିନ୍ନ ଡ଼ିଜାଇନ୍ ଅନୁଧ୍ୟାନ କରିଛନ୍ତି। କିଛି ଡ଼ିଜାଇନ୍ ସଂଗ୍ରହ କରିଛି କମିଟି। ଏହା ପରେ ପରିଚାଳନା କମିଟି ସଦସ୍ୟଙ୍କ ସହ ମୁମ୍ବାଇର ଦାତାଙ୍କ ପ୍ରତିନିଧି ଶ୍ରୀମନ୍ଦିର ଯାଇ ଦ୍ୱାର ଦେଖିଛନ୍ତି। ଉତ୍କଳୀୟ ଓ ଶ୍ରୀମନ୍ଦିର କଳା ଓ ସ୍ଥାପତ୍ୟ ଆଧାରରେ ଚୂଡ଼ାନ୍ତ ଡ଼ିଜାଇନ୍ ନିର୍ଦ୍ଧାରଣ ହେବ। ଶ୍ରୀମନ୍ଦିରର ଦ୍ୱାର ରୂପା ଛାଉଣି ଡ଼ିଜାଇନ୍ ନେଇ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ। ତେବେ ଆଜି ଶ୍ରୀମନ୍ଦିରର ସ୍ୱତନ୍ତ୍ର କମିଟି ଶିଳ୍ପୀ କାମ ରଘୁରାଜପୁର ଯାଇ ବିଭିନ୍ନ ଚିତ୍ରକଳା, ଡ଼ିଜାଇନ୍ ଦେଖିବା ସହ କିଛି ଡ଼ିଜାଇନ୍ ସଂଗ୍ରହ କରିଛନ୍ତି। ଆଗାମୀ ୧୯ ତାରିଖ ବୈଠକରେ ଏହି ଡ଼ିଜାଇନ୍ ଚୂଡ଼ାନ୍ତ ହେବ। ଏହି କମିଟି ସେଠାରେ ଅନେକ ପଟ୍ଟଚିତ୍ର ଶିଳ୍ପୀଙ୍କ ଘର ବୁଲିବା ସହ ବିଭିନ୍ନ ଡ଼ିଜାଇନ୍ ସଂଗ୍ରହ କରିଛନ୍ତି। ପଟ୍ଟଚିତ୍ରର ଏନ୍ତୁଡ଼ିଶାଳ ରଘୁରାଜପୁର ହୋଇଥିବାରୁ ଶ୍ରୀଜଗନ୍ନାଥ ସଂସ୍କୃତି ଓ ଉତ୍କଳୀୟ ପରମ୍ପରାକୁ ଆଧାର କରି ଶତଦଳପଦ୍ମ, ଓଲଟାପଦ୍ମ, ଫୁଟାପଦ୍ମ, ଅବର୍ଣ୍ଣନୀୟପଦ୍ମ ଓ ସହସ୍ରଦଳପଦ୍ମର ଡ଼ିଜାଇନ୍ ସଂଗ୍ରହ କରିଛି। ଏହି ଡ଼ିଜାଇନ୍‌କୁ ଆସନ୍ତା ୧୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ୩ୟ ବୈଠକରେ ଉପସ୍ଥାପନ କରାଯାଇ, ଏହି ଡ଼ିଜାଇନ୍ ବିଷୟରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ।

## ଲକ୍‌ଡାଉନ୍ ସମୟରେ ଗୁପ୍‌ଚୁପ୍ ସ୍ୱାବଲମ୍ବୀ କରିପାରିଛି ରାଧାମାଧବ ପରିବାରକୁ



ଜଳେଶ୍ୱର,୧୦।୧୧ (ନି.ପ୍ର): ସମଗ୍ର ବିଶ୍ୱରେ କରୋନା ସଂକ୍ରମଣ ଜୀବନ ଜୀବିକାକୁ ଅସ୍ତବ୍ୟସ୍ତ କରିଥିବା ବେଳେ ସମସ୍ତେ ପରିବାର ପ୍ରତିପୋଷଣ ଲାଗି ଚିନ୍ତିତ ହେଉଥିଲେ । ରୋଗର ଭୟ ଓ ପେଟର ଭୋକ ସମସ୍ତଙ୍କୁ ଆନ୍ଦୋଳିତ କରୁଥିବା ବେଳେ ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅନ୍ତର୍ଗତ ମହମ୍ମଦନଗର ପାଟଣା ପଂଚାୟତର ମିଲିଟାରି ବଜାରରେ ବସବାସ କରୁଥିବା ରାଧାମାଧବ ଦାସ ତାଙ୍କର ପୁରୁଣା ବ୍ୟବସାୟ ଗୁପ୍‌ଚୁପ୍ ବିକ୍ରି ଆରମ୍ଭ କରିଦେଇଥିଲେ । ଏହି ବ୍ୟବସାୟରେ ୫ ପ୍ରାଣୀ କୁଟୁମ୍ବ ପ୍ରତିପୋଷଣ ହେବା ସହିତ ୧ବଖର ଛୋଟ ଦୋକାନ ଟିଏ ନିର୍ମାଣ କରିବାରେ ସକ୍ଷମ ହୋଇଛନ୍ତି । ଗୌରହରି ଦାସ ଓ ପ୍ରତିମା ଦାସଙ୍କ ଏକମାତ୍ର ପୁତ୍ର ରାଧାମାଧବ ଦାସ ଗତ ୧୦ବର୍ଷ ଧରି ଜଳେଶ୍ୱର ବସ୍‌ଷ୍ଟାଣ୍ଡରେ ଗୁପ୍‌ଚୁପ୍ ବ୍ୟବସାୟ କରି ଆସୁଥିଲେ। ମାର୍ଚ୍ଚ ଶେଷ ସପ୍ତାହରେ କରେନା ସଂର୍କମଣର ଭୟ ଓ ପ୍ରଶାସନୀକ ଛାଟ ଯୋଗୁଁ ବ୍ୟବସାୟ ବନ୍ଦ କରି ଘରେ ରହିଯାଇଥିଲେ । କିନ୍ତୁ ଭୋକର ତାଡନା ତାଙ୍କ ପରିବାରକୁ କଲା ଅତିଷ୍ଠ । ସରକାରଙ୍କ ନିତୀ ନିୟମ ଅନୁଯାୟୀ ଦୂରତ୍ୱ ରକ୍ଷାକରି ଓ ମାକ୍ସ ପିନ୍ଧି ଜଳେଶ୍ୱର -ଚାଲନ୍ତି ରାସ୍ତା ପାର୍ଶ୍ୱରେ କରିଛନ୍ତି ଏକ ଗୁପ୍‌ଚୁପ୍ ଦୋକାନ । ପରିସ୍କାର ପରିଛନ୍ନତା ଅବଲମ୍ବନ କରୁଥିବାରୁ ଦିନକୁ ଦିନ ଗଳହୀ ବଢିବାରେ ଲାଗିଛି । ବାପା, ମା ଓ ସ୍ତ୍ରୀ ସମସ୍ତେ ତାକୁ ଏହି କାର୍ଯ୍ୟରେ ସହାୟତା କରୁଛନ୍ତି । ସକାଳରୁ ସଂଜଯାଏ ପ୍ରତିଦିନ ୧ହଜାରରୁ ଅଧିକ ଟଙ୍କାର ଗୁପ୍‌ଚୁପ୍ ବିକ୍ରି କରୁଥିବା ବେଳେ ସେଥିରୁ ପ୍ରାୟ ୨୫୦ଟଙ୍କା ଯାଏ ଲାଭ ପାଇପାରୁଛନ୍ତି । ପରିବାରର ଆର୍ଥୀକ ବୋଝକୁ ସମ୍ଭାଳିବା ପାଇଁ ସେ ତାଙ୍କର ବ୍ୟବସାୟ ବଢାଇ ଚାଲିଛନ୍ତି। ରାଧାମାଧବଙ୍କ ବୟାନ ଅନୁଯାୟୀ ପାଣିପୁରୀ ଗୁପ୍‌ଠାରୁ ଦହି ଗୁପ୍‌ଚୁପ୍‌ର ଚାହିଦା ଅଧିକ । ଆଳୁ ଚକଟା ସହିତ ବୁଟ ଓ ମଟର ତଥା ମସଲା ମିଶାଇ ତେନ୍ତୁଳି ପାଣିର ଗୁପ୍‌ଚୁପ୍‌ଠାରୁ କାକୁଡି ଗାଜର, ପିଆଜ ସହିତ ଦହି ମିଶାଇ ଦହି ଗୁପ୍‌ଚୁପ୍ ଯାହାର ପାଟିରେ ବାଜିଛି ସେ ପୁଣି ଆଉଥରେ ତା ପାଖକୁ ଟାଇ ହୋଇ ଆସୁଛି । ଦୁଃଖର ବିଷୟ ଜମିବାଡିଶୂନ୍ୟ ରାଧାମାଧବ କେବଳ ଏହି ଉଠାଦୋକାନ ଦ୍ୱାରା ପରିବାର ପ୍ରତିପୋଷଣ କରିଆସୁଥିବା ବେଳେ ଲକ୍‌ଡାଉନ୍ ଓ ସଟ୍‌ଡାଉନ୍ ସମୟରେ କଳିଆ ଓ ବଳିଆ ଯୋଜନା ମିଳିପାରିନାହିଁ । ସରକାରୀ ଯୋଜନା ତା ନିକଟରେ ଅପହଞ୍ଚ ଥିବା ବେଳେ ତାକୁ ସରକାରୀ ସହାୟତା ଓ ବ୍ୟାଙ୍କରୁ ଋଣ ଯୋଗାଇ ଦିଆଗଲେ ଭଲ ରେଷ୍ଟୁରେଣ୍ଟଟି ଖୋଲି ସେ ଅଂଚଳବାସୀଙ୍କ ଅଭାବ ପୂରଣ କରିବା ସହ ଅଧିକ ରୋଜଗାରକ୍ଷମ ହୋଇ ପାରନ୍ତା ବୋଲି କହିଛି ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନରେ ଗୋଟିଏ ମାମଲା

ଭୁବନେଶ୍ୱର,୧୦।୧୧ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ଗୋଟିଏ ମାମଲା ରୁଜୁ କରିଛି । ୪୩ ଜଣଙ୍କୁ ଗିରଫ କରା ଯାଇଥିବା ବେଳେ ୬୯୬ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୧୮,୭୬,୭୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo